

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୨୨ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 22 APRIL 2022
Vol.No. 33 ■ No. 104 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ରୁଷିଆ କବଜାରେ 'ମାରିୟୁପୋଲ'

ନୂଆଦିଲ୍ଲୀ, ୨୧/୦୪ : ୫୬ ଦିନର ଯୁଦ୍ଧ ପରେ ୟୁକ୍ରେନର ବନ୍ଦର ସହର ମାରିୟୁପୋଲକୁ ଦଖଲ କରିଛି ରୁଷିଆ ସେନା । ଅନ୍ତର୍ଜାତୀୟ ଖବର ସରବାରହ ସଂସ୍ଥା ଏଏଫପିର ରିପୋର୍ଟ ଅନୁସାରେ, ମାରୁୟୁପୋଲ ଦଖଲ ନେଇ ଘୋଷଣା କରିଛନ୍ତି ଆକ୍ରମଣକାରୀ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ରୁଷିଆ ରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, କେବଳ ଅଜୋଭଷ୍ଟଲ ପ୍ଲାଂଟ୍କୁ ଛାଡିଦେଲେ ବାକି ସମଗ୍ର ସହରକୁ ରୁଷିଆ ସେନା କବ୍ଜା କରି ନେଇଛି । କେବଳେ ସେତିକି ନୁହେଁ ସହରର ୯୦ ପ୍ରତିଶତ ଭାଗକୁ ଧ୍ୱଂସ କରିଦେଇଛି ପୁଟିନ୍ ବାହିନୀ । ଆଉ ଅଜୋଭଷ୍ଟଲ ଶିଳ୍ପାଂଚଳକୁ ଚାରିପଟୁ ଘେରାବନ୍ଦୀ କରିବାକୁ ରୁଷ ସେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଆକ୍ରମଣକାରୀ ପୁଟିନ୍ । ଦୀର୍ଘଦିନ ଧରି ଯୁଦ୍ଧ ପରେ ମାରିୟୁପୋଲ ସହରକୁ ସ୍ୱାଧିନ କରାଯାଇଥିବା ପୁଟିନ୍ କହିଛନ୍ତି ।



ମାରିୟୁପୋଲକୁ ଦଖଲ କରିବା ପାଇଁ ଲଗାତର ବୋମାବର୍ଷା ଓ ନୃଶଂସ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ପୁଟିନ୍ । ମାରିୟୁପୋଲକୁ ରୁଷିଆ ସେନା ଦଖଲ କରିନେଇଥିବା ଖବର ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଜଣାଇଥିଲେ ରୁଷ ପ୍ରତିରକ୍ଷା ମନ୍ତ୍ରୀ ସରଗଇ ସୋହିଗୁ । ଜବାବରେ ପୁଟିନ୍ କହିଥିଲେ ଯେପରି ଗୋଟିଏ ମାଛି ବି ସେଠାରୁ ବର୍ତି ନପାରେ । ମୋର ପ୍ରସ୍ତାବ ରହିବ ଏବେ ଶିଳ୍ପାଂଚଳ ଆଡକୁ କେନ୍ଦ୍ର କର..ପରିସ୍ଥିତି ଏବେ ଯେପରି ରହିଛି ଆମକୁ ଭଲାଭାବେ ଚିନ୍ତା କରି କୌଣସି ନିଷ୍ପତି ନେବାକୁ ହେବ । ଯେଉଁଠି ଆମେ ସେନାଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପ୍ରତି ବିପଦ ଅଛି ସେଠାରେ ଅଜଥାରେ ମାଡି ହୋଇ ରହିବାର ଆବଶ୍ୟକତା ନାହିଁ । ହେଲେ ଶିଳ୍ପାଂଚଳକୁ ଚାରିପଟୁ ଘେରାବନ୍ଦୀ କର ଯେପରି ଗୋଟିଏ ମାଛି ବି ଖସି କି ନ ପଳାଏ । ମାରିୟୁପୋଲ ଦଖଲ ପାଇଁ ଗତ କିଛିଦିନ ହେବ ଜୋରଦାର ଆକ୍ରମଣ କରୁଥିଲା ରୁଷିଆ ସେନା । ଲଗାତର ବୋମାବର୍ଷା ଓ ନୃଶଂସ ଆକ୍ରମଣ ସତ୍ତ୍ୱେ ମାରିୟୁପୋଲରେ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ ନଥିଲେ ଜେଲେନସ୍କିଙ୍କ ସେନା । ମଙ୍ଗଳବାର ଅପରାହ୍ନ ସୁଦ୍ଧା ପ୍ରଥମେ ମାରିୟୁପୋଲ ସେନାକୁ ଆତ୍ମସମର୍ପଣ କରିବା ପାଇଁ ସମୟ ଦେଇଥିଲା ରୁଷିଆ । ଏହା ପରେ ଆକ୍ରମଣକୁ ଜୋରଦାର କରି ପୁଣି ବୁଧବାର ଅପରାହ୍ନ ସୁଦ୍ଧା ଆତ୍ମସମର୍ପଣ କରିବା ପାଇଁ ଚେତାବନୀ ଦେଇଥିଲା କ୍ରେମଲିନ । କିନ୍ତୁ ଜଣେ ହେଲେ ସୈନିକ ଅସ୍ତ୍ର ତ୍ୟାଗ କରିନଥିଲେ । ୟୁକ୍ରେନ ମାରିୟୁପୋଲରେ ଆତ୍ମସମର୍ପଣ କରିବ ନାହିଁ ବୋଲି ବାରମ୍ବାର ଦୋହରାଇ ଆସୁଥିଲେ ରାଷ୍ଟ୍ରପତି ଜେଲେନସ୍କି । ଫଳରେ ଏହି ବନ୍ଦର ସହରରେ ଅତି ସାଂଘାତିକ ମାନବୀୟ ବିପର୍ଯ୍ୟୟ ସୃଷ୍ଟି ହୋଇଛି । ମାରିୟୁପୋଲ ଦଖଲ ପାଇଁ ଯୁଦ୍ଧର ଭୟଙ୍କର ସ୍ଥିତି ଦେଖିବାକୁ ମିଳିଛି । ଦିନକୁ ଦିନ ନୃଶଂସ ହେବାରେ ଲାଗିଛନ୍ତି ପୁଟିନ । ମାରିୟୁପୋଲ ଦଖଲ କରିବା ରାଷ୍ଟ୍ରପତି ପୁଟିନ୍ ନିଜର ଏକ ବଡ ସଫଳତା ବୋଲି ମନେ କରୁଛନ୍ତି । ▶▶ପୃଷ୍ଠା ୭

# କଂଗ୍ରେସ ପାଇଁ ପ୍ରଶାନ୍ତ କିଶୋରଙ୍କ ବ୍ଲୁ ପ୍ରିଣ୍ଟ

ନୂଆଦିଲ୍ଲୀ, ୨୧/୦୪ : ପ୍ରଥମେ ଲୋକସଭା ଓ ନିକଟରେ ବିଧାନସଭା ନିର୍ବାଚନରେ ଖରାପ ପ୍ରଦର୍ଶନ ପରେ ଏବେ ଆକ୍ସନ ମୋଡକୁ ଆସିବାକୁ ପ୍ରସ୍ତୁତି ଆରମ୍ଭ କରୁଛି କଂଗ୍ରେସ । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ଏକ ପ୍ରେଜେଣ୍ଟେସନ୍ ରଖିଛନ୍ତି । କଂଗ୍ରେସ ଯେପରି ପୁଣିଥରେ ଆଗଧାଡିରେ ଛିଡା ହୋଇପାରିବ ସେଥିପାଇଁ ସେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି । ଏହା ସହ କଂଗ୍ରେସର ନେତୃତ୍ୱକୁ ନେଇ ମଧ ନିଜ ମତ ରଖିଛନ୍ତି ପ୍ରଶାନ୍ତ କିଶୋର । ୨୦୧୪ ଲୋକସଭା ନିର୍ବାଚନରେ ପରାଜୟ ପରେ କଂଗ୍ରେସର ପ୍ରଦର୍ଶନରେ ଲଗାତାର କ୍ଷତି ଦେଖିବାକୁ ମିଳୁଛି । ହେଲେ ଏହି ପରାଜୟରୁ ଉଠି ବିଜୟ ଆଡକୁ ଯିବାକୁ କଂଗ୍ରେସ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ପ୍ରଶାନ୍ତ କିଶୋର ।



କୁହାଯାଉଛି ଯେ, ପ୍ରଶାନ୍ତ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ଦଳର ବରିଷ୍ଠ ନେତାଙ୍କ ସହ ମିଶି ବୈଠକ କରିଛନ୍ତି । ଆଗକୁ ହେବାକୁ ଥିବା ଲୋକସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନକୁ ଆଖି ଦୃଷ୍ଟିଆ କରିବାକୁ ସେ ଏକ ପ୍ରେଜେଣ୍ଟେସନ୍ ଦେଇଛନ୍ତି । ତାଙ୍କର ଏହି ପୁରା ପ୍ଲାନକୁ ନେଇ ଏବେ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ନିଜ ପ୍ରେଜେଣ୍ଟେସନରେ ପ୍ରଥମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ କୋଟେସନରୁ ଆରମ୍ଭ କରିଥିଲେ ପ୍ରଶାନ୍ତ । କହିଥିଲେ 'କଂଗ୍ରେସକୁ କେବେ ମାରିଦେବାକୁ ଦିଆଯିବ ନାହିଁ । ଏହି ଦଳ କେବଳ ରାଷ୍ଟ୍ର ସହ ଓ ରାଷ୍ଟ୍ର ପାଇଁ ମରିବ' । ଏହାପରେ ଦେଶର ଜନସଂଖ୍ୟା, ଭୋଟର, ବିଧାନସଭା ସିଟ୍, ଲୋକସଭା ସିଟର ଏକ ବିସ୍ତୃତ ଆକଳନ ଉପସ୍ଥାପନ କରିଥିଲେ । କେବଳ ଏତିକି ନୁହେଁ ମହିଳା, ଯୁବକ, କୃଷକ, ଓ କ୍ଷୁଦ୍ର ବ୍ୟବସାୟୀଙ୍କ ସଂଖ୍ୟାର ଆକଳନ ମଧ ପ୍ରସ୍ତୁତ କରିଛନ୍ତି । ଏହି ପ୍ଲାନରେ ସେ ୨୦୨୪ରେ ଭୋଟ ଦେବାକୁ ଥିବା ୧୩ କୋଟି ନୂଆଁ ଭୋଟରଙ୍କୁ ଫୋକସ୍ କରିଛନ୍ତି ।

## କାଳବୈଶାଖୀ ସମ୍ଭାବନା, ୨୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସହ କାଳବୈଶାଖୀର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦିନ ତାପମାତ୍ରା ସାମାନ୍ୟ ହ୍ରାସ ପାଇପାରେ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଂଟା ମଧରେ ▶▶ପୃଷ୍ଠା ୭

## ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଲେ ସୁବାସ ସିଂହ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): କଟକ ମେୟର ଭାବେ ନିର୍ବାଚିତ ହେବା ପରେ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି ସୁବାସ ସିଂ ।ରାଜ୍ୟସଭା ଅଧକ୍ଷଙ୍କ ପାଖକୁ ସେ ଇସ୍ତଫା ପତ୍ର ପଠାଇଛନ୍ତି । ସୁବାସ ସିଂ ୨ ଏପ୍ରିଲ ୨୦୨୦ରେ ରାଜ୍ୟସଭା ସାଂସଦ ଭାବେ ଦାୟିତ୍ୱ ନେଇଥିଲେ । ରାଜ୍ୟସଭା ସାଂସଦ ଭାବେ ୨ ବର୍ଷ ୨୦ ଦିନ ପୂରଣ କରିଛନ୍ତି ସୁବାସ । ଏବେ ସେ କଟକ ମେୟର ଭାବରେ ନିର୍ବାଚିତ ହୋଇଛନ୍ତି । ଯାହା ଫଳରେ ରାଜ୍ୟସଭା ସାଂସଦ ପଦରୁ ସେ ଇସ୍ତଫା ଦେଇଛନ୍ତି ।

# ମଇ ୨୭ରେ ସ୍ଥଗିତ ଥିବା ସ୍ଥାନରେ ପଂଚାୟତ ନିର୍ବାଚନ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ଗତ ପଂଚାୟତ ନିର୍ବାଚନବେଳେ ୱାର୍ଡମେମ୍ବର, ସରପଂଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ପଦବୀ ନିମନ୍ତେ ନିର୍ବାଚନ ସମୟରେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁଁ ଯେଉଁସବୁ ସ୍ଥାନରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା, ସେଠାରେ ପୁନର୍ବାର ବିଧିବ୍ୟବସ୍ଥା ଅନୁସାରେ ନିର୍ବାଚନ କରାଇବା ଲାଗି ରାଜ୍ୟ ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ନିର୍ବାଚନ ସ୍ଥଗିତ ଥିବା ସ୍ଥାନରେ ଆସନ୍ତା ମଇ ମାସ ୨୭ ତାରିଖ ଦିନ ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁସାରେ ଅପ୍ରେଲ ୨୬ ତାରିଖରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନୋଟିସ୍ ଜାରି କରାଯିବ । ଏପ୍ରିଲ୍ ୨୯ ତାରିଖରୁ ମେ ୨ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଗ୍ରହଣ ଓ ଦାଖଲ କରାଯିବ । ମେ ୦୪ ତାରିଖରେ ନାମାଙ୍କନ ପତ୍ର ଯାଂଚ, ମେ ୦୫ ତାରିଖରେ ପ୍ରାର୍ଥୀ



ତାଲିକା ପ୍ରକାଶ ପରେ ମେ ୦୭ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ମେ ୨୭ ତାରିଖ ସକାଳ ୭ଟାଠାରୁ ଦିନ ୧ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ । ୨୮ରେ ଭୋଟଗଣତି ଓ ନିର୍ବାଚନ ଫଳାଫଳ ଘୋଷଣା ହୋଇ ୩୧ ତାରିଖରେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ ବୋଲି ରାଜ୍ୟ ନିର୍ବାଚନ କମିଶନ ସୂତ୍ରରୁ ପ୍ରକାଶ । ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ଅଂଚଳରେ ଅପ୍ରେଲ ୨୧ ତାରିଖଠାରୁ ମଇ ୨୮ ତାରିଖ ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ଲାଗୁ ହେଲା । ପୂର୍ବରୁ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ପୁନରାୟ ନାମାଙ୍କନ ପତ୍ର ଦାଖଲ କରିବା ଆବଶ୍ୟକ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ରବିନ୍ଦ୍ର ନାଥ ସାହୁ ଜଣାଇଛନ୍ତି ।

## ୨୮ଟି ସ୍ଥାୟୀ ପୋଲିସ ଆଉଟପୋଷ୍ଟ ପାଇଁ ୧୯୬ଟି ପଦବୀକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପୋଲିସରେ ୨୮ଟି ସ୍ଥାୟୀ ପୋଲିସ ଆଉଟପୋଷ୍ଟ ପାଇଁ ୨୮ଟି ସବ୍‌ଇନ୍‌ସପେକ୍ଟର ଓ ୧୬୮ଟି କନେଷ୍ଟବଳ ପଦବୀ ମଞ୍ଜୁର କରିଛନ୍ତି । ପୋଲିସ ବିଭାଗର ଅନ୍ୟାନ୍ୟ ପଦବୀ ଗୁଡିକର ପୁନଃ-ବଂଟନ (ବାଇ ୱେ ଅଫ୍ ରିଡିଷ୍ଟ୍ରିବ୍ୟୁସନ୍) ଦ୍ୱାରା ଏହି ପଦବୀ ଗୁଡିକ ସୃଷ୍ଟି କରାଯାଇଛି । ଏହାଦ୍ୱାରା ସମୁଦାୟ ୧୯୬ଟି ନୂତନ ପଦବୀ ସୃଷ୍ଟି ହୋଇଛି । ଏହି ନୂତନ ଅଧିକାରୀ ଓ କର୍ମଚାରୀମାନେ ରାଜ୍ୟରେ ୨୮ଟି ସ୍ଥାୟୀ ପୋଲିସ ଆଉଟପୋଷ୍ଟରେ ନିଯୁକ୍ତ ହେବେ । ପ୍ରତ୍ୟେକ ଆଉଟପୋଷ୍ଟରେ ଜଣେ ଲେଖାଏ ସବ୍‌ଇନିସ୍‌ପେକ୍ଟର ଓ ୬ ଜଣ ଲେଖାଏ କନେଷ୍ଟବଳ ନିୟୋଜିତ ହେବେ । ଆଇନ ଶୃଙ୍ଖଳା ଠାରୁ ଆରମ୍ଭ କରି ବିଭିନ୍ନ ଅପରାଧୀକ ଅନୁସଂଧାନ କ୍ଷେତ୍ରରେ ସେମାନେ ଦାୟିତ୍ୱ ନିର୍ବାହ କରିବେ । ଏହାଦ୍ୱାରା ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବାସ୍ଥା ଅଧିକ ଦୃଢ ହୋଇପାରିବ । ଏହି ନୂତନ ପଦବୀ ଗୁଡିକ ରାଜ୍ୟ ସରକାରଙ୍କ ଓଆରଭି ଆକ୍ଟ ସମେତ ନିଯୁକ୍ତି ନିୟମାବଳୀର ସମସ୍ତ ବ୍ୟବସ୍ଥା ଅନୁଯାୟୀ ପୂରଣ କରାଯିବ ।

# ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୭ମ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ଓଡ଼ିଶାର ଗର୍ବ ଓ ଗୌରବ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଆସାମର ପୂର୍ବତନ ରାଜ୍ୟପାଳ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ବରିଷ୍ଠ ଜନନେତା ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୭ମ ଶ୍ରାଦ୍ଧ ଉତ୍ସବ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରଦେଶ କଂଗ୍ରେସ ସଭାପତି



ନିରଞ୍ଜନ ପଟ୍ଟନାୟକ କହିଲେ ଯେ ଜାନକୀ ବାବୁଙ୍କ ୧୪ବର୍ଷ ଶାସନ କାଳରେ ଓଡ଼ିଶାର ବିକାଶର ଇତିହାସ ▶▶ପୃଷ୍ଠା ୭

# ଆଗାମୀ ୩ରୁ ୪ ସପ୍ତାହ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ରାଜ୍ୟରେ ବର୍ତମାନ କରୋନା ସ୍ଥିତି ଉଦବେଗ ଜନକ ନାହିଁ । ଏହା ସହିତ ଆଗାମୀ ୩ ରୁ ୪ ସପ୍ତାହ ଆମମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗୁରୁବାର ଦିନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଏହା କହିଛନ୍ତି । ସେ କହିଛନ୍ତି ଯେ ଆଗରୁ ମଧ ଦେଖା ଯାଇଛି ଯେ ପୂର୍ବର ଲହର ମାନଙ୍କରେ ଦିଲ୍ଲୀରେ ସଂକ୍ରମଣ ବଢିବାର ମାସକ ପରେ ଓଡିଶାରେ ସଂକ୍ରମଣ ବଢେ । ତେଣୁ ଏଇ ସମୟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ଆମେ ସମସ୍ତଙ୍କୁ ଅନୁରୋଧ କରୁଛୁ । ଯେଉଁମାନେ ଟିକା ନେଇ



ନାହାନ୍ତି ତୁରନ୍ତ ନେଇଯାଆନ୍ତୁ । ଯଦି ସଂକ୍ରମଣ ବଢିବା ଆରମ୍ଭ କରେ, ତେବେ ଆମର ହସ୍ପିଟାଲ ବା ଟ୍ରିଟମେଣ୍ଟ ରଣନୀତି ବଦଳାଇବୁ । ସେ ଲୋକ ମାନଙ୍କୁ ଅପିଲ କରିଛନ୍ତି ଯେ ନିହାତି କାମ ନଥିଲେ ଭିଡ଼ ସ୍ଥାନଠୁ ଦୂରେଇ ରହନ୍ତୁ । ଗହଳି ସ୍ଥାନକୁ ଗଲେ ମାସ୍କ ନିହାତି ପିନ୍ଧନ୍ତୁ । କିଛି ରାଜ୍ୟରେ ସଂକ୍ରମଣ ବଢିବା ଆରମ୍ଭ କରିଛି । ତେଣୁ ସଂକ୍ରମଣ ବଢିବା ସହ ଆର ଭ୍ୟାଲୁ ବି ବଢ଼ିବ ବୋଲି ସେ କହିଛନ୍ତି ।

# ଓମଫେଡ କ୍ଷୀର ଲିଟର ପିଛା ୨ ଟଙ୍କା ବୃଦ୍ଧି

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ଆଜିଠୁ ବୃଦ୍ଧି ପାଇଲା ଓମଫେଡ କ୍ଷୀରର ଦାମ୍ । ଲିଟର ପିଛା ୨ ଟଙ୍କା ବୃଦ୍ଧି ପାଇ ୪୬ରୁ ୪୮ ଟଙ୍କା ହୋଇଛି ଓମଫେଡ କ୍ଷୀର ଲିଟର । ତେବେ ଦୁଗ୍ଧ ଚାଷୀଙ୍କ ହିତ ପାଇଁ ଦାମ୍ ବଢ଼ାଇଥିବା ଓମଫେଡ୍ କର୍ତ୍ତୃପକ୍ଷ କହିଛନ୍ତି । ବଢ଼ିଥିବା ୨ ଟଙ୍କାରୁ ସିଧାସଳଖ ୧ ଟଙ୍କା ୩୫ ପଇସା ଚାଷୀଙ୍କ ପକେଟକୁ ଯାଉଛି । ଏହା ବ୍ୟତୀତ ପ୍ୟାକେଜିଂ ଓ ଅନ୍ୟାନ୍ୟ ଖର୍ଚ୍ଚ ମଧ ବଢ଼ିଛି । ମାର୍ଚ୍ଚ ୨୦୨୦ରେ ଶେଷଥର ପାଇଁ କ୍ଷୀର ଦାମ୍ ବୃଦ୍ଧି ପାଇଥିଲା । ଏହାପରେ କୋଭିଡ୍ ଓ ଆର୍ଥିକ ସ୍ଥିତି ଦେଖି କୌଣସି




ଦାମ ବୃଦ୍ଧି ପାଇନଥିବାବେଳେ ଆଜିଠୁ ନୂଆ ଦର ଲାଗୁ ହୋଇଛି । ଏହାସହ ଓମଫେଡ ତରଫରୁ ଚା' ସ୍ପେଶାଲ କ୍ଷୀର ଆଜିଠୁ ବଜାରକୁ ଆସିଛି । ବଜାରରେ ଚା' ଦର ଯେମିତି ବୃଦ୍ଧି ନ ପାଇବ ସେଥିପାଇଁ ପୁରୁଣା ଦାମ ଅର୍ଥାତ ଲିଟର ୪୬ ଟଙ୍କାରେ ଏହି କ୍ଷୀର ବଜାରରେ ଉପଲବ୍ଧ ହେଉଛି । ପ୍ରଥମେ ଭୁବନେଶ୍ୱର , କଟକ ଓ ପୁରୀରେ ଏହି କ୍ଷୀର ମିଳିବ । ପରେ ରାଜ୍ୟବ୍ୟାପୀ ଏହାର ଯୋଗାଣ କରାଯିବ ବୋଲି ଜଣାପଡ଼ିଛି ।

# ବଦଳିଲା ମନ୍ତ୍ରୀଙ୍କ ରୋଷେୟା ମୃତ୍ୟୁର ମୋଡ : ବିଜେପି ନେତାଙ୍କ ବିରୋଧରେ ଅଭିଯୋଗ ଆଣିଲା ପରିବାର

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ରୋଷେୟା ଲଳିତ ସାହୁ ମୃତ୍ୟୁ ମାମଲାରେ ଆସିଛି ନୂଆ ମୋଡ । କାରଣ ପୁଅର ଆତ୍ମହତ୍ୟାକୁ ନେଇ ବିଜେପି ରାଜନୀତି କରୁଥିବା ଅଭିଯୋଗ କରିଛନ୍ତି ମୃତ ଲଳିତଙ୍କ ବାପା ବେଲାର୍ସେନ ସାହୁ । ଏପରିକି କିଛି ବିଜେପି ନେତା ତାଙ୍କୁ ଗଭୀର ମାନସିକ ଚାପ ଦେଉଥିବା ଅଭିଯୋଗ କରି ଝାରସୁଗୁଡା ଟାଉନ ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି । ଏଭଳି ମାନସିକ ଚାପ ଫଳରେ ପରିବାରର କେହି ସଦସ୍ୟ ଆତ୍ମହତ୍ୟା କଲେ ଏହି ନେତାମାନେ ଦାୟୀ ରହିବେ ବୋଲି ଏତଲାରେ ଦର୍ଶାଇଛନ୍ତି ।



ଏତଲାରେ କୁହାଯାଇଛି, ଲଳିତ ଅବାଟରେ ଯାଇ ମାନସିକ ଚାପରେ ରହୁଥିଲେ ଓ ଶେଷରେ ଆତ୍ମହତ୍ୟା କରିଦେଲେ । ଏଭଳି ନେତାଙ୍କଠାରୁ ସୁରକ୍ଷା ଯୋଗାଇ ଦେବାପାଇଁ ମଧ ଅନୁରୋଧ କରାଯାଇଛି । ଲଳିତଙ୍କ ମୃତଦେହକୁ ରାତିଅଧିଆ ବ୍ୟବଚ୍ଛେଦ ନେଇ ବି ଏତଲାରେ ସ୍ପଷ୍ଟ କରିଛନ୍ତି ମୃତକଙ୍କ ବାପା । ବଡପୁଅ ବିରଂଚି ସାହୁ ରାତିରେ ଶବ ବ୍ୟବଚ୍ଛେଦ କରିବାକୁ ଝାରସୁଗୁଡା ପୋଲିସ ଓ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ତେଣୁ ଖରାଦିନେ ଶବ ନଷ୍ଟ ହୋଇଯିବା ▶▶ପୃଷ୍ଠା ୭

# ପୁରୀ ପରିକ୍ରମା ପ୍ରକଳ୍ପକୁ ନେଇ ଏଏସଆଇର ରହସ୍ୟମୟ ନୀରବତା

ପୁରୀ, ୨୧/୦୪ (ନି.ପ୍ର): ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ଆସନ୍ତା ମାସକୁ ଘୁଞ୍ଚିଛି । ବିଭିନ୍ନ ସମୟରେ ଚିଠି ଲେଖି କାମ ବନ୍ଦ କରିବାକୁ କହୁଥିବା ଏଏସଆଇର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ତଥ୍ୟ ଦାଖଲ ପାଇଁ ଅଧିକ ସମୟ ମଗାଯିବାରୁ କୋର୍ଟ ଶୁଣାଣିକୁ ବିଳମ୍ବିତ କରିଛନ୍ତି । ରାଜ୍ୟ ସରକାରଙ୍କ ସହ ଯୁଗ୍ମ ବିଶେଷଜ୍ଞ ଦଳ ଗଠନ କରି ପରିଦର୍ଶନ ପରେ ରିପୋର୍ଟ ଦେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ ଶ୍ରୀମନ୍ଦିର ପରିଦର୍ଶନରେ ଆସିଥିବା ଶ୍ରୀମନ୍ଦିର



ଏଏସଆଇ ଏଡିଜି ମଧ ମୁହଁ ଖୋଲି ନାହାଁନ୍ତି । ଯାହକି ଏଏସଆଇର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଛି । ହେଲେ, ବିଡମ୍ବନାର କଥା ହେଉଛି, ଯେଉଁ ପ୍ରସଙ୍ଗକୁ ନେଇ କୋଟି କୋଟି ଓଡିଆଙ୍କ ଭିତରେ ସନ୍ଦେହ ସୃଷ୍ଟି ହୋଇଛି, ସେହି ପ୍ରସଙ୍ଗରେ କୋର୍ଟଙ୍କୁ କୌଣସି ରିପୋର୍ଟ ନଦେଇ ଅଧିକ ସମୟ ମାଗିଛି ଭାରତୀୟ ପ୍ରତ୍ନତତ୍ୱ ବିଭାଗ । ଏହି କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ କୁହାଯାଇଛି ମନ୍ଦିର ଚତୁଃପାଶ୍ୱର୍ରେ ଖନନ ଓ ନିର୍ମାଣ ମାମଲା ନେଇ ବିସ୍ତୃତ ତଥ୍ୟ ରଖିବା ପାଇଁ ଅଧିକ ସମୟ ଦିଆଯାଉ । ଆଉ କୋର୍ଟ ଏଏସଆଇର ଅନୁରୋଧକୁ ଗ୍ରହଣ କରି ସମୟ ବି ଦେଇଛନ୍ତି । ଏଥିସହ ରାଜ୍ୟ ସରକାର ଓ ଏଏସଆଇର ବିଶେଷଜ୍ଞ ଟିମ ଦ୍ୱାରା ପ୍ରକଳ୍ପ ସ୍ଥଳକୁ ଯାଇ ମିଳିତ ପରିଦର୍ଶନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀମନ୍ଦିର ଚାରିପଟେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇବା ସହ କାର୍ଯ୍ୟ ବନ୍ଦ କରିବାକୁ ଫେବ୍ରୁଆରୀ ମାସରେ ଚିଠି ଲେଖିଥିଲେ ଏଏସଆଇର ଆଞ୍ଚଳିକ ନିର୍ଦ୍ଦେଶକ । ହେଲେ, ଏବେ ଚିଠିରେ ଲେଖିଥିବା କଥାକୁ ବି କୋର୍ଟରେ ଉପସ୍ଥାପନ କରିନି ଏଏସଆଇ । ଯାହାକି ସନ୍ଦେହକୁ ବଢ଼ାଇ ଦେଇଛି । ଶ୍ରୀମନ୍ଦିର ଚାରିପଟେ ବେଆଇନ ଭାବେ ଖନନ କରାଯାଉଥିବା ଦର୍ଶାଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ଗତ ୮ତାରିଖରେ ମାମଲାର ଶୁଣାଣି କରି ୧୭ତାରିଖ ସୁଦ୍ଧା ▶▶ପୃଷ୍ଠା ୭

# ବଲାଙ୍ଗୀର ନିର୍ବାଚନମଣ୍ଡଳୀ ଉନ୍ନୟନ କାମର ସମୀକ୍ଷା କଲେ ନରସିଂହ

ବଲାଙ୍ଗିର,୨୧/୦୪ (ନି.ପ୍ର): କରୋନା ମହାମାରୀ ସଂକ୍ରମଣ ଯୋଗୁଁ ଦୀର୍ଘ ଦେଢ ବର୍ଷ ପରେ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ ବସିଛି । ଦୁଃଖର ବିଷୟ ଶେଷ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତି ଗୁଡିକୁ କାର୍ଯ୍ୟକାରୀ କରାଯାଇଛି କି ନାହିଁ ଅଧିକାରୀମାନେ ସ୍ପଷ୍ଟ ଭାବରେ କହିପାରୁନାହାନ୍ତି । ଏଥିରୁ ପ୍ରମାଣ ହେଉଛି ଗତ ବୈଠକରେ ଆଲୋଚନା ହୋଇ ନିଆଯାଇଥିବା ନିଷ୍ପତି ଗୁଡିକୁ ଅଣଦେଖା କରାଯାଇଛି । ଅନେକ ଦୁର୍ନୀତି ଅନୁସନ୍ଧାନ ତଥା କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକାରୀମାନେ ଉତ୍ସାହ ନ ଦେଖାଇବା ଅତି ଦୁର୍ଭାଗ୍ୟଜନକ, ତେଣୁ ମୋର ଅନୁରୋଧ ଯେତେ ଶୀଘ୍ର ହେବ ଦୁର୍ନୀତି ଓ ସେଥିରେ ସାମିଲ ଥିବା ଜନପ୍ରତିନିଧି ହୁଅନ୍ତୁ କି ଅଧିକାରୀ ହୁଅନ୍ତୁ ତାଙ୍କୁ କୌଣସି ପ୍ରକାରେ ମଧ ବରଦାସ୍ତ ନ କରି ତାଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ନିଜ ନିର୍ବାଚନ ମଣ୍ଡଳୀର ସମୀକ୍ଷା ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ଅଧିକାରୀଙ୍କୁ କହିଛନ୍ତି । ଗତକାଲି ପୂର୍ବାହ୍ନ ୧୦ଟାରେ ବିଧାୟକ ଶ୍ରୀ ମିଶ୍ରଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିବା ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଚଂଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ସିଂ ଲାଗୁରି ଏବଂ ଅତିରିକ୍ତ ପୋଲିସ ଅଧିକ୍ଷକ ମଂଚାସୀନ ଥିଲେ । ବୈଠକରେ ଲକ୍ଷ୍ମୀଯୋର ସୌନ୍ଦର୍ଯ୍ୟକରଣ କାମ ପାଇଁ ଦରକାର ହେଉଥିବା କିଛି ଭୂମି ଅଧିଗ୍ରହଣକୁ ଆଖି ଆଗରେ ରଖି ସୌନ୍ଦର୍ଯ୍ୟକରଣ କାମ ଯୋଜନା ପ୍ରସ୍ତୁତ ପାଇଁ ଉପସ୍ଥିତ ଜଳସେଚନ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମହାରାଣୀ ସାଗର, ରାଣୀବନ୍ଧର ସୌନ୍ଦର୍ଯ୍ୟକରଣ କାମ କାହିଁକି କାମ ଆରମ୍ଭ ହେଉନାହିଁ ବୋଲି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ । କରଙ୍ଗାକଟା କାମ ଆରମ୍ଭ ହୋଇସାରିଛି । ବହୁ ଶୀଘ୍ର ରାଣୀବନ୍ଧ କାମ ଆରମ୍ଭ ହେବ ଏବଂ ମହାରାଣୀ ସାଗର ପାଇଁ ନିଯୁକ୍ତି ହୋଇଥିବା ଏଜେନ୍ସି ଏନ୍ପିସିସି ସହିତ ତହସିଲ ଏବଂ ମ୍ୟୁନିସିପାଲିଟି ଅଧିକାରୀ ମହାରାଣୀ ସାଗର ଅଂଚଳକୁ ଯାଇ ଲେଆଉଟ କାମ ଶୀଘ୍ର ଆରମ୍ଭ କରନ୍ତୁ ବୋଲି ଉପସ୍ଥିତ ଜିଲ୍ଲାପାଳ ଅଧିକାରୀଙ୍କୁ କହିଥିଲେ । ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଟେଙ୍କର ଯୋଗେ ପିଇବା ପାଣି ଯୋଗାଣରେ ଏକ ସବିଶେଷ ପ୍ରୋଗ୍ରାମ ପ୍ରଦାନ କରିବା ଏବଂ ବିସ୍ଥାପିତଙ୍କ ପାଇଁ ନିର୍ମାଣ ହେଉଥିବା ବାସଗୃହ ମାନଙ୍କରେ ପିଇବା ପାଣି ପାଇପ ସଂଯୋଗକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସହର ଚାରିକଡରେ ଚାଲିଥିବା ରିଂରୋଡ ନିର୍ମାଣ ଶେଷ ପର୍ଯ୍ୟାୟରେ ଅଛି । ଆଗାମୀ ୩ ମାସ ଭିତରେ ଏହା ସମ୍ପୂର୍ଣ୍ଣ ହୋଇଯିବ ବୋଲି ବିଭାଗୀୟ ନିର୍ବାହୀଯନ୍ତ୍ରୀ ବିଧାୟକ ଶ୍ରୀ ମିଶ୍ରଙ୍କ ପ୍ରଶ୍ନର ଉତରରେ କହିଥିଲେ । ଏନ୍ଏଚ୍ ତରଫରୁ ବ୍ଲାକସ୍ପଷ୍ଟ ଘୋଷଣା କରାଯାଇଥିବା ଦେଓଗାଁ ଛକରେ ଥିବା ଅନାଧିକାର ନିର୍ମାଣକୁ ହଟାଇ ରାସ୍ତା ପ୍ରଶସ୍ତିକରଣ କରାଯିବା ଉପରେ ପଦକ୍ଷେପ ନେବାକୁ ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କୁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ସହରରେ ଚାଲିଥିବା ଆଇନ ଶୃଙ୍ଖଳା ପରିସ୍ଥିତି ସୁରକ୍ଷା ଦିଗରେ ବିଶେଷ ଧ୍ୟାନ ଦେବା ସହ ରାମଚନ୍ଦ୍ରପୁର, ଅର୍ଜୁନପୁର ଠାରେ ଆଉଟପୋଷ୍ଟ ଏବଂ ସହରର ମଧ୍ୟରେ ଆଉ ଗୋଟିଏ ଟାଉନ ଥାନା ପ୍ରସ୍ତାବ ସରକାରଙ୍କ ପାଖକୁ ଯାଇଛି ବୋଲି ଜିଲ୍ଲାପାଳ ଜଣାଇଥିଲେ । ଲୋଇସିଂହା ବ୍ଲକ ଅନ୍ତର୍ଗତ ଜଟିପାଲି ସ୍କୁଲକୁ ପୁଣି ଚାଲୁ କରିବା ପାଇଁ ବିଧାୟକ ଶ୍ରୀ ମିଶ୍ର ଉପସ୍ଥିତ ଥିବା ଜିଲ୍ଲା ଅଧିକାରୀଙ୍କୁ ସରକାରଙ୍କ ପାଖକୁ ଚିଠି ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସୁଦପଡା ଛକଠାରେ ବିପଦପୂର୍ଣ୍ଣ ଭାବରେ ଥିବା ପ୍ରାଥମିକ ସ୍କୁଲ ନୂଆ ଜାଗା ଚିହ୍ନଟ କରିବାକୁ ବିଧାୟକ ଶ୍ରୀ ମିଶ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# କିଟ୍ ମହାବିଦ୍ୟାଳୟ ଓ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

ସାକ୍ଷିଗୋପାଳ,୨୧/୦୪ (ନି.ପ୍ର): ଗତ ରବିବାର ଦିନ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ଜାତୀୟ ସଂପାନ କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ଛଅର ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ସଂପାନଟି କିଟ୍ ବିଶ୍ୱବିଦ୍ୟାଳୟ ତରଫରୁ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତ ଉଦଘାଟନ କରିବା ସହ ଏଥିରେ ଓଡ଼ିଶାର ଦୁଇ ଶହରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟର ଅଧକ୍ଷ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧକ୍ଷ ଡ଼ଃ. ରତିକାନ୍ତ ପରିଡ଼ା ଏବଂ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ଡଃ. ସସ୍ମିତା ସାମନ୍ତଙ୍କ ମଧ୍ୟରେ ଆସନ୍ତା ତିନି ବର୍ଷ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି । ଏହି ଚୁକ୍ତିନାମା ମାଧ୍ୟମରେ ଆସନ୍ତା ଦିନରେ କଲେଜର ନାକ ଅର୍କେଡିସେନ୍ ପାଇଁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ତରଫରୁ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟକୁ ସମସ୍ତ ସହଯୋଗ ଓ ପରାମର୍ଶ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆସନ୍ତା ଦିନରେ ଶିକ୍ଷା ସମାପ୍ତି ପରେ ବୃତିଗତ ପରାମର୍ଶ ସମ୍ବନ୍ଧୀୟ ତାଲିମ୍ ରିସୋର୍ସ ପର୍ସନଙ୍କ ଦ୍ୱାରା ଯୋଗାଇଦିଆଯିବ । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ଭ୍ରମଣ ସହିତ ସେଠାକାର ଲାଇବ୍ରେରୀର ସୁବିଧା ନେଇପାରିବେ । ଏହି କାର୍ଯ୍ୟକ୍ରମ ଆମ ମହାବିଦ୍ୟାଳୟ ପାଇଁ ଏକ ଗୌରବର ବିଷୟ ବୋଲି ମହାବିଦ୍ୟାଳୟର ଅଧାପକ ତଥା ଛାତ୍ରଛାତ୍ରୀମାନେ ଦୃଢ ମତପୋଷଣ କରିଛନ୍ତି ।

# ଜୟସିଂହଡା ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍ଯାପିତ

ଧର୍ମଶାଳା,୨୧/୦୪ (ନି.ପ୍ର): ବୈଦିକ ରୀତିରେ ଯଜ୍ଞକର୍ମ ମାନବ ସଭ୍ୟତାକୁ ଶୃଙ୍ଖଳିତ ଓ ଶାନ୍ତି ପ୍ରଦାନ କରିଥାଏ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତସ୍ଥ ଜୟସିଂହଡା ଗ୍ରାମର ବାବା ସପ୍ତେଶ୍ୱର ମହାଦେବ ପୀଠରେ ୯ ଦିନ ଧରି ଚାଲିଥିବା ଶ୍ରୀରାମ ଚରିତ ମାନସ ଓ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ପର୍ବରେ ବିଶିଷ୍ଟ ପଣ୍ଡିତମାନେ ଯୋଗ ଦେଇ ମତ ପ୍ରକାଶ କରିଛନ୍ତି । ଏହି ଯଜ୍ଞ କର୍ମରେ ପଣ୍ଡିତ ଦେବେନ୍ଦ୍ର ନାଥ ପାଢୀ,ଖଗେଶ୍ୱର ପାଢୀ,ଅଶୋକ କୁମାର ପାଢୀ,ଲାଲବିହାରୀ ଦାସ ,ମହେଶ୍ୱର ଅଧିକାରୀ,ପରମାନନ୍ଦ ପଣ୍ଡା ଓ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯଜ୍ଞ କର୍ମ ପରିଚାଳନାରେ ସହଯୋଗ କରିଥିବା ବେଳେ ମହାଦେବ ମନ୍ଦିରର ବଡପୂଜକ ପଣ୍ଡିତ ପ୍ରମୋଦ କୁମାର ପତି ପ୍ରମୁଖ ଯଜ୍ଞାହୂତି ପ୍ରଦାନ କରିଥିଲେ । ମୁଖ୍ୟ କର୍ତା ରତିକାନ୍ତ ସାହାଣୀ ପଣ୍ଡିତମାନଙ୍କୁ ଯଥାବିଧି ପୂର୍ବକ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୩୬ ନଂ ଜେନାର ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ,ସର୍ବଶ୍ରୀ ହୃଦାନନ୍ଦ ପାଢୀ,ଶରତ କୁମାର ରାଉତ,ସଂଜୟ ଜେନା,ଗଗନ ବିହାରୀ ସାହାଣୀ,ଚତୃଭୂଜ ଜେନା,ନରେନ୍ଦ୍ର ପାଢୀ,ବୈଷ୍ଣବ ରଣାଙ୍କ ସମେତ ସ୍ଥାନୀୟ ଅଂଚଳର ସନାତନ ଆଗଲସିଂ ମହାପାତ୍ର,ଶଶିଭୂଷଣ ମହାପାତ୍ର,ମହେଶ୍ୱର ପାଢୀ,ବୃନ୍ଦାବନ ପାଣି,ଲକ୍ଷ୍ମୀଧର ସାହାଣୀ,ଧ୍ରୁବ ଚରଣ ନାୟକ,ପ୍ରମୋଦ ଦାଶ,ରମେଶ ଜେନା,ଧ୍ରୁବ ଚରଣ ଜେନା,ବେଣୁଧର ପତି,ମହେଶ୍ୱର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ଭିନ୍ନ ଦିବସମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ପ୍ରଭାକର ଜେନାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭକ୍ତମାନେ ଶ୍ରବଣ କରି ଆନନ୍ଦ ଲାଭ କରିଥିଲେ ।

# ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ମିଳିତ ବୈଠକ

ଜୟପୁର,୨୧/୦୪ (ନି.ପ୍ର): ଜୟପୁର ଯୁଗ୍ମ ଶ୍ରମ କମିଶନରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ଅସମ୍ପୂର୍ଣ୍ଣ କିନ୍ତୁ ଶ୍ରମିକ ମାନେ ଉତ୍ପାଦନ ପ୍ରକ୍ରିୟାରେ ସହଯୋଗ କରିବା ପାଇଁ ସହମତି ପ୍ରକାଶ କରିଥିଲେ । ଆଜି ଜୟପୁର ଡିଭିଜନର ଯୁଗ୍ମ ଶ୍ରମ କମିଶନରଙ୍କ ଅଧକ୍ଷତାରେ ଏବଂ କୋରାପୁଟ ଡିଏଲ୍ଓଙ୍କ ଉପସ୍ଥିତିରେ ୟୁନିଟ ସେବା କାଗଜ କଳ ଶ୍ରମିକ କର୍ମଚାରୀ ସଂଘ ଓ ମ୍ୟାନେଜମେଣ୍ଟ ପ୍ରତିନିଧି ମାନଙ୍କର ଏକ ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଯାଇଛି । ମ୍ୟାନେଜମେଣ୍ଟ ପକ୍ଷରୁ ବେସିକ୍ ଡିଏ ଭିଡିଏ ଓ ଦରମାରେ ମିଳୁଥିବା ଭତ୍ତାରୁ ୪୦୦/ ଟଙ୍କା ଦେବା ଓ ଅନ୍ୟାନ୍ୟ ସୁବିଧା ଓ ଚାକିରୀ ସର୍ତାବଳୀ କାଟ୍ ଛାଟ୍ କରି ପ୍ରସ୍ତାବ ଦେଇଥିଲେ । ତାକୁ ଶ୍ରମିକ ସଂଗଠନ ମାନଙ୍କ ମିଳିତ କାର୍ଯ୍ୟକାରୀ କମିଟି ଅଗ୍ରାହ୍ୟ କରି ଦେଇଛନ୍ତି । କିନ୍ତୁ ଉତ୍ପାଦନ ଆରମ୍ଭ କରିବା ପାଇଁ ସବୁ ପ୍ରକାର ସହଯୋଗ କରିବା ପାଇଁ ଘୋଷଣା କରିଛନ୍ତି । ଆସନ୍ତା କାଲି ଠାରୁ ଶ୍ରମିକ କର୍ମଚାରୀ ମାନେ ନିଜ ନିଜ ସିଫ୍ଟ ରେ ଡ୍ୟୁଟି ଯିବା ସହ ଶୀଘ୍ର ଉତ୍ପାଦନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ । ପ୍ରକାଶ ଥାଉକି, ଗତ ମାର୍ଚ୍ଚ ୨୦ ତାରିଖରେ ମ୍ୟାନେଜମେଂଟ ଜବରଦସ୍ତ ଓଭର୍ ଟାଇମ୍ ରେ କାମ କରିବା ପାଇଁ ବାଧ କରିବା ପରେ ପୁରୁଣା ଦରମା କାଟିକୁଟି ସରକାରୀ ଘୋଷିତ ସର୍ବନିମ୍ନ ମଜୁରୀ ହାରରେ ଦରମା ଏବଂ ଓଭରଟାଇମ୍ ଦେବାପାଇଁ ଘୋଷଣା କଲା ଏବଂ ଲିଖିତ ନୋଟିସ୍ ମଧ ଦେଇଥିଲା । ତାକୁ ବିରୋଧ କରି ଶ୍ରମିକ ମାନେ ଅସହଯୋଗ କରିବା ପରେ ଉତ୍ପାଦନ ପ୍ରକ୍ରିୟା ବାଧାପ୍ରାପ୍ତ ହେଲା । କାରଣ ଆଗରୁ ୨୦୦ ଟନ୍ ଦୈନିକ ଉତ୍ପାଦନ ପାଇଁ ୬୦୦ ଶ୍ରମିକ ଥିଲେ କିନ୍ତୁ ବର୍ତ୍ତମାନ ସେହି ୨୦୦ ଟନ୍ ଦୈନିକ ଉତ୍ପାଦନ ପାଇଁ ୩୦୦ ଲୋକ ଅଛନ୍ତି । ଅନ୍ୟ ଦିଗରେ ଶ୍ରମିକ କର୍ମଚାରୀ ମାନଙ୍କ ଉପରେ କାର୍ଯ୍ୟଭାର ବଢିବା ସହ ୨୦୧୪ ରେ ହୋଇଥିବା ଦରମା ରୁ ମଧ କାଟିବା ପାଇଁ ଜିଦ୍ କରୁଛି ମ୍ୟାନେଜମେଣ୍ଟ । ତିନି ଚାରି ଦିନ ମଧ୍ୟରେ ମ୍ୟାନେଜମେଂଟ ପରିବହନ ସେବା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛି । ଶ୍ରମିକ ସଂଗଠନ ମାନେ ମ୍ୟାନେଜମେଂଟର ଦରମା ପ୍ରସ୍ତାବକୁ ଅଗ୍ରାହ୍ୟ କରି ଆଲୋଚନା ଜାରି ରଖିବା ସହ ଆଇନ ଗତ ଭାବେ ଅଧିକାର ସୁରକ୍ଷିତ ରଖିବା ପାଇଁ ଘୋଷଣା କରିଛନ୍ତି । ଏ ସମ୍ବନ୍ଧରେ ରାଜ୍ୟ ସରକାର ଙ୍କ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ସହ ସମସ୍ୟାର ସମାଧାନ ବାଟ ବାହାର କରିବା ପାଇଁ ମଧ ଚିନ୍ତା କରୁଛନ୍ତି ବୋଲି ଜଣାଇଛନ୍ତି । ଏଠାରେ ପ୍ରକାଶ ଥାଉକି ବିଜିପିପିଏଲ୍ ର ମାଲିକ ହାଇଦ୍ରାବାଦ ସ୍ଥିତ ମଦର୍ ଆର୍ଥ୍ ରିସୋର୍ସ୍ ପ୍ରାଇଭେଟ୍ ଲିମିଟେଡ ନାମରେ ଏକ କମ୍ପାନୀକୁ ସେବା କାଗଜକଳକୁ ୨୦୨୦ ଫେବୃଆରୀ ମାସରେ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ଅନୁସାରେ ହସ୍ତାନ୍ତର କରିଛନ୍ତି । ଉକ୍ତ ନୂଆ କମ୍ପାନୀ ୨୦୨୦ ଜୁନ୍ ମାସ ୮ ତାରିଖ ରେ ଏହି କାଗଜ କଳ ଚଲେଇବା ପାଇଁ ୧୫୦ କୋଟି ଇଣ୍ଡସ୍ ଇଣ୍ଡ ବ୍ୟାଙ୍କରୁ ଋଣ ନେଇଛି । ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଇପିଏଫ ଜମା କରିବା, ସେମାନଙ୍କ ସମସ୍ତ ପାଉଣା, ବକେୟା ଦରମା ଏବଂ କୋଭିଡ୍ ମହାମାରୀ ସମୟର ଦରମା ବାବଦର ଦରମା ଆଦି ବିଷୟ ସମାଧାନ ହେବାକୁ ଥିବା ବେଳେ ଶ୍ରମିକ କର୍ମଚାରୀ ମାନେ ଉତ୍ପାଦନ ରେ ସହଯୋଗ କରୁନାହାନ୍ତି ଏବଂ ସେଥିପାଇଁ ଦରକାର ପଡିଲେ କ୍ଲୋଜର୍ ବା ବନ୍ଦ କରିବା ପାଇଁ କମ୍ପାନୀ ନୋଟିସ୍ ଜାରି କରିଛି । ନୂଆ କମ୍ପାନୀକୁ ଏଭଳି କୌଣସି ସୁଯୋଗ ନଦେଇ ସ୍ଥାନୀୟ ଅଂଚଳର ସ୍ୱାର୍ଥକୁ ଜଗି କାମ ଚାଲୁ କରିବା ନିଷ୍ପତି ନିଆଗଲା । ସମସ୍ତ ଦାବୀ ହାସଲ ପାଇଁ ପଦକ୍ଷେପ ନିଆଯିବ । ଶ୍ରମିକ ସଂଗଠନ ମାନଙ୍କ ମିଳିତ କାର୍ଯ୍ୟକାରୀ କମିଟି ବୈଠକ ପରେ ପରବର୍ତୀ କାର୍ଯ୍ୟକ୍ରମ ଘୋଷଣା କରାଯିବ । ଆଜିର ବୈଠକରେ ମ୍ୟାନେଜମେଂଟ ପକ୍ଷରୁ ଶ୍ରୀ ଏସ୍ ଏସ୍ ପାଲ୍ , ମନୋଜ ଗୁପ୍ତା , ରମେଶ ଯାଦବ , ଲବ୍ ଶର୍ମା ଓ ଶ୍ରମିକ ସଂଗଠନ ମାନଙ୍କ ପକ୍ଷରୁ ପ୍ରମୋଦ କୁମାର ମହାନ୍ତି, ଜୟନ୍ତ ସାନ୍ତ୍ରା, ସୁନୀଲ ପ୍ରହରାଜ, ଧିରେନ୍ଦ୍ର କୁମାର ମହାନ୍ତି , ପ୍ରଦୀପ ପାଙ୍ଗିଆ, ସରୋଜ ସୁଆର, ବାଳକୃଷ୍ଣ ପ୍ରଧାନ , ଅମନ୍ ଉଜବିନ୍ ନାୟକ ,ସତ୍ୟନାରାୟଣ , ସଞ୍ଜୀବ ଦାଶ୍ , ବନମାଳୀ ପାତ୍ର , ସନ୍ଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଗଞ୍ଜେଇ ଜବତ: ଦୁଇ ଗିରଫ

ଭବାନୀପାଟଣା,୨୧/୦୪ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୋଲିସ ଦ୍ୱାରା ପ୍ରାୟ ୧୫୫.୫୪୩ କେଜି ଗଞ୍ଜେଇ ଜବତ କରାଯିବା ସହ ଘଟଣାରେ ଜଡିତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ଏକ ମୋଟର ସାଇକେଲ ଜବତ ହୋଇଛି । ଘଟଣାରୁ ଜଣାଯାଏ ଯେ, ଗତକାଲି ରାତିରେ ପୋଲିସ ପାଟ୍ରୋଲିଂ ବେଳେ ମୋଟର ସାଇକେଲରେ ଜରି ବସ୍ତା ରେ ଗନଜ୍ଜେଇ ଚୋରାଚାଲାଣ ହେଉଥିଲା । ଅଭିଯୁକ୍ତ ମାନେ ମୋହନଗିରି କଳାହାଣ୍ଡି ଅଂଚଳରୁ ଏହାକୁ କୋମନା ଚାଲାଣ କରୁଥିଲେ । ଅଭିଯୁକ୍ତ ମାନେ ହେଲେ ଖିରୋଦ କୁମାର ତାଣ୍ଡି (୨୨) ରାଜ ଖରିଆର ଏବଂ ରୋହନ ତାଣ୍ଡି (୨୩) ରାଜ ଖରିଆର ନୂଆପଡା ଜିଲ୍ଲାର ଅଟନ୍ତି ।

# ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ

ରାଇରଙ୍ଗପୁର,୨୧/୦୪(ନି.ପ୍ର): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଏକ ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଡାକ୍ତର ପ୍ରଦିପ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏନଏସଏସ କାର୍ଯ୍ୟକ୍ରମ ଅଧିକାରି ବିଜୟ କୁମାର ରାମ ଆୟୋଜନ ଓ ସଂଯୋଜନା କରିଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଇତିହାସ ପ୍ରାଧାପକ ଶ୍ରିଯୁକ୍ତ ପ୍ରଶାନ୍ତ କୁମାର ପରୀକ୍ଷା ଯୋଗ ଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ଯୁବ ସମାଜ ଓ ସଂସ୍କାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ମହିଳା ମହାବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରମୁଖ ରିଡର ରବିଶଙ୍କର ସତପଥୀ ଯୋଗ ଦେଇ ସଂସ୍କାର ଉପରେ ବକ୍ତବ୍ୟ ରଖିଥିଲେ । ଅଧକ୍ଷ ଡାକ୍ତର ପ୍ରଦିପ ମିଶ୍ର ସ୍ୱାଗତ ଅଭିଭାଷଣ ସହିତ ଛାତ୍ରୀମାନଙ୍କ ଭବିଷ୍ୟତ ନିର୍ମାଣରେ ସଂସ୍କାରର ଆବଶ୍ୟକତାର ବକ୍ତବ୍ୟ ରଖିଥିଲେ । ଛାତ୍ରୀମାନଙ୍କ ମଧ୍ୟରେ ଯାଶ୍ମିମଣି ମାହାଳି, ନଳିତା ନାଗ, କାର୍ମି ହାଁସଦା ବକ୍ତବ୍ୟ ରଖିଥିଲେ । ଅପସରା ପରବୀନ,ସୀତାମଣି ଟୁଡୁ, ଦୁଲାରୀ ହେମ୍ବ୍ରମ, ସୁର୍ଯ୍ୟମଣି ସୋରେନ, ଛିତାମଣି ମୁର୍ମୁ, ସବିତା ଟୁଡୁ, ଦୀପା ହାଁସଦା, ମାଳତି ମହାନ୍ତ ସହଯୋଗ କରିଥିଲେ । ବିଜୟ ରାମ ଧନ୍ୟବାଦ ଅର୍ପଣ ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏପରି ଶିକ୍ଷଣୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ ନିମନ୍ତେ ସରକାରଙ୍କୁ ବିଶେଷ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଂଚଳିକ ନାଗରିକ ସୁରକ୍ଷା ପରିଷଦର ଆଂଚଳିକ ସମସ୍ୟା ନେଇ ଉଦ୍ବେଗ

କୋରେଇ,୨୧/୦୪ (ନି.ପ୍ର): ଆଂଚଳିକ ନାଗରୀକ ସୁରକ୍ଷା ପରିଷଦର ଆଂଚଳିକ ସମସ୍ୟା ନେଇ ଉଦ୍ବେଗ ପ୍ରକାଶ କରିଛି । ଅଂଚଳରେ ବନ୍ୟା ଓ ମରୁଡି କୋପରୁ କେମିତି ରକ୍ଷା ମିଳିବ ସେ ନେଇ ସ୍ଥାୟୀ ସମାଧାନ ନିମନ୍ତେ ବୈଠକରେ ଆଲୋଚନା କରାଯାଇଛି । ଯମୁନା ନଦୀକୂଳରେ ଅବସ୍ଥିତ ଶ୍ରୀ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପରିଷଦର ସ୍ଥାୟୀ ସଭାପତି ଲଳିତ ମୋହନ ବୈରି ଗଂଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତି ଅରବିନ୍ଦ ମହାନ୍ତି ଅଂଚଳର ବିଭନ୍ନ ସମସ୍ୟା ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ । ସର୍ବୋପରି ଭୁବନେଶ୍ୱରପୁର-ନାଥସାହି ଅଂଚଳରେ ବନ୍ୟା ଓ ମରୁଡି କୋପରୁ ସମଗ୍ର କୃଷିକ୍ଷେତ୍ର ଗୁଡିକୁ ସୁରକ୍ଷା ଦେବା ପାଇଁ ନେତା ଓ ପ୍ରଶାସନ ସ୍ତରରେ ଉପସ୍ଥାପନ ପତ୍ର ମାଧ୍ୟମରେ କରାଯାଇ ବିଭଳି ସମସ୍ୟାର ସମାଧାନ କରାଯାଇ ପାରିବ ସେ ନିମନ୍ତେ ସମସ୍ତ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ଆଖପାଖ ପଡୋଶୀ ୯ ପଂଚାୟତର ସମସ୍ତ ରାଜସ୍ୱ ଗ୍ରାମ ସମସ୍ୟାରେ ରହିଥିବା ବେଳେ ଏହାର ନିରାକରଣ ପାଇଁ ସର୍ବସମ୍ମତ କ୍ରମେ ଦୁଇଟି ପ୍ରସ୍ତାବ ଗୃହୀତ ହୋଇଥିଲା । ଇଂରେଜ ଅମଳରୁ ନିର୍ମିତ ରୁଢିଆ -ଯୋକଡିଆ କେନାଲକୁ ଖନନ କରାଯାଇ ପୁନଃ କାର୍ଯ୍ୟକ୍ଷମ କରାଯିବା ସହ ସବ କେନାଲ ସୃଷ୍ଟି କରାଗଲେ ଭୂଇଁପୁର, ଗୋଳେଇପୁର, ପାଣିକୋଇଲି, ମାଳଆନ୍ଦପୁର, ବେରୁଦା, ଭୁବନେଶ୍ୱରପୁର, ନାଥସାହି, ଖଇରାବାଦ ଓ ଜାଫରପୁର ଆଦି ୯ ପଂଚାୟତର ଶତାଧିକ ରାଜସ୍ୱ ଗ୍ରାମର ସମସ୍ତ କୃଷି କ୍ଷେତ୍ରକୁ ଜଳସେଚିତ କରାଯାଇ ମରୁଡି ଦାଉରୁ ରକ୍ଷା କରାଯାଇ ପାରନ୍ତା । ଅବା ବ୍ରାହ୍ମଣୀ ନଦୀର ରେଙ୍ଗାଲି ଡ୍ୟାମରୁ ସୁକିନ୍ଦାକୁ ଆସିଥିବା କେନାଲରୁ ଯଦି ଏକ କେନାଲ ମାନପୁର ନଡିଆଭଙ୍ଗା ଦେଇ କୋରାଇ ଅଂଚଳ ଦେଇ ଭାୟା ପାଣିକୋଇଲି, ମାଳଆନ୍ଦପୁର, ନମିଟିକିରି, ବଳରାମପୁର ଓ ଯମୁନା ନାଳ ଅତିକ୍ରମ କରି ଭୁବନେଶ୍ୱରପୁର ନାଥସାହି, ଖଇରାବାଦ, ଜାଫରପୁର ପର୍ଯ୍ୟନ୍ତ ଆସି ବୁଢା ନଦୀରେ ସଂଯୋଗ ରହନ୍ତା ତେବେ ଏଅଂଚଳର ଜଳସେଚନର ସୁବିଧା ହୋଇପାରନ୍ତା । ଏଥି ସହିତ ଭୁବନେଶ୍ୱରପୁର ପଂଚାୟତର ଯମୁନା ନଦୀ ପୋଲ ମୁଣ୍ଡରୁ ଯାଇଥିବା ଭଗତପୁର କଳସ ଡିହ ନଦୀ ବନ୍ଧଟିକୁ ଭାୟା ବାହାବଳପୁର ଦେଇ ସମୁଳିଆ ନିକଟସ୍ଥ ଜାତୀୟ ରାଜପଥ ୨୦ ସହିତ ମଜବୁତ ଭାବେ ସଂଯୋଗ କରାଗଲେ ଭୁବନେଶ୍ୱରପୁର ର ୫ଟି ରାଜସ୍ୱ ଗ୍ରାମ, ନାଥସାହିର ୧୧ଟି ରାଜସ୍ୱ ଗ୍ରାମ, ଖଇରାବାଦର ୭ଟି ରାଜସ୍ୱ ଗ୍ରାମ ଜାଫରପୁରର ୮ଟି ରାଜସ୍ୱ ଗ୍ରାମର କୃଷି କ୍ଷେତ୍ର ତଥା ବନ୍ୟା ଦାଉରୁ ଗ୍ରାମ ଗୁଡିକ ରକ୍ଷା ପାଇବା ସହ ଗମନାଗମନ ସୁବିଧା ପାରନ୍ତା ।

# ରକ୍ତଦାନ କଲେ ଯୁବ କୁଲତା ସମାଜର ଦୁଇ ଯୁବକ

ବଲାଙ୍ଗୀର,୨୧/୦୪ (ନି.ପ୍ର): ଲୋଇସିଂହା ବ୍ଲକ ବାଦିମୁଣ୍ଡା ଗ୍ରାମର ଧନମତି ପ୍ରଧାନ (୬୦) ଓ ପୁଇଁନ୍ତଲା ବ୍ଲକ ତଣ୍ଡାମୁଣ୍ଡା ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ (୬୭) ସିକଲିନ ଓ ରକ୍ତାଭାବରୁ ବଲାଙ୍ଗିର ଭୀମଭୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଶରୀରରେ ରକ୍ତ ଅଭାବ ହେବାରୁ ଡାକ୍ତର ତାଙ୍କୁ ରକ୍ତ ଦେବା ପାଇଁ ପରାମର୍ଶ ଦେଇଥିଲେ । ଉଭୟେ ରକ୍ତ ପାଇଁ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ଯୋଗାଯୋଗ କରିଥିଲେ । ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ମହିମୁଣ୍ଡା ଗ୍ରାମର ଯୁବ ସଦସ୍ୟ ବିଶ୍ୱନାଥ ବିଶ୍ୱାଳ ଓ ତଣ୍ଡାମୁଣ୍ଡା ଗ୍ରାମର ସୁଧିର କୁମାର ପ୍ରଧାନ ଆସି ରକ୍ତଦାନ କରି ଉଭୟଙ୍କ ଜିବନ ବଂଚାଇଥିଲେ । ରକ୍ତଦାନ ଭଳି ମହତ କାମ କରିଥିବାରୁ ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ବିଶ୍ୱନାଥ ଓ ସୁଧିରଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ବଲାଙ୍ଗୀରରେ ବାଇକ୍ ଲୁଟେରା ସକ୍ରିୟ

ବଲାଙ୍ଗୀର,୨୧/୦୪ (ନି.ପ୍ର): ସହରରେ ଏବେ ଚୋର ଗ୍ୟାଙ୍ଗ ପୁଣି ମାତିଛନ୍ତି । ଦିନ ଦ୍ୱିପହରେ ଉଠାଇ ନେଉଛନ୍ତି ବାଇକ୍ । ଏହିପରି ଏକ ଅଭିଯୋଗ ହୋଇଛି ବରପାଲିପଡାରେ । ସୂଚନା ଅନୁସାରେ, ସାଲେପାଲିର କୈଳାଶ ବ୍ରହ୍ମ ବରପାଲିପଡାକୁ ଏକ ଘରୋଇ କାମରେ ଯାଇଥିଲେ । ଜଣକ ଘରେ କାମ ସାରି ବାହାରକୁ ଆସିବା ବେଳେ ବାଇକ ନଥିଲା । ସେ ସବୁଆଡେ ଖୋଜା ଖୋଜି କରିଥିଲେ ମଧ ନିଜ ବାଇକ ପାଇ ନଥିଲେ । ଏନେଇ କୈଳାଶ ବ୍ରହ୍ମ ବଲାଙ୍ଗିର ଟାଉନ୍ ପୋଲିସ ଷ୍ଟେସନରେ ଅଭିଯୋଗ କରିଛନ୍ତି । ଏହି ବାଇକ ଚୋରି ପଛରେ ଏକ ବଡ ଗ୍ୟାଙ୍ଗ ହାତ ଥିବା ସନ୍ଦେହ କରାଯାଉଛି ।

# ଦୁଷ୍କର୍ମ ଅଭିଯୁକ୍ତକୁ ୫ ବର୍ଷ ଜେଲ ୧୦ ହଜାର ଜରିମାନା

କନ୍ଧମାଳ,୨୧/୦୪ (ନି.ପ୍ର): ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଭାସ୍କରଚନ୍ଦ୍ର ସାହୁ ଆଜି,ଫୁଲବାଣୀ ଟାଉନ ଥାନା ଅଂଚଳର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣ କରି ଘଟଣାର ୧୦ ଜଣ ସାକ୍ଷି ପିଡିତାଙ୍କ ବୟାନ ଏବଂ ଡାକ୍ତରୀ ରିପୋର୍ଟକୁ ଆଧାର କରି ଅଭିଯୁକ୍ତ ଗଗନ ନାୟକ(୩୪)କୁ ୫ ବର୍ଷ ସଶ୍ରମ କରାଦଣ୍ଡ ସମେତ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ତାକୁ ଆଉ ୩ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ରାୟ ଦେଇଛନ୍ତି । ମାମଲାକୁ ପିଡିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳି ବେହେରା ପରିଚାଳନା କରୁଥିଲେ । ଘଟଣା ଅନୁସାରେ ୧୯.୧୧.୨୦୧୬ ତାରିଖ ଅପରାହ୍ନ ପ୍ରାୟ ୩ଟା ସମୟରେ ଘଟଣାର ପିଡିତା ଜଣେ ୧୫ ବର୍ଷିୟା ଶାରୀରିକ ଏବଂ ମାନସିକ ବିକଳାଙ୍ଗ ହୋଇଥିବା ବେଳେ ସେ ତାଙ୍କ ଘରେ ଏକାକି ଥିବାର ସୁଯୋଗ ନେଇ ଅଭିଯୁକ୍ତ ଗଗନ ତାଙ୍କ ଘରେ ପଶି ତା ସହିତ ଦୁଷ୍କର୍ମ କରିଥିଲା । ଏହା ପୂର୍ବରୁ ଗଗନ ପିଡିତାକୁ ଏହିଭଳି ଘରେ ପଶି ଦୁଷ୍କର୍ମ କରିଥିବା ବେଳେ ଧରା ପଡିଥିଲା । ତାକୁ ସାହି ପଡୋଶୀ ମାନେ ଧରି ନିସ୍ତୁକ ମାଡ ମାରିବା ସହିତ ଏହିଭଳି ଆଉ କେବେ ନ କରିବାକୁ ଚେତାବନୀ ଦେଇ ଛାଡି ଦେଇଥିଲେ ଲୋକେ । ହେଲେ ପରେ ଗତ ୧୯.୧୧.୨୦୧୬ରେ ପୁଣି ଗଗନ ଏହିଭଳି କରିବାରୁ ପରିବାର ଲୋକେ ଫୁଲବାଣୀ ଟାଉନ ଥାନାରେ ଏକ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ୨୩/୨୦୧୬ ରୁଜ୍ଜୁ କରି ଅଭିଯୁକ୍ତକୁ କୋର୍ଟରେ ହାଜର କରାଇଥିଲା । ଆଜି ଏହି ମାମଲାର ବିଚାରଣ କରି ବିଚାରପତି ଉପୋରୋକ୍ତ ରାୟ ଶୁଣାଇଛନ୍ତି ।

# ଡୁଆଝର ଗ୍ରାମରେ ବ୍ଲକସ୍ତରୀୟ ମେଗା ସାସ୍ଥ୍ୟ ଶିବିର

ନୂଆପଡ଼ା,୨୧/୦୪ (ନି.ପ୍ର): ଭାରତ ସ୍ୱାଧିନତାର ୭୫ ବର୍ଷ ପୂରଣ କରିଥିବା ବେଳେ ଆଜାଦ କି ଅମୃତ ମହୋତ୍ସବ ପାଳନ କରୁଛି । ଏ ଅବସରରେ ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଡୁଆଝର ଠାରେ ବ୍ଲକ ସ୍ତରୀୟ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଏବଂ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସମେତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଚୌଧୁରୀ ଶୋଭାରାଣି ମିଶ୍ର, ଖଡିଆଳ ବ୍ଲକ ଅଧକ୍ଷ ପୁଷ୍ପାଞ୍ଜଳି ନନ୍ଦ ଓ ଜିଲ୍ଲା ପରିଷଦ ସଭ୍ୟ ଚିତ ରଞ୍ଜନ ବେହେରା, ତନୟା ଶବର, ମାଲ୍ୟବନ୍ତ ସୁନା, ସ୍ଥାନୀୟ ସରପଂଚ ଜିତୁ କୁମାର, ସମିତି ସଭ୍ୟ କେଦାର ଜଗତ ଯୋଗଦାନ କରି ଉପଯୁକ୍ତ ଚିକିତ୍ସା ପାଇବା ପାଇଁ ଏହି ଶିବିର ଏକ ଉପଯୁକ୍ତ ମାଧମ ବୋଲି କହିଥିଲେ । ଶିବିରରେ ଶିଶୁ ବିଶେଷଜ୍ଞ, ଅସ୍ଥି ଓ ଶୈଳ ବିଶେଷଜ୍ଞ, ଚକ୍ଷୁ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଭଳି ଅନେକ ଡାକ୍ତର ଆସି ମେଗା ସ୍ୱାସ୍ଥ୍ୟ ଶିବିରରେ ମାଗଣା ଚିକିତ୍ସା କରିବା ସହ ମାଗଣା ଔଷଧ ବଂଟନ କରିଥିଲେ । ଯୋଗକୁ ଜୀବନର ପାଥେୟ କରି ରୋଗମୁକ୍ତ ଜୀବନ ଯାପନ କରିବା ପାଇଁ ଯୋଗ ଅଭ୍ୟାସ ମଧ ଆୟୋଜନ କରାଯାଇଥିଲା । ଏହି ଶିବରରେ ସେଲଫି ପଏଂଟ ମଧ ରହିଥିଲା । ଅନେକ ପ୍ରଦର୍ଶନୀ ସ୍ଥଳରେ ସମସ୍ତ ରକମ ସେବା ପ୍ରଦାନ କରାଯାଇଥିଲା । କୋଭିଡ ଟିକାକରଣ, ସମନ୍ୱିତ ପରାମର୍ଶ କେନ୍ଦ୍ର, ଟେଲି ପରାମର୍ଶ କେନ୍ଦ୍ର, ପରିବାର ନିୟନ୍ତ୍ରଣ ନିଦାନ କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରଚଣ୍ଡ ରୌଦ୍ରତାପ କାରଣରୁ ରୋଗୀଙ୍କ ଚିକିତ୍ସା ନେଇ ସମସ୍ତ ବ୍ୟବସ୍ଥା ହାତକୁ ନେବା ସହ ପାନୀୟ ଜଳ ର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ଡାକ୍ତର ବିନୋଦ ବିହାରୀ ରଥ, ଗୋପାଳ ଚନ୍ଦ୍ର ମଲ୍ଲିକ, ଡାକ୍ତର ସୁଧୁର ରଂଜନ ନାଏକ, ଜିଲ୍ଲା ପ୍ରୋଗ୍ରାମ ଅଫିସର ଦିଲ୍ଲିପ ଦୁବେ, ଖଡିଆଳ ଉପଖଣ୍ଡ ଚିକିତ୍ସା ଅଧିକାରୀ ଦୀନବନ୍ଧୁ ମହାନନ୍ଦ, ଡାକ୍ତର ରଂଜିତ ରାଉତ, ମହେନ୍ଦ୍ର ମାଝୀ, ଅଇସା ଦାସ, ଡାକ୍ତର ନାଏକ , ଆୟୁଷ ଅନୁଦା ଶଙ୍କର ଦାସ, ବିଜୟ କିଶୋର ଚଳାନ, ଆଦିତ୍ୟ ଯୋଷୀ, ସଂଘମିତ୍ରା ବାବୁ ରିତେଶ ପଣ୍ଡାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ନୌତିରମୟୀ ସେନାପତି, ଧବଳେଶ୍ୱର ମେହେର, କୃଷ୍ଣଚନ୍ଦ୍ର ରଥ, ଫାର୍ମାସିଷ୍ଟ ଅନୁପ ଭୁଷଣ ସମେତ ନୂଆପଡା ଜିଲ୍ଲା ଖଡିଆଳ ଉପଖଣ୍ଡର ଅନେକ ସ୍ୱାସ୍ଥ୍ୟକର୍ମୀ ସାମିଲଥିଲେ । ଏ ଅବସରେ ୨୦ ୟୁନିଟ୍ ରକ୍ତ ସଂଗ୍ରହଣ କରାଯାଇଥିବା ବେଳେ ୮୦୦ ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯାଇଥିଲା ।

# ଶୌଚାଳୟ ପ୍ରସଙ୍ଗକୁ ନେଇ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ଜଗନ୍ନାଥପ୍ରେମୀ

ପୁରୀ,୨୧/୦୪ (ନି.ପ୍ର): ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ବିଶ୍ୱ ବିଦିତ । ବିଶ୍ୱବ୍ୟାପୀ ହିନ୍ଦୁ ଧର୍ମର ବ୍ୟକ୍ତିମାନେ ଜଗନ୍ନାଥଙ୍କର ପ୍ରିୟ ଭକ୍ତ । କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଶ୍ରୀମନ୍ଦିର ଜଡ଼ିତ । ଶ୍ରୀମନ୍ଦିର ଐତିହ୍ୟ,ରତ୍ନଭଣ୍ଡାର, କୋଟି କୋଟି ଟଙ୍କାର ଜଗନ୍ନାଥଙ୍କ ଜମି,ବ୍ୟାଙ୍କ ବାଲାନ୍ସ, ଖଣି ଖାଦାନକୁ ନେଇ ରାଜ୍ୟ ସରକାର ବେପାରିକରଣ କରୁଥିବା ପୁରୀ ସହରରେ ଚର୍ଚ୍ଚା ହେଉଛି । ଗତ କିଛିଦିନ ତଳେ ଲୋକସଭାରେ ପୁରୀର ସାଂସଦ ପିନାକୀ ମିଶ୍ର କହିଥିଲେ ୪ଟି ଶୌଚାଳୟ ପାଇଁ ଖୋଳାଖୋଳି ହେଉଛି । ଅନ୍ୟ କୌଣସି ବଡ଼ କାମ ସେଠାରେ ହେବ ନାହିଁ । ଯାହା ପୁରୀ ସହରବାସୀଙ୍କ ସମେତ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି । ଅନ୍ୟପକ୍ଷରେ ଜଗନ୍ନାଥ ସଂସ୍କୃତିର ମହିମାରେ ଆଘାତ ଲାଗିଥିବାରୁ ଜଗନ୍ନାଥପ୍ରେମୀ ଭକ୍ତ,ଶାସନ ଗ୍ରାମର ପଣ୍ଡିତ ତଥା ବୁଦ୍ଧିଜୀବୀ ସରୋଜ କୁମାର ମିଶ୍ର ଏ ସଂପର୍କରେ ଭାରତର ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଇ-ମେଲ ଜରିଆରେ ଚିଠି ପଠାଇଥିବା ଶ୍ରୀ ମିଶ୍ର ଗଣମାଧମକୁ ସୂଚନା ପ୍ରଦାନ କରିଛନ୍ତି । ସେ କହିଛନ୍ତି ଶ୍ରୀମନ୍ଦିର ରହିଛି କେତେ ଭକ୍ତ ଆସିଲେଣି ଗଲେଣି,କେତେ ସରକାର ବଦଳିଲାଣି, କେତେ ସାଂସଦ ବଦଳିଲେଣି ହେଲେ ଶ୍ରୀମନ୍ଦିର ଅଛି ଓ ଜଗନ୍ନାଥଙ୍କ ଭକ୍ତ ରହିଛନ୍ତି । ଶ୍ରୀମନ୍ଦିର ସୁରକ୍ଷିତ ଓ ସ୍ଥିତି ରହିଲେ ପୁରୀ ଓଡ଼ିଶାର ମର୍ଯ୍ୟାଦା ରହିବ । ସାଂସଦଙ୍କ ଏହି ବକ୍ତବ୍ୟ ଶ୍ରୀ ମିଶ୍ରଙ୍କୁ ଅଧିକ ମର୍ମାହତ କରିଛି ବୋଲି କହିଛନ୍ତି । ଶ୍ରୀମନ୍ଦିର ପରିକ୍ରମା ମାର୍ଗ ସଂପର୍କରେ ତ୍ରୁଟିପୂର୍ଣ୍ଣ ଓ ଭୁଲ ତଥ୍ୟ ସାଂସଦ ଦେଇଥିବାରୁ ତାହା ଦୁଃଖଦାୟକ ଘଟଣା ବୋଲି ଶ୍ରୀମନ୍ଦିର ଚାରିପଟେ ଚର୍ଚ୍ଚା ହେଉଛି । ଭାରତୀୟ ସମ୍ବିଧାନର ଧାରା ୨୧ ଅନୁସାରେ କୌଣସି ଲୋକର ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯାଇପାରିବ ନାହିଁ । ଜୀବନ ରକ୍ଷା ପାଇଁ କୌଣସି ଲୋକର ସ୍ୱାଧୀନ ଭାବେ ବଂଚିବାର ଅଧିକାର ଉପରେ ବେଆଇନ ଭାବେ ଅଙ୍କୁଶ ଲଗାଯାଇ ପାରିବ ନାହିଁ ବୋଲି ପୁରୀରେ ଚର୍ଚ୍ଚା ହେଉଛି । ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଅଧାର୍ମିକ ବେଆଇନ ପରିକ୍ରମା ମାର୍ଗ କରାଯିବା ଅନୁଚିତ ବୋଲି କୁହାଯାଇଛି ।

## ଶରୀରରେ ବିଷ ବଢ଼ାଉଛି ୧୨ ପ୍ରକାର ଫଳ ଓ ପନିପରିବା



ଶରୀରରେ ବିଷର ମାତ୍ରା ବଢ଼ାଉଛି ୧୨ ପ୍ରକାର ଫଳ ଓ ପନିପରିବା। ଯାହା ଭିତରେ ରହିଛି ଆପଣଙ୍କ ପସନ୍ଦର ଅନେକ ଫଳ। ଏହାକୁ ଜାଣିବା ଜରୁରୀ।

ଫଳ ଓ ପନିପରିବା ଖାଇଲେ ଶରୀରକୁ ଅନେକ ପୋଷଣ ମିଳିଥାଏ। ତେଣୁ ସମସ୍ତେ ଏହା ଆବଶ୍ୟକ ପରିମାଣରେ ଖାଇବା ଉଚିତ୍। ଫଳ ଓ ପନିପରିବା ଖାଇବା ଦ୍ୱାରା ଶରୀରରେ ହଜମ ଶକ୍ତି ଠିକ୍ ରହିଥାଏ। ଶରୀରକୁ ଭିଟାମିନ, ଖଣିଜ ପ୍ରଭୃତି ମିଳିଥାଏ। ଉକ୍ତ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ।

ହେଲେ ନିକଟରେ ଜାରି ଏକ ରିପୋର୍ଟ ମୁତାବକ ୧୨ ପ୍ରକାର ଫଳ ଓ ପନିପରିବା ଖାଇବା ଦ୍ୱାରା ଶରୀରରେ ବିଷର ମାତ୍ରା ବଢ଼ି ଯାଇଥାଏ। ଏହା ଦ୍ୱାରା ଶରୀରରେ ଗମ୍ଭୀର ରୋଗ ସୃଷ୍ଟି ହୋଇପାରେ। ଆମେରିକାର ଏନଭାୟାରମେଣ୍ଟ ଓ୍ୱାର୍କିଂ ଗ୍ରୁପ୍ ଦ୍ୱାରା ଚଳିତ ବର୍ଷ ଜାରି ହୋଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି। ଶରୀରରେ ବିଷ ବଢ଼ାଉଥିବା ଫଳ ଓ ପରିବା ତାଲିକାରେ ଷ୍ଟ୍ରବେରୀ, ପାଳଙ୍ଗ ଶାଗ, ସୋରିଷ ଶାଗ, ସେଓ, ଅଙ୍ଗୁର, ସିମଳା ଲଙ୍କା ଓ ରାଗ ଲଙ୍କା, ଚେରି, ନାସପାତି, ଟମାଟୋଳ ନେକ୍ଟରିନ ଓ ସେଲେରି ପ୍ରମୁଖ ରହିଛି। ଏହା ଶରୀରରେ କ୍ୟାନ୍ସର ବଢ଼ାଇବାର ମଧ୍ୟ କାରଣ ହୋଇପାରେ। ତେବେ ବିଶେଷଜ୍ଞଙ୍କ ମୁତାବକ ଜୈବିକ ଖତ ଦ୍ୱାରା ଉତ୍ପାଦିତ ଏହି ଖାଦ୍ୟଗୁଡ଼ିକ ଶରୀର ପ୍ରତି ସେତେ ଅଧିକ ହାନିକାରକ ନୁହେଁ। କାରଣ ଏଥିରୁ ମଧ୍ୟ ଶରୀରକୁ ଅନେକ ଖାଦ୍ୟ ସାର ଓ ଖଣିଜ ମିଳିଥାଏ। ଖାଦ୍ୟ ଅଭାବ ପୂରଣ ନିମନ୍ତେ ଚାଷ କାର୍ଯ୍ୟରେ ଅଧିକ ପରିମାଣର ରାସାୟନିକ ସାର ଓ କୀଟନାଶକ ବ୍ୟବହାର ଫଳ ଓ ପରିବାରେ ବିଷର ପରିମାଣ ବଢ଼ାଉଛି। ସେହିପରି ଶରୀରରେ କମ୍ କୀଟନାଶକ ବା ବିଷ ବଢ଼ାଉ ଥିବା ଫଳ ମଧ୍ୟରେ ମିଠା ମକା, ସପୁରୀ, ପିଆଜ, ଅମୃତଭଣ୍ଡା, ମିଠା ମଟର, ଶତାବରୀ, ମିଠା ତରଭୁଜ, କିଓ୍ୱି, ବନ୍ଧାକୋବି, ଛତୁ, ଖରଭୁଜ, ଆମ୍ବ, ତରଭୁଜ ଓ କନ୍ଦମୂଳ ପ୍ରଭୃତି ରହିଛି।

## କର୍କଟ ପ୍ରତିରୋଧୀ ପନିପରିବା ଓ ଫଳ



ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସର୍ବେକ୍ଷଣ ଅନୁସାରେ, ଦିନକୁ ଦିନ କର୍କଟରୋଗୀଙ୍କ ସଂଖ୍ୟା ବିଶ୍ୱସ୍ତରରେ ବଢ଼ିବାରେ ଲାଗିଛି । ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ସଂଖ୍ୟାରେ  କର୍କଟ ରୋଗରେ ଆକ୍ରାନ୍ତ ହେଉଥିବାର ପ୍ରକାଶ । ନ୍ୟୁଜିଲାଣ୍ଡର ବିଶେଷଜ୍ଞ ଦଳ ଯଥା ଗବେଷଣା କରିବା ପରେ ପ୍ରକାଶ କରିଛନ୍ତି ଯେ ନିୟମିତ ଭାବେ ଖାଦ୍ୟପେୟରେ କେତୋଟି ପନିପାରିବା ଓ ଫଳ ସାମିଲ କଲେ କର୍କଟ ରୋଗ ହେବାର ଆଶଙ୍କା ଯଥେଷ୍ଟ କମ । ସପ୍ତାହକୁ ୨-୩ଥର ନିଜ ଖାଦ୍ୟ ତାଲିକାରେ ବନ୍ଧାକୋବିର ଉପଯୋଗ କରନ୍ତୁ । ସାଲାଡ ନଚେତ ତରକାରି ଭାବେ ଏହାକୁ ଖାଇବା ଖୁବ୍ ଉପଯୋଗୀ । ବନ୍ଧାକୋବିରେ ଥିବା ଡିଣ୍ଡୋଲିମିଥେନ, ସଲଫରୋଫାନ, ସେଲେନିୟମ ତତ୍ତ୍ୱ ହିଁ କର୍କଟ ପ୍ରତିରୋଧୀ । ମାଇକ୍ରୋଓ୍ୱେଭ ପ୍ରସ୍ତୁତି ବନ୍ଧାକୋବିର ବ୍ୟଞ୍ଜନ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିବାର ବିଶେଷଜ୍ଞଙ୍କ ମତ । ଫଳ ମଧ୍ୟରେ ଷ୍ଟ୍ରବେରି ଓ ଡାଳିମ୍ବ କର୍କଟ ହେବାର ଆଶଙ୍କା କମ କରେ । ଏସବୁର ରସ ପ୍ରତ୍ୟହ ପିଇବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ଶକ୍ତି ମିଳିଥାଏ ।

## ଅଣ୍ଡା ଫ୍ରାଏଡ ରାଇସ

**ଆବଶ୍ୟକ ସାମଗ୍ରୀ:** ଚାଉଳ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଲୁଣ, ଅଣ୍ଡା, ଟମାଟୋ, ଅଦା, ରସୁଣ ପେଷ୍ଟ, ତେଲ, କଟା ପିଆଜ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗରମ ଭାତ ରୋଷେଇ କରି ତାକୁ କିଛି ସମୟ ପାଇଁ ଏକ ପାତ୍ରରେ ଥଣ୍ଡା କରି ଦିଅନ୍ତୁ। ପରେ ସେଥିରେ ଅଳ୍ପ ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ରିଫାଇନ ତେଲ ଓ ଲୁଣ ପକାଇ ଭଲଭାବରେ ଗୋଳାଇ ଦିଅନ୍ତୁ। ପରେ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ ଲଙ୍କା ଗୁଣ୍ଡ ଓ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଅଣ୍ଡା ପକାଇ ଭୁଜିଆ ବନାନ୍ତୁ। ଅଣ୍ଡା ଭୁଜିଆ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ।ଏହାପରେ ପୁଣି ଥରେ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ ଅଦା, ରସୁଣ ପେଷ୍ଟ ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ କଟା ପିଆଜ ପକାଇ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପିଆଜ ଲାଲ ହେବା ପରେ ସେଥିରେ ଲଙ୍କା ଗୁଣ୍ଡ, ଚିକେନ ପାଉଡର, ହଳଦି ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପରେ କିଛି କଟା ଟମାଟୋ ପକାଇ ମସଲାକୁ କିଛି ସମୟ ପାଇଁ ଢ଼ାଙ୍କି ଦିଅନ୍ତୁ। ଟମାଟୋ ମସଲାରେ ମେଲ୍ଟ ହୋଇଯିବା ପରେ ସେଥିରେ ଅଣ୍ଡା ଭୁଜିଆକୁ ପକାଇ ଦେଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ତା'ପରେ ସେଥିରେ ମସଲା ଭାତକୁ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କିଛି ସମୟ ଏହାକୁ ଗ୍ୟାସରେ ବସାଇ ରଖନ୍ତୁ। ପରେ ଏହାକୁ ତଳକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଅଣ୍ଡା ଫ୍ରାଏଡ ରାଇସ୍।



## କାଙ୍କଡ଼ ମାଂସଠୁ ଅଧିକ ପ୍ରୋଟିନଯୁକ୍ତ



ଅନେକ କାଙ୍କଡ଼ ଖାଇବାକୁ ଭଲ ପାଆନ୍ତି ନାହିଁ, କିନ୍ତୁ ଅନ୍ୟ ପରିବା ଅପେକ୍ଷା ଏହା ଯଥେଷ୍ଟ ପ୍ରୋଟିନଯୁକ୍ତ । ମାଂସଠାରୁ ଏଥିରେ ୫୦ ପ୍ରତିଶତ ପ୍ରୋଟିନ ଥାଏ । କାଙ୍କଡ଼ ଫାଇଟୋକେମିକାଲ ଯୁକ୍ତ, ଯାହା ସ୍ୱାସ୍ଥ୍ୟକର ଏବଂ ଶକ୍ତି ପ୍ରଦାନକାରୀ । କେତେକ ଅଞ୍ଚଳରେ ଏହାକୁ ମିଠା କଲରା କୁହାଯାଏ । ଏଥିରେ ପ୍ରଚୁର ପରିମାଣରେ ପ୍ରୋଟିନ ଓ ଆଇରନ ରହିଛି । ୧୦୦ ଗ୍ରାମ କାଙ୍କଡ଼ରୁ ୧୭ କ୍ୟାଲେରି ମିଳେ । ଏହାଛଡ଼ା ଏଥିରେ ମୋମୋରଡେସିନ ତତ୍ତ୍ୱ ରହିଛି, ଯାହା ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିଡାଇଜେବଟିସ୍, ଆଣ୍ଟିଷ୍ଟେରସ ଭଳି କାମ କରେ । ଏହା ଦ୍ୱାରା ଓଜନ ସହ ରକ୍ତଚାପ ହ୍ରାସପାଏ । କାଙ୍କଡ଼ରେ ଥିବା ମୋମୋର ଡେସିନ ତତ୍ତ୍ୱ ପାଇଁ ପାଣିପାଗ ପରିବର୍ତ୍ତନ କାରଣରୁ ହେଉଥିବା ଥଣ୍ଡା ଓ କାଶରୁ ସୁରକ୍ଷା ମିଳେ। ଏକ ରିପୋର୍ଟ ଅନୁସାରେ, ପ୍ରାଚୀନ କାଳରେ ଲୋକେ କାଙ୍କଡ଼କୁ ଆଚାର କରି ଔଷଧ ରୂପେ ବ୍ୟବହାର କରୁଥିଲେ । କାଙ୍କଡ଼ରେ ଲ୍ୟୁଟେନ ରହିଛି, ଯାହା ପେଟ, ହୃଦରୋଗ ଓ କର୍କଟଠାରୁ ଶରୀରକୁ ଦୂରେଇ ରଖିଥାଏ ।

## ଚକ୍‌ଲେଟ୍ ମିଲ୍କସେକ୍

ଆବଶ୍ୟକ ସାମଗ୍ରୀ: ବରଫ, ଚକଲେଟ୍, ସିରପ, ଚିନି, କ୍ଷୀର, ଚକ୍‌ଲେଟ୍ ଆଇସିକ୍ରିମ୍, ଚକୋଚିପ୍ସ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକପାତ୍ରରେ ଚକ୍‌ଲେଟ୍ ଆଇସିକ୍ରିମ୍‌କୁ ନିଅନ୍ତୁ। ସେଥିରେ କିଛି ବରଫ, ଚକଲେଟ୍ ସିରପ, ଚିନି ଓ କ୍ଷୀର ପକାଇ ଭଲ ଭାବରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହାପରେ ଏକ ଗ୍ଲାସ ଆଣି ତା' ଭିତରେ କିଛି ଚକଲେଟ୍ ସିରପକୁ ପକାଇ ଦିଅନ୍ତୁ। ପରେ ସେଥିରେ କିଛି ଚକୋଚିପ୍ସକୁ ପକାଇ ଦିଅନ୍ତୁ। ଏହାପରେ ଗ୍ରାଇଣ୍ଡିଂ କରି ରଖିଥିବା ମିଲ୍କସେକ୍‌କୁ ସେଥିରେ ଢାଳି ଦିଅନ୍ତୁ। ପରେ ତା' ଉପରେ ଚକୋଚିପ୍ସକୁ ପକାଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚକ୍‌ଲେଟ୍ ମିଲ୍କସେକ୍।



## ରାସ୍ତା ଅତିକ୍ରମ ସମୟରେ ଫୋନ ବ୍ୟବହାର: ଏଥର ଲାଗିବ ଜରିମାନା





ରାସ୍ତାରେ ଚାଲୁଥିବା ସମୟରେ, ଯଦି ଆପଣ ଫୋନ ବ୍ୟବହାର କରୁଛନ୍ତି, ମେସେଜ ପଠାଉଛନ୍ତି ତେବେ ସତର୍କ ହୋଇଯାଆନ୍ତୁ । କାରଣ ନ୍ୟୁୟର୍କରେ ଖୁବଶୀଘ୍ର ଏକ ନୂଆ ଆଇନ ପ୍ରଣୟନ ହେବାକୁ ଯାଉଛି ।  ଉପସ୍ଥାପିତ ହୋଇଥିବା ଏହି ବିଟ୍ ଅନୁସାରେ ଯଦି ରାସ୍ତାରେ ଚାଲୁଥିବା ସମୟରେ କେହି ଫୋନ ବ୍ୟବହାର କରୁଥିବାର ଦେଖିବାକୁ ମିଳିବ ତେବେ ତାଙ୍କ ଉପରେ ଲାଗିବ ଜରିମାନା । ଏହି ଜରିମାନା ପରିମାଣ ୨୫ ଡଲାରରୁ ୫୦ ଡଲାର ପର୍ଯ୍ୟନ୍ତ ରହିଛି । ସିନେଟର ଜନ୍ ଲିୟୁଙ୍କ କହିବା ଅନୁସାରେ ଏହି ବିଲ୍ ଆଣିବାର ଉଦ୍ଦେଶ୍ୟ ହେଉଛି ରାସ୍ତା ଦୁର୍ଘଟଣାକୁ ରୋକିବା। ରାସ୍ତା ଅତିକ୍ରମ ସମୟରେ, ରାସ୍ତରେ ଚାଲୁଥିବା ସମୟରେ ଲୋକେ ଫୋନ ବ୍ୟବହାର କରିବା କାରଣରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ତେଣୁ ଲୋକଙ୍କୁ ଏ ଦିଗରେ ସଚେତନ କରାଇବା ଦିଗରେ ନୂଆ ବିଲ ଆଣିବାକୁ ଆମେ ଉଦ୍ୟମ କରୁଛି । ତେବେ ଜରୁରୀକାଳୀନ ପରିସ୍ଥିତିରେ ଅର୍ଥାତ୍ ଡାକ୍ତରଖାନା, ଡାକ୍ତର, ନିଆଁଲିଭା ଗାଡି, ପୁଲିସ୍ ମାନଙ୍କୁ ପୋନ କରିବା କ୍ଷେତ୍ରରେ ଏହି ନିୟମକୁ କୋହଳ କରାଯାଇଛି ।

## ଭାରତୀୟ ଖାଦ୍ୟର ଆଦର

ଏଇ ୨୦୧୯ ଜାନୁଆରୀ ଶେଷ ସପ୍ତାହର ଘଟଣା । ଫ୍ରାନ୍ସରୁ ଏକ ମଧ୍ୟବୟସ୍କ ଦମ୍ପତି ସେମାନଙ୍କ ୧୯ ବର୍ଷୀୟ ପୁଅ ଲିଥେସଙ୍କ ସହ ଭାରତ ଭ୍ରମଣରେ ଆସିଥିଲେ । ପୂରା ପରିବାର ପିଜ୍ଜା ଖାଇବା ପାଇଁ ସଦାସର୍ବଦା ବ୍ୟାକୁଳ ଥାନ୍ତି । ଫ୍ରାନ୍ସର ଗଳିକନ୍ଦିରେ ମଧ୍ୟ ବିଭିନ୍ନ ସୁଆଦର ପିଜ୍ଜା ମିଳିଥାଏ । ଭାରତ ଆସିବା ପୂର୍ବରୁ ଲିଥେସ୍ ଇଣ୍ଟରନେଟରୁ ଅବଗତ ହୋଇଥିଲେ ଯେ ଭାରତରେ ସୁଆଦିଆ ଖାଦ୍ୟ ମିଳିଥାଏ ସତ, କିନ୍ତୁ ସେସବୁ ଖଦ୍ ମସଲାରେ ପ୍ରସ୍ତୁତ କରାଯାଏ । ଏହା ସହ ତାଙ୍କ ଫ୍ରାନ୍ସ ଷ୍ଟାଇଲର ପିଜ୍ଜା ଏଠାରେ ମିଳିବ ନାହିଁ ବୋଲି ଆଶଙ୍କାରେ ସେମାନେ  ଆସିଲେ । ପ୍ରଥମେ ପୁଡୁଚେରୀରେ ସେମାନେ ପହଞ୍ଚିଲେ । ଫରାସୀ ଢ଼ାଞ୍ଚାର ଏଇ ସହରକୁ ମାତ୍ର କିଛି ଘଣ୍ଟାରେ ଏଇ ଫ୍ରାନ୍ସ ପରିବାର ଆଦରି ନେଲା । ପହଞ୍ଚିବା ପରେ ପ୍ରଥମେ ସେମାନେ  ଭାରତୀୟ ଖାଦ୍ୟ 'ଦୋସା' ଖାଇଲେ । ଖୁବ୍ ସ୍ୱାଦିଷ୍ଟ ଥିଲା, କିନ୍ତୁ ଲିଥେସଙ୍କ  ମନ ପିଜ୍ଜା ପାଖରେ ଥାଏ । ସାନ୍ଧ୍ୟ ଭ୍ରମଣରେ ସମୁଦ୍ରକୂଳ ପାଖରେ ବୁଲୁଥିବା ସମୟରେ ଏକ କାଫେ ତାଙ୍କ ଦୃଷ୍ଟିରେ ଆସିଲା । ବେଶୀ ଚାକଚକ୍ୟ ନଥିଲା କିନ୍ତୁ ବାହାରେ ମେନୁ ଲେଖାଥିଲା ଯେ ଇଟାଲିଆନ୍ ପିଜ୍ଜା ଏଠାରେ ଉପଲବ୍ଧ । ତୁରନ୍ତ ଏକ ଫରାସୀ ପରିବାର ଭିତରକୁ ଯାଇ ବରାଦ ଦେଲା 'ପିଜ୍ଜା' । କିଛି କ୍ଷଣରେ ସେମାନଙ୍କୁ  ମିଳିଲା 'ପିଜ୍ଜା' । ଖାଇବା ପରେ ଲିଥେସ୍ ଆଶ୍ଚର୍ଯ୍ୟ ହେଲେ ଯେ ଭାରତରେ ଏଭଳି ସ୍ୱାଦର ପିଜ୍ଜା ମିଳିବ ବୋଲି ସେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ । ଏହା ଇଟାଲୀ ପିଜ୍ଜାଠାରୁ ମଧ୍ୟ ଅଧିକ ସୁଆଦିଆ ବୋଲି ସେ ସୋସିଆଲ ସାଇଟରେ ଅପଲୋଡ କରିଛନ୍ତି ।








## ଅନ୍ତରୀକ୍ଷ ବିଷୟରେ ରୋଚକ ତଥ୍ୟ



ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଅନ୍ତରୀକ୍ଷରେ ପାଣିର ବିଶାଳ ଭଣ୍ଡାର ଭାସମାନ ଅବସ୍ଥାରେ ଅଛି ଯାହା କି ପୃଥିବୀରେ ଥିବା ସମସ୍ତ ସମୁଦ୍ରରେ ପାଣି ଠାରୁ ଲକ୍ଷ୍ୟାଧିକ  ଗୁଣ ଅଧିକ । ଅନ୍ତରୀକ୍ଷକୁ ଯାଉଥିବା ଯାତ୍ରୀଙ୍କର ଗୋଟିଏ ସ୍ପେସ୍ ସୁଟ୍ ତିଆରି  କରିବାକୁ ଭାରତୀୟ ମୁଦ୍ରାରେ ଏକ କୋଟି କୋଡ଼ିଏ ଲକ୍ଷ ଟଙ୍କା ଦରକାର ହୁଏ । ଅନ୍ତରୀକ୍ଷ ଯାତ୍ରୀଙ୍କ ଅନୁସାରେ ସ୍ପେସରେ ଓ୍ୱେଲଡିଙ୍ଗର ଧୂଆଁ ଓ ଗରମ ଧାତୁ ପରି ବାସ୍ନା ଥାଏ । ସ୍ପେସରେ ପ୍ରଥମ ସେଲଫି ୧୯୬୬ରେ ବଜ୍ ଏଲଡ୍ରିନଙ୍କ ଦ୍ୱାରା ନିଆଯାଇଥିଲା ଏହାର ଦାମ ୬ଲକ୍ଷ ଟଙ୍କା । ଏମାନଙ୍କ ମତରେ ସେଠାରେ ଦିନରେ ପନ୍ଦର ଥର ସୂର୍ଯ୍ୟ ଉଦୟ ହୁଅନ୍ତି ଓ ଅସ୍ତ ଯାଆନ୍ତି। ଅଧିକାଂଶ ଅନ୍ତରୀକ୍ଷ ଯାତ୍ରୀ ଅନ୍ତରୀକ୍ଷକୁ ଯାଇ ଦୁଇ ଇଞ୍ଚ ଲମ୍ବା ହୋଇଯାନ୍ତି । ଆପଣ ଅନ୍ତରୀକ୍ଷରେ କାନ୍ଦି ପାରିବେ ନାହିଁ କାରଣ ସେଠାରେ ଲୁହ ବାହାରେ ନାହିଁ । ଶନିଗ୍ରହଙ୍କ ଚାରିପଟେ ଦେଖାଯାଉଥିବା ବଳୟ ବରଫ ସେଠାରେ ଲୁହ ବାହାରେ ନାହିଁ । ଶନିଗ୍ରହଙ୍କ ଚାରିପଟେ ଦେଖାଯାଉଥିବା ବଳୟ ବରଫ, ଧୂଳି ଓ ପଥର ମିଶି ହୋଇଛି । କାରଣ ସେଠାରେ ସୂର୍ଯ୍ୟ ଧଳାରଙ୍ଗର ଦେଖାଯାଆନ୍ତି। ଅନ୍ତରୀକ୍ଷରେ ଯାତ୍ରୀମାନଙ୍କୁ ବହୁତ ସଂଘର୍ଷ  କରିବାକୁ ପଡ଼େ । ସେମାନଙ୍କୁ ଆଖିରେ ପଟି ବାନ୍ଧି ଗୋଟିଏ ବଙ୍କରେ ଶୋଇବାକୁ ପଡ଼େ କାରଣ ପହଁରିବା ବା ଏପଟ ସେପଟ ହୋଇ ବାଡ଼େଇ ହେବାର ସମ୍ଭାବନା ଥାଏ । ଆମେରିକାର ଅନ୍ତରୀକ୍ଷ ଯାତ୍ରୀମାନେ ଅନ୍ତରୀକ୍ଷରୁ ନିର୍ବାଚନରେ ସେମାନଙ୍କର ଭୋଟ୍ ଦେଇପାରନ୍ତି । ସେଠାରେ ରହିବା ବେଳେ ଏହି ଯାତ୍ରୀମାନଙ୍କର ନଖ ଛୋଟ ହୋଇଯାଏ । ପୃଥିବୀରୁ ଆକାଶ ନୀଳ ରଙ୍ଗ ଦେଖାଯାଏ କିନ୍ତୁ ସେଠାରେ ସେମାନଙ୍କୁ ଆକାଶ କଳା ରଙ୍ଗର ଦେଖାଯାଏ ।

## ପାଣି ପାଇଁ ରୋଷେଇ ଘରେ ପଶିଗଲା କୁମ୍ଭୀର




ଗୁଜୁରାଟର ବଡୋଦରା ନିକଟସ୍ଥ ରାଓଲ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ଅଚାନକ କୁମ୍ଭୀର ପଶିବା ପରିବାର ଲୋକଙ୍କୁ ଆତଙ୍କିତ କରିଦେଇଥିଲା । ସକାଳୁ ରାଧାବେନ ଗୋହିଲଙ୍କ ଝିଅ ନିମିଷା ପାଣି ପିଇବା ପାଇଁ ରୋଷେଇ ଘରକୁ ଆସିଥିଲା ବେଳେ ରୋଷେଇ ଘର  ଭିତରେ କୁମ୍ଭୀର ପଶିଥିବା ଦେଖି ଭୟଭୀତ ହୋଇପଡ଼ିଥିଲା । ଏ ସମ୍ପର୍କରେ ରାଧାବେନ କହିଛନ୍ତି ଯେ, ପ୍ରଥମେ ଝିଅର ଏହି କଥାକୁ ମୁଁ ବିଶ୍ୱାସ କରିପାରିନଥିଲି । ହେଲେ ପରେ ୫ଫୁଟ୍  ଲମ୍ବ ଏହି କୁମ୍ଭୀରକୁ ଦେଖି ଡରିଯାଇଥିଲି । ତେବେ କୁମ୍ଭୀର କାହାକୁ ଆକ୍ରମଣ କରିନଥିଲା । ରୋଷେଇ ଘର ଭିତରେ ଥିବା ଏକ ଟବରୁ କୁମ୍ଭୀରଟି ପାଣି ପିଇବାର ଉଦ୍ୟମ କରୁଥିଲା । ଗରମ କାରଣରୁ ରାତିରେ ଆମେ ପଛପଟ ଦୁଆର ଖୋଲା ରଖିଥିବା ବେଳେ କୁମ୍ଭୀରଟି ପଶିଆସିଥିଲା । ଏହି ଖବର ଗ୍ରାମରେ ପ୍ରସାରିତ ହେବା ପରେ ଲୋକେ କୁମ୍ଭୀକୁ ଦେଖିବାକୁ ଭିଡ଼ ଜମାଇଥିଲେ । ପରେ ବନ ଅଧିକାରୀ କୁମ୍ଭୀରକୁ ସୁରକ୍ଷିତ ନଦୀରେ ଛାଡ଼ିଥିଲେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଧାର୍ମିକ ବିଦ୍ୱେଷ...

ଦେଶର ରାଜଧାନୀ ଦିଲ୍ଲୀରେ ପୁଣି ଧାର୍ମିକ ହିଂସା ମୁଣ୍ଡ ଟେକିଛି । ହନୁମାନ ଜୟନ୍ତୀ ଶୋଭାଯାତ୍ରା ବାହାର କରିବା ସମୟରେ ଆକସ୍ମିକ ଭାବେ କେତେକ ଦୁର୍ବୃତ୍ତ ଢେଲାପଥର ଫିଙ୍ଗା ଆରମ୍ଭ କରିଦେଲେ । ସେଇଠୁ ଆରମ୍ଭ ହୋଇଗଲା ଝିମିଟି ଖେଳରୁ ମହାଭାରତ । ଉତ୍ତର-ପଶ୍ଚିମ ଦିଲ୍ଲୀର ଜାହାଙ୍ଗିରପୁରୀରେ ଢେଲା ପଥର ମାଡ଼ ଘଟଣା ସମ୍ପୃକ୍ତ ଅଞ୍ଚଳର ଶାନ୍ତି ଭଙ୍ଗ କରିଥିବା ହେତୁ ପୁଲିସ ଓ ପ୍ରଶାସନ ଅବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛି । ଏହି ଘଟଣାରେ ବ୍ୟାପକ ହିଂସା ଓ ଲୁଟ୍‌ପାଟ ହୋଇଥିବାର ଅଭିଯୋଗ ଆଧାରରେ ୨୩ଜଣଙ୍କୁ ଗିରଫ କରି ନିଆଯାଇଛି । ଛଅରୁ ଅଧିକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି ଏବଂ ସଂଘର୍ଷରେ ଆହତ ହୋଇଛନ୍ତି ୯ଜଣ । ହନୁମାନ ଜୟନ୍ତୀ ଶୋଭଯାତ୍ରା ଉପରେ ଢେଲା ପଥର ଫିଙ୍ଗା ଫଳରେ ବହୁ ଦୋକାନ ଭାଙ୍ଗିରୁଜି ଯାଇଛି । ହିଂସା ପରବର୍ତ୍ତୀ ସ୍ଥିତିରେ ପୁଲିସ ମୁତୟନ କରାଯାଇଛି ଏବଂ ପୁଲିସକୁ ବିଭିନ୍ନ ବ୍ଲକ୍‌ରେ ମୁତୟନ କରାଯାଇଛି । ଗୃହମନ୍ତ୍ରୀ ଅମିତ୍ ଶାହ ଶାନ୍ତି ଓ ନାଗରିକ ସୁରକ୍ଷା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତ କିଛିବର୍ଷ ଭିତରେ ଏଭଳି ପୁଲିସ ବନ୍ଦୋବସ୍ତ କେବେ ହୋଇନଥିଲା ବୋଲି କହୁଛନ୍ତି ସ୍ଥାନୀୟ ଜନସାଧାରଣ । ହିନ୍ଦୁ-ମୁସଲିମ୍ ନିର୍ବିଶେଷରେ ଶାନ୍ତି ଓ ସଦ୍ଭାବ ରକ୍ଷାପୂର୍ବକ ହନୁମାନ ଜୟନ୍ତୀ ପାଳନ କରୁଥିବାର ଦେଖାଯାଉଥିଲା । ହଠାତ୍ ହିଂସା ଓ ଅସୂୟା ଜାତ ହେବାର କାରଣ ଯାହା ହେଉନା କାହିଁକି, ଟିଭିରେ ପ୍ରସାରିତ ଖବର ଶୁଣିବା ପରେ ଲୋକମାନେ ଇତସ୍ତତ ଧାଁ ଦଉଡ଼ କରିବାକୁ ଆରମ୍ଭ କରିଦେଲେ । ତାହା ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି କରିଦେଲା ବୋଲି କୁହାଯାଉଛି । ପୁଲିସ ପ୍ରଶାସନ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ସଦସ୍ୟମାନଙ୍କ ନାମରେ ଏତଲା କରି ଅନୁସନ୍ଧାନ ଚଳାଇଛି । ନିଜେ ଦିଲ୍ଲୀ ପୁଲିସ କମିଶନର ରାକେଶ ଆସ୍ଥାନା ଏ ସମ୍ପର୍କରେ ସୂଚନା ଦେଇ ଦୁର୍ବୃତ୍ତଙ୍କ ଦ୍ୱାରା ଖଣ୍ଡା ଓ ଗୁଳିଚାଳନା ଭଳି ଘଟଣା ପାଇଁ ଦଫା ଲଗାଯାଇଥିବା କହିଛନ୍ତି । ଚଉଦଟି ଟିମ୍ ଗଠନ କରି ସାରା ଇଲାକାରେ ଘରକୁ ଘର ତଲାସି ଚାଲିଥିବାର ମଧ୍ୟ ସୂଚନା ଦେଇଛନ୍ତି ଆସ୍ଥାନା । ମାମଲାଟି ଏହିଭଳି ଇଲାକାରେ ଥିବା ମସଜିଦ୍ ଠାରୁ କେଇ ମିଟର ଦୂରରେ ରହିଛି ଏକ ମନ୍ଦିର । ଫଳରସ ବିକ୍ରେତା ଦେଖିଥିବା ବିବରଣୀ ପ୍ରକାରେ କିଛି ଯୁବକ ଖଣ୍ଡା ବୁଲାଇବା ଆରମ୍ଭ କରିଦେଲେ । ସେଥିରେ ଭୟଭୀତ ହୋଇ ଲୋକମାନେ ଏଣେତେଣେ ଦୌଡ଼ିବାକୁ ଆରମ୍ଭ କଲେ । କୁଶଳ ଚୌକ ଅଞ୍ଚଳରେ ଦୁର୍ବୃତ୍ତମାନଙ୍କ ହଙ୍ଗାମାରେ ଭୟଭୀତ ହୋଇ ସେମାନଙ୍କ ଭିତରୁ କେତେକ ଲୁଚି ଯାଇଛନ୍ତି । ପରେ କେତେଜଣ ମୁସଲିମ୍ ଗୋଷ୍ଠୀର ଲୋକ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଭେଟି ସେମାନେ କିଭଳି ସୁରକ୍ଷିତ ରହିପାରିବେ, ସେଥିପାଇଁ ଫେରାଦ୍ ହୋଇଛନ୍ତି । ଏହା ଭିତରେ ମୁଖ୍ୟ ଅଭିଯୁକ୍ତ ସୋନୁକୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଛି । ତା'ଠାରୁ ଅସଲ ଗୁମର ବାହାରିବ ବୋଲି ଆଶା ରଖିଛି ପୁଲିସ । ଏହିଭଳି ଅନ୍ୟ ଏକ ପ୍ରସଙ୍ଗ ମୁଣ୍ଡ ଟେକିଛି ମହାରାଷ୍ଟ୍ରରେ । ଏବେ ରମ୍‌ଜାନ ପାଳନ ହେଉଥିବା ସମୟରେ ରାଜ୍ ଠାକ୍‌ରେ ଅଜାନ୍ ମାଇକ୍‌ରେ ପଢ଼ାଯିବାର ବିରୋଧ କରି ପ୍ରସଙ୍ଗ ଉଠାଇଛନ୍ତି । ରାଜ୍ ନିଜକୁ କଟ୍ଟର୍ ହିନ୍ଦୁତ୍ୱବାଦୀ ବୋଲାଇଥାନ୍ତି । ତାହାକୁ ପ୍ରସଙ୍ଗ କରି ମୁମ୍ବାଇ ରାଜନୀତିରେ ହଲଚଲ ସୃଷ୍ଟି କରିବାକୁ ହତାଶ ଉଦ୍ୟମ କରିଛନ୍ତି ରାଜ୍ ଠାକ୍‌ରେ । ଏଭଳି ହିଜାବ୍, ହଲାଲ୍ ଭଳି ନାନା ଅପ୍ରସଙ୍ଗକୁ ପ୍ରସଙ୍ଗ ବନାଇବାର ହତାଶ ଉଦ୍ୟମ ଜାତିଆଣବାଦୀଙ୍କୁ ଲୋକହସା କରିବା ସାର ହେଉଛି । ମାତ୍ର ନିରୀହ ଜନସାଧାରଣ ଏହି ଅପପ୍ରଚାରର ଶିକାର ହେଉଛନ୍ତି । ଦେଶର ସ୍ଥାନେ ସ୍ଥାନେ ଧାର୍ମିକ ହିଂସା ବଢୁଥିବାର କାରଣ ଖୋଜିବାପାଇଁ କିଛି ନା କିଛି ବାହାନା ପାଇଯାଉଛନ୍ତି ଦୁଷ୍କୃତିକାରୀମାନେ । ସେମାନଙ୍କ ପଛରେ ମଧ୍ୟ କାହାରି ନା କାହାରି ରାଜନୈତିକ ପୃଷ୍ଠପୋଷକତା ରହୁଛି । ହିନ୍ଦୁ ମୌଳବାଦୀଙ୍କ ଭଳି ମୁସଲିମ୍ ମୌଳବାଦୀ ଅଛନ୍ତି । ସେମାନେ ଦେଶରେ ଶାନ୍ତି-ସଦ୍ଭାବ ଚାହାଁନ୍ତି ନାହିଁ । କୌଣସି ନା କୌଣସସି ବାହାନାରେ ସେମାନେ କିଛି ଗଣ୍ଡଗୋଳ ଭିଆଇବା ସକାଶେ ସୁଯୋଗକୁ ହାତଛଡ଼ା କରିବାକୁ ଓଉର ଉଣ୍ଡୁଥାନ୍ତି । ସେମାନେ ବୁଝି ନବୁଝିବା ଭଳି ଆଚରଣ ଦେଖାଇ ଜାତୀୟ ସଂହତି ଓ ଅଖଣ୍ଡତାର କିଭଳି କ୍ଷତି କରୁଛନ୍ତି, ତାହା ବର୍ଣ୍ଣନା ଓ କଳ୍ପନାର ବାହାରେ । ଦେଶ ଏବେ ସଙ୍କଟ ଭିତର ଦେଇ ଗତି କରୁଛି । ତାହା ସମସ୍ତଙ୍କର ଉପଲବ୍ଧି । ଉପସ୍ଥିତ ସଂକଟର କିଭଳି ମୁକାବିଲା କରିହେବ, ତାହା ଆମ ସମସ୍ତଙ୍କର ପ୍ରାଥମିକତା ହେବା ଦରକାର । ଦେଶ ବାହାରେ ଯୁଦ୍ଧ ଚାଲିଛି । ଦେଶ ଭିତରେ ଲୋକମାନେ ଯୁଝୁଛନ୍ତି ଅର୍ଥନୈତିକ ଲଢ଼େଇ । ନିତିଦିନର ସଂଘର୍ଷର କଥାକୁ ଅଗ୍ରାଧିକାର ହେବା ସମସ୍ତଙ୍କର କାମ । ସେପଟେ ଆସିଗଲାଣି ବଡ଼ଧରଣର ଭୂତାଣୁ ଭୟ । ଦିଲ୍ଲୀ ସମେତ ବିଭିନ୍ନ ପ୍ରାନ୍ତରେ ତାହା କାୟା ମେଲାଇ ଚାଲିଛି । କାହାକୁ ଜଣାନାହିଁ, ତାହାର ଆକାର ପ୍ରକାର କିଳଭି । ପ୍ରତି ଜିନିଷର ଦର ବଢ଼ିଛି । ତେଣୁ ସେହି ପ୍ରସଙ୍ଗକୁ ଅଗ୍ରାଧିକାର ଦେବା ପରିବର୍ତ୍ତେ ଅଯଥା ପ୍ରସଙ୍ଗକୁ ଅନୁଚିତ୍ ପ୍ରାଥମିକତା ଦେଉଥିବା ମହଲ କାହାରି ପାଇଁ ଉପକାରରେ ଆସିନପାରନ୍ତି ।

## ଜାତୀୟ ନୂଆ ଶିକ୍ଷାନୀତି ନିର୍ଘଣ୍ଟ



**ଡକ୍ଟର ଲକ୍ଷ୍ମଣ ସାହୁ**

ଏବେ ତୃତୀୟ ଶିକ୍ଷା ନୀତି ବିଷୟରେ ଅନେକ ଆଲୋଚନା ଚାଲିଛି। ଡିଜିଟାଇଜେସନ୍ ର ଭଲ ଏବଂ ଖରାପ ବିଷୟରେ ବିତର୍କ ଅଛି । ତଥାପି, ଆରମ୍ଭରେ କିଛି ପ୍ରଶ୍ନର ଉତ୍ତର ଖୋଜିବା ଉପରେ ଗୁରୁତ୍ୱ ଦେବାକୁ ପଡୁଛି । ଏକ ନୂତନ ଜାତୀୟ ଶିକ୍ଷା ନୀତିର ହଠାତ୍ ଆବଶ୍ୟକତା କାହିଁକି? ଏହି ସରକାରଙ୍କ ଏଜେଣ୍ଡା ସହିତ ଜାତୀୟ ଶିକ୍ଷା ନୀତି କେଉଁଠାରେ ଅଛି? ଏହି ନୀତିର ଉଦ୍ଦେଶ୍ୟ, ସରକାରଙ୍କ ଲାଭ କ'ଣ ? ଶିକ୍ଷା କ୍ଷେତ୍ରରେ ନୂତନ ନୀତିରେ କି ପ୍ରକାର ପରିବର୍ତ୍ତନ ଆସିବ? ନୂତନ ପ୍ରସ୍ତାବ ଛାତ୍ର ସମ୍ପ୍ରଦାୟକୁ କିପରି ଉପକୃତ କରିବ ? କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ କ୍ଷମତାର ସାମ୍ବିଧାନିକ ବିଭାଜନ ବଜାୟ ରହିବ କି ? ଏବଂ ସର୍ବୋପରି, ଏହି ନୂତନ ନୀତି ପଛୁଆ ଛାତ୍ରମାନଙ୍କୁ ଶିକ୍ଷାର ଅଗ୍ରଭାଗକୁ ଆଣିବାରେ ସକ୍ଷମ ହେବ କି ? ସମାଜର ଦୁର୍ବଳ ବିଭାଗଗୁଡ଼ିକ ପାଇଁ ଶିକ୍ଷା ଅଧିକ ଉପଲବ୍ଧ ହେବ କି? ସରକାରଙ୍କ ଅନୁଯାୟୀ, ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ହେଉଛି ଶିକ୍ଷାର ସମ୍ପୂର୍ଣ୍ଣ ରୂପାନ୍ତର ।

ପ୍ରଶ୍ନ ହେଉଛି, ପରିବର୍ତ୍ତନ କାହା ସ୍ୱାର୍ଥରେ ? ଦେଶରେ ୧୫୦ ନିୟୁତ ପିଲା ଏପର୍ଯ୍ୟନ୍ତ ବିଦ୍ୟାଳୟରେ ନାମ ଲେଖାଇ ନାହାଁନ୍ତି । କରୋନା ଅବଧିରେ ସ୍କୁଲ ବନ୍ଦ ହେତୁ ପ୍ରାୟ ୧୭% ବିଦ୍ୟାଳୟ ଛାଡନ୍ତି । ମୋଟାମୋଟି, ଯେଉଁମାନେ ଚାହୁଁଛନ୍ତି ସେମାନଙ୍କ ପାଇଁ ଦେଶର ଶିକ୍ଷା ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଆବଶ୍ୟକ । ୨୦୦ ଚ୍ୟାନେଲ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି । ପ୍ରଶ୍ନ ହେଉଛି, ଟିଭିରେ ଶିକ୍ଷାଦାନ କରି ଶିକ୍ଷାଦାନ ସମ୍ପୂର୍ଣ୍ଣ କି? ଶିକ୍ଷକମାନେ ବୁଝିବାକୁ ପଡିବ ଯେ ଛାତ୍ରମାନେ କେତେ ଶିଖିଛନ୍ତି, ତାଙ୍କୁ ସମସ୍ୟା କ୍ଷେତ୍ରକୁ ହାତରେ ଶିଖାଇବାକୁ ପଡିବ । ଶିକ୍ଷକ ଛାତ୍ରମାନଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରିବା ଆବଶ୍ୟକ କରନ୍ତି । ଚ୍ୟାନେଲରେ ବସିଥିବାବେଳେ ଶିକ୍ଷକମାନେ କିପରି ପଢାନ୍ତି ? ଯେଉଁଠାରେ ଛାତ୍ର ଭୁଲ ବୁଝନ୍ତି, ସେ କିପରି ଜାଣିବେ ? ଭୁଲକୁ ସଂଶୋଧନ କରିବା ପାଇଁ କେତେକ କ'ଣ କରନ୍ତି ? ଦୁର୍ଭାଗ୍ୟବଶତଃ ସରକାର ଏହି ସମସ୍ୟାଗୁଡ଼ିକ ବୁଝିବାକୁ ଚାହୁଁନାହାଁନ୍ତି । କିନ୍ତୁ ସରକାର ପରିସଂଖ୍ୟାନ ସହିତ ଦାବି କରିଛନ୍ତି, ଦୂର ଶିକ୍ଷା ମାଧ୍ୟମରେ ଏହିପରି ଶିକ୍ଷା ପ୍ରଦାନ କରାଯାଉଛି । ଏହି ଉପାୟରେ ଶିକ୍ଷା କେବେ ସଂପୂର୍ଣ୍ଣ ନୁହେଁ । ଫଳସ୍ୱରୂପ, ଶିକ୍ଷା କ୍ଷେତ୍ରରେ ପଛୁଆବର୍ଗ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ଦେଶରେ ୧୫ ଲକ୍ଷ ବିଦ୍ୟାଳୟ ୨୫ କୋଟି ବିଦ୍ୟାଳୟର ସୀମା ମଧ୍ୟରେ ଆସିଛି । କିଶୋରମାନଙ୍କ ସଂଖ୍ୟା ଯେଉଁମାନେ ନିୟମିତ ଭାବେ ବିଦ୍ୟାଳୟକୁ ଆସନ୍ତି ନାହିଁ କିନ୍ତୁ କାମର ସନ୍ଧାନରେ ଅନ୍ୟ କୌଣସି ସ୍ଥାନକୁ ଯାଆନ୍ତି । ଯଦି ରାତ୍ରି ବିଦ୍ୟାଳୟ ପରି ସେମାନଙ୍କୁ ଶିକ୍ଷା ଯୋଗାଇବା ପାଇଁ ସରକାର ସମାନ୍ତରାଳ ବ୍ୟବସ୍ଥା ପ୍ରଣୟନ କରନ୍ତି, ତଥାପି ଏହାର ପ୍ରଭାବ ରହିଛି । କିନ୍ତୁ ସାମ୍ପ୍ରତିକ ଭିତ୍ତିଭୂମିରେ, ଡିଜିଟାଲ୍ ମାଧ୍ୟମରେ ଏହା ସମ୍ଭବ ନୁହେଁ । କିନ୍ତୁ ଜାତୀୟ ଶିକ୍ଷା ନୀତିରେ ଶିକ୍ଷା ସମାନ ଶବ୍ଦ ବିସ୍ତାର କରିବା ପାଇଁ ଗ୍ରାମଗୁଡିକରେ ଡିଜିଟାଲ ଶିକ୍ଷା ପାଇଁ ପ୍ରସ୍ତାବ ଦିଆଯାଇଛି ନୂତନ ଶିକ୍ଷା ନୀତିରେ । ତେଣୁ, ଶେଷରେ, କି ଫଳ ଲାଭ ହେବ ତାହା କେବଳ ବିଚାର୍ଯ୍ୟ !

ଡିଜିଟାଲ୍ ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ଯୋଜନା ଆବଶ୍ୟକ । ଯଦି ନୂତନ ଭିତ୍ତିଭୂମି ଏବଂ ନୂତନ ବ୍ୟବସ୍ଥା ସୃଷ୍ଟି ହୋଇପାରିବ, ତେବେ ଶିକ୍ଷାର ଆଲୋକ ଦେଶର କୋଣ ଅନୁକୋଣରେ ବିସ୍ତାର ହେବ ବୋଲି ଚିନ୍ତା କରାଯାଉଛି । ସେଥିପାଇଁ ସବୁ ସ୍ଥାନରେ ଅପ୍ଟିକାଲ୍ ଫାଇବର ନେଟୱାର୍କ ଆବଶ୍ୟକ । ୱେବସାଇଟ୍ ଆଧାରିତ ଡିଜିଟାଲ୍ ଶ୍ରେଣୀଗୃହ ଆବଶ୍ୟକ, ଛାତ୍ରମାନଙ୍କ ହାତରେ ସ୍ମାର୍ଟ ଫୋନ୍ କିମ୍ବା ଟ୍ୟାବ୍ କିମ୍ବା ଲାପଟପ୍ ରହିବା ଆବଶ୍ୟକ । ଏଥି ସହିତ, ସାରା ଦେଶରେ ନିରବଚ୍ଛିନ୍ନ ଫୋଜି (୪ଏ) ଇଣ୍ଟରନେଟ୍ ଏବଂ ବିଦ୍ୟୁତ୍ ସଂଯୋଗ ଆବଶ୍ୟକ । ଏହି ଭିତ୍ତିଭୂମି ନିର୍ମାଣ ପାଇଁ ଲକ୍ଷ ଲକ୍ଷ କୋଟି ଟଙ୍କା ଆବଶ୍ୟକ ହେବ । ଅଧିକନ୍ତୁ, ପ୍ରତି ଦୁଇଶହ ପିଲାଙ୍କ ପାଇଁ ୧୦ ରୁ ୧୫ ଲକ୍ଷ ଟଙ୍କାର ଏକ ପୁଞ୍ଜି ଆବଶ୍ୟକ । ଏହା ସତ୍ତ୍ୱେ ଶ୍ରେଣୀଗୃହ ଶିକ୍ଷା ପାଇଁ ଡିଜିଟାଲ୍ ଶିକ୍ଷା ଏକ ବିକଳ୍ପ ନୁହେଁ । ଛାତ୍ରମାନଙ୍କ ଧାରଣା ଏବଂ ଭାବନାକୁ ବିକଶିତ କରିବାରେ ଶିକ୍ଷକଙ୍କ ଶାରୀରିକ ଉପସ୍ଥିତି ପାଇଁ ଡିଜିଟାଲ୍ କ୍ଲାସ୍ ଏକ ବିକଳ୍ପ ହୋଇପାରିବ ନାହିଁ । ଜ୍ଞାନ ଶିଖିବା ଅନୁଭବ ଉପରେ ନିର୍ଭର କରେ । ଧାରଣାରୁ ଆସୁଥିବା ଜ୍ଞାନ ଶାରୀରିକ ଏବଂ ମୁହାଁମୁହିଁ ଆଲୋଚନା ଏବଂ ଛାତ୍ର ଏବଂ ଶିକ୍ଷକମାନଙ୍କ ମଧ୍ୟରେ ଆଦାନ ପ୍ରଦାନ ଆବଶ୍ୟକ କରେ । ଡିଜିଟାଲ୍ ଶିକ୍ଷା ବ୍ୟବସ୍ଥାରେ, ଡିଜିଟାଲ୍ ମିଟ୍ ସେହି ଅନୁଭବର କିଛି ଅଂଶକୁ ଧାରଣାକୁ ସ୍ଥାନାନ୍ତର କରେ, କିନ୍ତୁ ସମଗ୍ର ନୁହେଁ । ଯଦି ଏକ ବିଦ୍ୟାଳୟ ଭବନ ନିର୍ମାଣ ପାଇଁ ସମାନ ପରିମାଣର ଅର୍ଥ ଖର୍ଚ୍ଚ କରାଯାଏ, ତେବେ ପ୍ରତ୍ୟେକ ବିଦ୍ୟାଳୟରେ ପାନୀୟ ଜଳ ଏବଂ ବାଥରୁମ ରହିଥାନ୍ତା । ସରକାର ସେହି କ୍ଷେତ୍ରରେ ଆବଣ୍ଟନ ହ୍ରାସ କରିଛନ୍ତି । ଏହି ଦେଶରେ ୮୦% ଛାତ୍ର ପୁଷ୍ଟିହୀନ । ଦୁନିଆର ସବୁଠାରୁ ପୁଷ୍ଟିହୀନ ଛାତ୍ର - ଏହି ଦେଶରେ । ତେବେ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ବାହାନା କରି ସରକାର ମଧ୍ୟାହ୍ନ ଭୋଜନ ପାଇଁ ଆବଣ୍ଟନ ହ୍ରାସ କରିଛନ୍ତି । ତେବେ ଛାତ୍ର ମୋବାଇଲ୍ କିଣିବାର କଳ୍ପନା କାହିଁକି ? ଏତେ କୋଟି ଟଙ୍କା ଖର୍ଚ୍ଚ କରି ଏକ ଡିଜିଟାଲ୍ ନେଟୱାର୍କ ସୃଷ୍ଟି କରିବା କାହାର ଆଗ୍ରହ ?

ବାସ୍ତବରେ, ଡିଜିଟାଲ୍ ଶିକ୍ଷା ପ୍ରଣୟନ କରି ସରକାର ଶିକ୍ଷା ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି । ଉଦ୍ଦେଶ୍ୟ ହେଉଛି ଶ୍ରେଣୀଗୃହ ଶିକ୍ଷାକୁ ସଙ୍କୋଚନ କରି ଶିକ୍ଷକ ଏବଂ ଶିକ୍ଷାବିତ୍‌ଙ୍କ ନିଯୁକ୍ତି ହ୍ରାସ କରିବା । ଶିକ୍ଷା ଭର୍ଚୁଆଲ୍ କ୍ଲାସରେ ହେବ । ତା'ପରେ ପ୍ରତ୍ୟେକ ଶ୍ରେଣୀରେ ଏକ ସମୟରେ ଶିକ୍ଷକ ଦରକାର ହେବ ନାହିଁ । ଏହା ପରିବର୍ତ୍ତେ, ଯେତେବେଳେ ଗୋଟିଏ କେନ୍ଦ୍ରରୁ ଡିଜିଟାଲ୍ ବିଷୟବସ୍ତୁ ପ୍ରଦାନ କରାଯିବ, ଛାତ୍ରମାନେ ନିଜେ ସେହି ବିଷୟ ବିଷୟରେ ସେମାନଙ୍କର ଜ୍ଞାନ ଆହରଣ କରିବେ ଏବଂ ୱେବ୍ ଆଧାରିତ କାର୍ଯ୍ୟକଳାପ ମାଧ୍ୟମରେ ଶ୍ରେଣୀ କାର୍ଯ୍ୟ କରିବେ । ଶିକ୍ଷା ସହିତ ଜଡିତ ସନ୍ଦେହ ଦୂର କରିବା ପାଇଁ ଯଦି ଆବଶ୍ୟକ ହୁଏ ତେବେ ସେମାନେ ଇଣ୍ଟରାକ୍ଟିଭ୍ ମୋଡରେ ପ୍ରଶ୍ନ ପଚାରି ଖୋଜି ବାହାର କରିବାରେ ସମର୍ଥ ହେବେ । ସେଥିପାଇଁ କାହାକୁ ଶିକ୍ଷକ ଦରକାର ନାହିଁ । ଆବଶ୍ୟକ କୃତ୍ରିମ ବୁଦ୍ଧି ଉପରେ ଆଧାର କରି ଏକ ଇଣ୍ଟରାକ୍ଟିଭ୍ ଶିକ୍ଷାଦାନ-ଶିକ୍ଷା ବ୍ୟବସ୍ଥା ହେବ । ସେହି ସିଷ୍ଟମ୍ ଶିକ୍ଷକଙ୍କ ପରି ଭଏସ୍ ଆଧାରିତ ସନ୍ଦେହ କ୍ଲିଅର୍ କ୍ଲାସ୍ ଶିଖାଇବ । ଏହାଦ୍ୱାରା ଶିକ୍ଷକ ନିଯୁକ୍ତି ହ୍ରାସ ପାଇବ, ରାଜ୍ୟ ଶିକ୍ଷାର ଗୁଣବତ୍ତା ଏବଂ ବିଷୟବସ୍ତୁକୁ ନିଜସ୍ୱ ନିୟନ୍ତ୍ରଣ କରିବାରେ ସକ୍ଷମ ହେବ । ଏଥିପାଇଁ କେନ୍ଦ୍ର ସରକାର ଏକ ଅଲଗା କମିଟି ଗଠନ କରିସାରିଛନ୍ତି । ହଜାର ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ (IGNOU) ଏବଂ ସ୍ୱୟଂ ଦୂରତା (ଡିଷ୍ଟାନ୍ସ) ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ପାରମ୍ପାରିକ ଶିକ୍ଷା ପରିବର୍ତ୍ତେ ଦୂରତା ଶିକ୍ଷା ଏବଂ ଧନ୍ଦାମୂଳକ ତାଲିମ ଉପରେ ଗୁରୁତ୍ୱ ଦିଆଯାଇଛି ।

କିନ୍ତୁ କର୍ପୋରେଟରଙ୍କ ସ୍ୱାର୍ଥରେ ଶିକ୍ଷାର ମୌଳିକ ଅନୁସନ୍ଧାନ କ୍ଷେତ୍ର ଖୋଲାଯାଉଛି । ନୂତନ ଶିକ୍ଷା ନୀତିରେ ନୂତନ ଚିନ୍ତାଧାରା । ପ୍ରି-ପ୍ରାଥମିକରୁ ପିଏଚଡି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ, ଶିକ୍ଷାଦାନ ପାଇଁ ବିଇଡି (BEd)ରୁ ଏମବିଏ (MBA) ପର୍ଯ୍ୟନ୍ତ, ସବୁଠାରେ ଡିଜିଟାଲ୍ ବିଷୟବସ୍ତୁ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଅପରାଧ ଶୂନ୍ୟ କେମିତି ହେବ ?



**ଅଜୟ କୁମାର ବେହେରା**

ବେଳକୁ ବେଳ ଧନ ଜବୀନ ଆଉ ନିରାପଦ ବୋଧ ହେଉ ନାହିଁ ଅପରାଧିଙ୍କ ସଂଖ୍ୟା ମହାମାରୀ ବ୍ୟାପିଲା ପରି ବଢ଼ି ଚାଲିଛି। ଅପରାଧି ଦୁଇ ପ୍ରକାରର ଏକ ଗୋଷ୍ଠୀଗତ ଦୁଇ ଏକଲା, ଗୋଷ୍ଠୀଗତ ଅପରାଧି ଏକ ବ୍ୟକ୍ତି ପୃଷ୍ଠ ପୋଷକରେ ଚାଲେ। ତାର ସହାୟକ ଅପରାଧିମାନେ ଯାହା ଲୁଟିଲେ ତାକୁ ବଣ୍ଟନ କରି କିଛି ସମୟ ଚଳିବା ପରେ ପୁନଃ ଅପରାଧକୁ ବାହାରି ପଡ଼ନ୍ତି। ବ୍ୟକ୍ତିଗତ ବା ଏକଲା ଅପରାଧିଟିଏ ଛପି ଲୁଚି ବ୍ୟକ୍ତିକୁ ଭୟ ଦେଖାଇ ଅପରାଧ କରି କାର୍ଯ୍ୟ ହାସଲ କରିଥାନ୍ତି। ବେଳେ ଗୋଷ୍ଠୀ ହୁଅନ୍ତୁ ବା ଏକଲା ହୁଅନ୍ତୁ ତାଙ୍କ ଅପରାଧ କାର୍ଯ୍ୟବେଳେ ଧରାପଡ଼ି ଯିବା ହୁଏ। ସେମାନେ ବି ନିଜର ନିରାପତ୍ତା ପାଇଁ ଖୁନ ଖରାପୀ କରାନ୍ତି।

କୌଣସି ଅପରାଧିକୁ ବଞ୍ଚିବାର ଉଚିତ ମାର୍ଗ ଦେଖାଯାଏ ନାହିଁ। ଅନେକ ଅବହେଳିତ ପିଲା କାଳରୁ ହୋଇଥାନ୍ତି ଅନେକ ଶିକ୍ଷିତ ହୋଇବି। ଉଚିତ ବୃତ୍ତି ଧନ୍ଦା ଠିକ ବେଳରେ ଧରି ନପାରି ଗୁଜୁରାଣ ମେଣ୍ଟାଇବା ପାଇଁ ଅନ୍ୟାୟ ଅବଲମ୍ବନ ପଥ ବାଛି ଅପରାଧି ହୁଅନ୍ତି। ପିଢ଼ୀ ପିଢ଼ୀ ଧରି ଅନେକ ଅପରାଧ କାମରେ ହିଁ ଜୀବିକା ଚଳାନ୍ତି।

କ୍ଷୁଧା, ତୃଷ୍ଣା, କାମଭୋଗ, ପ୍ରେତର ଥାଏ ବୋଲି ପ୍ରେତ କ୍ରିୟାରେ କର୍ମକାଣ୍ଡରେ ବିଭିନ୍ନ ବିଧାନ ଯୋଡ଼ାଯାଇ ପ୍ରେତମୁକ୍ତ କରାଯାଏ।, ପ୍ରେତ ଏକ ଅଦୃଶ୍ୟ ଶକ୍ତି କୁହାଯାଏ ଅତୃପ୍ତ ଆତ୍ମା। ଏମିତି ଡାହାଣୀ ଦୃଷ୍ଟି ଅଛି ଏ ପ୍ରେତ ନୁହଁ ମାତ୍ର ଡାହାଣୀ ପିଲାଙ୍କୁ ବେଶୀ ଆକ୍ରାନ୍ତ କରେ। ଏ ପାଇଁ ଡେଉଁରିଆ କବଚ ଟିପା ପିଲାଙ୍କୁ ଗୁଣିଆ କର୍ତ୍ତୃକ ସଂଗ୍ରହ କରି ପିନ୍ଧା ଯାଇଥାଏ ଟିପା ଲଗାଯାଏ।

କାମାତୁର ଯୌବନ ଆରମ୍ଭରେ ସମସ୍ତଙ୍କ ଉଦ୍ଦୀପନା ଯଦି କେହି ଶକ୍ତିଶାଳୀ ଧନରେ ରାଜ ଅନୁକମ୍ପାରେ ବା ରାଜ ସମ୍ବନ୍ଧରେ ତେବେ ଛଳ ଛଦ୍ମ ବଳରେ ଏପରି ଅରାଧ ଅତୀତରୁ ଏ ପର୍ଯ୍ୟନ୍ତ କରି ଆସୁଛନ୍ତି। ଯୁଦ୍ଧ ପାଇଁ ଶରୀରର ବଳ ଓ ସାହାସ ଦରକାର ଏ ପାଇଁ ଯୁଆନମାନେ ଖୋଜା ପଡ଼ନ୍ତି। କୌଣସି ଆକ୍ରମଣକାରୀ କମିଶନୀ ଥୋପ ଓ ଅଭୟ ଦେଇ କୌଣସି ଏକ ଅଞ୍ଚଳରେ ମହାଭୟ ସୃଷ୍ଟି କରନ୍ତି, ହାଣମାର ଲୁଟ ସନ୍ତ୍ରାଶ ରଟନ୍ତି। ଏଥିରେ ଯୁଆନମାନେ ଅସହାୟା ନାରୀ ମାନଙ୍କୁ ତତ୍କାଳ ଭୋଗ ଚେଷ୍ଟା କରି ଆସିଛନ୍ତି। ଆଜି ଆମ ଦେଶରେ ବିଭିନ୍ନ ଆକ୍ରମଣକାରୀମାନେ ଏପରି ଅବସ୍ଥା ହିଁ ସୃଷ୍ଟି କରିଛନ୍ତି। ଆମର ଋଷିଶାସ୍ତ୍ରରେ ଅଛି, ପିତୃ କେନ୍ଦ୍ରିକ ଚିହ୍ନଟ। ପିତାର ଜାତି ଧର୍ମରେ ସନ୍ତାନ ମାନଙ୍କର ପରିଚିତ। ଏହାହିଁ ପର ସମୟକୁ ସୁହାଇ ଜନ ବିସ୍ଫୋରଣରେ ସମୟ ଆଗେଉଛି। ଏକ ଜାତିର ପୁରୁଷ ଭିନ୍ନ ଜାତିର ନାରୀଟିଏ ଗ୍ରହଣ କରିବାରେ ବହୁ ସାମାଜିକ ବିଘ୍ନ ପୂର୍ବେ ଥିଲା। ଆଧୁନିକ ଶିକ୍ଷା ଏମିତି ସ୍ତରକୁ ଆସିଲା ଜାତି ବୋଲି କିଛି ନାହିଁ। ଅନୁଲୋମ ବିଲୋମ ବିବାହ ବଢ଼ି ବଢ଼ି ଚାଲିଛି। ଲୋକେ ଧର୍ମାନ୍ତରୀ ବିବାହକୁ ନା ପସନ୍ଦ କରୁନାହାଁନ୍ତି। ଅର୍ଥ ପାଇଁ ଅନର୍ଥ, ଏବି ଏକ ଏକ ଅପରାଧ କାର୍ଯ୍ୟ ଏଥିରେ ବୋବାଲ ହେଲେ ରାଜବିଧି ଖୋଜା ନହେଲେ ଧର୍ମବିଧିକୁ ଅଣଦେଖାରେ ସମସ୍ତେ ଆଖି ବୁଜି ଦେଉଛନ୍ତି।

ପୃଥିବୀର କ୍ଷେତ୍ରଫଳ ବଢୁନାହିଁ ହେଲେ ଅନେକ ଛୋଟ ଛୋଟ କ୍ଷେତ୍ର ନାମ କରା ହୋଇ ହୋଇ ଯାଉଛି। ଆମର ଦେଶ ସ୍ୱାଧିନ ବେଳ ଅନେକ ଦେଶୀୟ ରାଜା ଜମିଦାରୀ ଥିଲା। ସ୍ୱାଧୀନତାର ଏବେ ଅଷ୍ଟ ଦଶାବ୍ଦିରେ ୱାର୍ଡ଼ ଗୁଡ଼ିକ ବି ରାଜ୍ୟ ପରି ହେଲାଣି। ୱାର୍ଡ଼ମେମ୍ବର ବି ଜଣେ ଦଳପତି ରାଜା ପରି ହୋଇଗଲେଣି। ଏସବୁ ନିର୍ବାଚନ ପାଞ୍ଚ ବର୍ଷରେ ଥରେ ହେଉଛି। ପାଞ୍ଚ ବର୍ଷ ଆରମ୍ଭ ଓ ଶେଷ ମଧ୍ୟରେ ଭିନ୍ନ ଭିନ୍ନ ଅପରାଧ ପ୍ରତି ୱାର୍ଡ଼ରେ ଘଟୁଛି। ଏ ମୂଳରେ ସରକାରୀ ନିର୍ମାଣ ଧନ୍ଦା ରହିଛି।

ହାତରେ କାମ ଥିଲେ ଲୋକେ ଅପରାଧି ଭାବନାରୁ ମୁକ୍ତ ହୋଇପାରନ୍ତେ। କୌଳିକ ବୃତ୍ତି ସମସ୍ତଙ୍କର ବିଲୁପ୍ତ କରାଯାଇଛି। ସରଳ ରୋଜଗାର ଏଇ ମାର୍ଗ ଖୋଜାରେ ଜାଲିଆତି, ଠକେଇ, ଲୁଟ ଖାଲି ମୁଣ୍ଡରେ ଢୁକୁଛି। ଧର୍ମ ହିଁ ଧାରଣ କରି ରଖିପାରେ। ମମତା ଅଦୃଶ୍ୟ ବନ୍ଧନର ରଜ୍ଜୁ। ବର୍ତ୍ତମାନ ଧର୍ମ କହିଲେ କେବଳ ବାସୁରିକ ପୂଜା ପାର୍ବଣକୁ ବୁଝାଉଛି। ସବୁଧର୍ମର ମୂଳ ନିୟମ ଦୟା କ୍ଷମା କେଉଁଠି ନାହିଁ। ଦୁର୍ଗାପୂଜା, କାଳୀପୂଜା ପରି ପୂଜା ଯେ ଧର୍ମୀୟ ଅନୁଷ୍ଠାନ ମନ୍ଦିର ନିର୍ମାଣ ଧର୍ମୀୟ ଅନୁଷ୍ଠାନ ଏହାକୁ ପ୍ରକୃତରେ ଏକ ସାମୁହିକ ବା ସାର୍ବଜନୀନ କାର୍ଯ୍ୟ କୁହାଯାଏ। ଜନତାଙ୍କୁ ଏକାଠି ପାଇଁ ଏହାର ବ୍ୟବସ୍ଥା କରାଯାଇଥିଲା ମାତ୍ର ଜୁଲମ ଚାନ୍ଦାରେ ଅନୁଷ୍ଠାନମାନ ବଞ୍ଚୁଛି।

ଛାଗ ରକ୍ତକୁ କୁଆଡ଼େ ଦେବୀମା ଭଲ ପାଏ ଯଦି ଏହା ଧରାଯାଏ। ତେବେ ପ୍ରତ୍ୟେକ ଛାଗ ପାଳୁ ନାହାଁନ୍ତି କାହିଁକି? ନିରୀହ ଛାଗର କଣ ଦୋଷ ସେ ମନୁଷ୍ୟ କଷ୍ଟକୁ ନିବାରଣ ପାଇଁ ଅର୍ଗଳୀରେ ପଡ଼ିବ। ଏବି ଏକ ବିଶେଷ ଅପରାଧ। ମାନବ ଜୀବନ ରକ୍ଷାରେ ରକ୍ତ ଗୁରୁତ୍ୱପୂର୍ଣ୍ଣ ଅବଲମ୍ବନ। ରକ୍ତ ଲାଲ ହେଲେ ବି ଏହାର ବର୍ଗୀକରଣ ଅଛି। ଉପଯୁକ୍ତ ଦଳର ରକ୍ତ ପ୍ରଦାନରେ ଦାରୁଣ ସଂକଟ ଗ୍ରସ୍ତ ରୋଗୀର ପ୍ରାଣ ବଞ୍ଚିବ। ଏପରି କେହି କାହାରୀ ରକ୍ତପାତ କରି ତାକୁ ମାରିଦେବା କ'ଣ ମାନବିକତା କି? ଯଦି ଜଣେ ଏକାକି ସବୁ କରି ବଞ୍ଚିପାରିବ ତେବେ କଥା ନଥିଲା, ମାତ୍ର ପରସ୍ପର ଶ୍ରମ ଶକ୍ତି ସହଯୋଗରେ ବୃହଦ କାମ ମାନ ହୋଇପାରୁଛି। ଏ ଭାବନା ଆସିଲେ କେବେ କାହାକୁ ଶତୃ ବା ଅବରୋଧକାରୀ ଧରା ଯାଆନ୍ତା ନାହିଁ। କେଉଁଠି ଗୋପାଳନ, କେଉଁଠି ପରିବା, ଧାନ, ଗହମ ଚାଷ କେଉଁଠି ବିଜୁଳି ଉତ୍ପାଦନ କେଉଁଠି କଳକାରଖାନା ଆଉ କେଉଁଠି ଦ୍ରବ୍ୟ ଉତ୍ତଭୋକ୍ତା। ଯଦି ଏକଥା କେହି ଭାବିବା କେବେ ପାଖ ଲୋକକୁ ଅବାଧିତ ମନେକରିବ କି?

ପଟେ ପୁରିବା ପାଇଁ ଆବଶ୍ୟକ ଖାଦ୍ୟ। ଖାଦ୍ୟ ପାଇଁ ଚାଷ, ଓ ଚାଷ ପାଇଁ ପର୍ଯ୍ୟନ୍ୟ ଠିକ ସମୟରେ ବର୍ଷା କରାଇବା ଦରକାର। ଏପାଇଁ ବୈଦିକ ଯଜ୍ଞ ଅନୁଷ୍ଠାନ ହବନ କ୍ରିୟା, ଅଗ୍ନୀ ହୋତ୍ର, କର୍ମର ନାମ ବିଶ୍ୱ ଶାନ୍ତି ଯଜ୍ଞ। ମାତ୍ର ଶୁଦ୍ଧ ଦ୍ରବ୍ୟ ଅଭାବରେ ଫଳ ଭଲ ହୁଏନାହିଁ। ଓଲଟ ବି ହୋଇପାରେ। ପୁଣି ଯୁକ୍ତିଯୁକ୍ତ ସମୟରେ ଏହା କରାଗଲେ ଲାଭ ମିଳିଥାଏ। ଏବେ ଏହାର ସବୁ ବ୍ୟତିକ୍ରମ। ବେଦମନ୍ତ୍ର ବିନା ପୌରାଣିକ ମନ୍ତ୍ରର ପ୍ରାଧାନ୍ୟରେ ହବନ। ଘୃତର ମିଲାବଟ, ହବନ ସମାଗ୍ରୀ କେବଳ କାଠ ଗୁଣ୍ଡ, ବନୌଷଧିର ମୂର୍ଚ୍ଛନା, ସମୟ ମର୍ଜିରେ ଧରାଯାଉଛି। ଯଜ୍ଞର ଫଳ କ'ଣ ମିଳିଲା କେହି ସମୀକ୍ଷା କରନ୍ତି ନାହିଁ।

ଗର୍ଭାଧାନ ଏକ ଜଟିଳ ବିଦ୍ୟା, ଦୀର୍ଘାୟୁ ନୀରୋଗ ଓ ସମୟକୁ ଶାନ୍ତି ସଦବଣ୍ଟନ ପାଇଁ ସୁବୁଦ୍ଧି ସମ୍ପନ୍ନ ସନ୍ତାନ ପାଇଁ ଷୋଳ ପ୍ରକାର ସଂସ୍କାର ମଧ୍ୟରେ ଏକ ସଂସ୍କାର ରହିଛି। ଏହାକୁ ବର୍ତ୍ତମାନ ଅଣଦେଖା, ଶରୀରରେ ବିକାର ନ-ହେବା ପାଇଁ ଖାଦ୍ୟ ଭୋଜନ ପ୍ରଣାଳୀ ବି ପ୍ରାଚୀନ ଧାରାରେ ସ୍ଥିରୀକୃତ। ଏବେ ଏହା ଅଣଦେଖା, ଦମ୍ପତିଙ୍କର ଯେଉଁ ସନ୍ତାନ ଜନ୍ମ ନେଉଛନ୍ତି ସେମାନେ-ଉତ୍ତମ ସ୍ୱାସ୍ଥ୍ୟ ଓ ବିଦ୍ୟା ପାଇଁ ସବୁ ପିତାମାତା ମାତ୍ର ୨୦ ବର୍ଷ ଭିତରେ ଏତେ ଟଙ୍କା କେମିତି ସଞ୍ଚୟ କରି ତାଙ୍କୁ ପାଠପଢ଼ାଇ ମଣିଷ କରିବେ। ଯଦି ଧନାଢ଼୍ୟ ପିଲା କେବଳ ବଞ୍ଚିବେ ତେବେ ତାଙ୍କ ପାଇଁ କେବଳ ରାଜକୁମାର କଲେଜ ପରି କଲେଜ କାହିଁକି ନକରାଯାଉଛି? ଡୁନ ସ୍କୁଲ ପରି କାହିଁକି ସ୍କୁଲ ବହୁଳ କରାଯାଇ ଅଲଗା ଶିକ୍ଷା ବ୍ୟବସ୍ଥା ହେଉନାହିଁ? ପ୍ରତି କଲେଜରେ ନିର୍ବାଚନ ପୁରାଇ ହିଂସାର ବାତାବରଣ ଜାହିର କରାଯାଉଛି। ବଡ଼ ବଡ଼ ମାଲଦାର ଘର ଲୋକଙ୍କ ପାଇଁ କାନୁନ ଧାରା ଉପଧାରା ରକ୍ଷା ପାଇଁ ଖୋଜା ଚାଲିଛି, ଯେତେ ଭଲ ପାଠ ପଢ଼ିବା ଗରିବଛାତ୍ରଟି ବେଳେ ବେଳେ ଅପରାଧିରେ ପହଞ୍ଚିବା ସ୍ତର ହୋଇଯାଉଛି। ଏସବୁର ସମାଧାନ କେମିତି ହେବ? କେଉଁ ମୌଳିକ ସ୍ତର ବଦଳାଇଲେ ସୁଫଳ ଆଗକୁ ମିଳିବ ଏବେ ଠାରୁ ଚିନ୍ତନ ଦରକାର।


ପିସି ସରକାର ଲେନ୍,
ଅରୁଣୋଦୟ ନଗର, କଟକ,
ମୋ: ୯୪୩୭୧୦୩୧୨୫୩







## ନୀଳ ପୁରୁଷ

**ସୁମିତା ବେହେରା**

କେମିତି କହିବି
ଲୋଡିବା ପଣରେ
ମୁଁ ଅପେକ୍ଷା କରିଛି କାହିଁ କେତେ ଦିନୁ
ଦିନର ଆଲୁଅ ସଂଭ୍ରମତାର ସହ ଚାଲିଯିବା ପରେ
ପ୍ରତିଥର ମୁଁ ଆବିଷ୍କାର କରେ ନିଜକୁ
ଏକ ଦୀର୍ଘ ନିର୍ବାସନର ପଣତ ଭିତରେ ।

ତୁମ ପାଇଁ ଏ ହଳକ ଆଖି
ହସୁ ନାହିଁ, କାନ୍ଦୁ ନାହିଁ, ଭାଷା ହୀନ ନୀରବ ମୌନ
ତଥାପି ଏ ଓଠ ହସେ, କଥା କହେ
କୁହ ହେ ସୁନ୍ଦର ପ୍ରେମିକ
ଏ କି ନୁହେଁ ମରଣ ସମାନ ।

ବାରମ୍ବାର ସମାଧିସ୍ଥ କରି ମୋର ହତାଶାକୁ
ଅପେକ୍ଷାର ଲମ୍ବା ରାସ୍ତା ଟିଏ ତିଆରି କରିଛି
ମୋ ଆଖିରୁ ଆରମ୍ଭି ଯାହା
ସର୍ବଶେଷ ଦୂର ଦିଗବଳୟରେ ସରିଛି ।

ଯେତେଥର ତୁମ ଆକୃତିକୁ ହୃଦୟରେ ମିଶେଇ ଦେଇଛି
ସେତେଥର ବିହ୍ୱଳିତ ମନ ମୋର
ତୁମ ନିକଟରେ ପହଞ୍ଚି ଯାଇଛି ।

ସେଇଠି ସମାହିତ ମୋର ତମାମ ଆୟୁଷ
ମୁଁ ଜାଣେ, ମୁଁ କେହି ନୁହେଁ
ତୁମେ ମୋର ହସ, କାନ୍ଦ, ଭୂତ ଓ ଭବିଷ୍ୟ
ସପ୍ତରଙ୍ଗ ମଖା ମୋର ଛଳଛଳ ବିମଳ ଅତୀତ
କଦମ୍ବର ବାସଯୁକ୍ତ ଶୀତଳ ପବନ ଛୁଆଁ
ସବୁକିଛି ଏକାକାର
ସାଥେ ମୋର ଅଙ୍ଗୀକାର
ନିଃଶବ୍ଦ ନିଶ୍ୱାସ ପ୍ରଶ୍ୱାସ ।

ଆସନ୍ତନି କି ଥରେ
ଏ ଘନଘୋର ତମସାର ପ୍ରହର ପ୍ରହର
ବିତିଯାଉଅଛି ଧରି ଭିନ୍ନ ଭିନ୍ନ ଶିରୀ
ମନର ଯାବତୀୟ ଉନ୍ମାଦନା ସମାଧି ଲଭିବ
ମୁଁ କି ରହିଯିବି ଶୂନ୍ୟହସ୍ତ ଭିକାରୁଣୀ ପରି ?

ମନ ମୋର ମାନୁନାହିଁ ଜମା
ନିଶ୍ଚୟ ତୁମ ହିସାବ ଖାତାରେ ମୋର ନାମ ଥିବ
ଦିଗନ୍ତବ୍ୟାପି ପଥ ଅତିକ୍ରମ କରି
ତାରା ମାନେ ଲିଭିବା ପୂର୍ବରୁ
ତୁମେ ନିଶ୍ଚେ ମୋ ପାଖରେ ଉପସ୍ଥିତ ହେବ ।

♥ କାଳିକପୁର, ବାରିପଦା

## ସମୟର ଲୁଚକାଳି

**ଶରତ କୁମାର ଦାସ**



କେଉଁ ଏକ କଂଚାଳିଆ ଜହ୍ନ ରାତିରେ
ଲମ୍ବି ଲମ୍ବି ଆସେ ସ୍ୱପ୍ନ
ଅନେକ ସମ୍ଭାବନାକୁ ଜାବୁଡି ଧରି
ଖିଲି ଖିଲି ହସେ ବୟସ ।

ଚାଳଘରର ମଥାନ ତଳେ
ନୀଡ ତୋଳନ୍ତି ବାୟା ଚଢେଇ
ଅଦିନ ବା'କୁ ଫୁ କରି
ଆକାଂକ୍ଷାର ଶତ ଆସ୍ୱର୍ଦ୍ଧାରେ ।

ସବୁତକ ବିଶ୍ୱାସ ଜମାଟ ବାନ୍ଧେ
ଶୃଙ୍ଖଳା ନଈରେ ତୀବ୍ର ହୁଏ ଜୁଆର
ଅମାବାସ୍ୟାରେ ଚନ୍ଦ୍ର ଦୋଳି ଖେଳେ
ଆକାଶ ଓ ପୃଥିବୀର ଆବର୍ତ୍ତ ମଧ୍ୟରେ ।

ପୁଣି କେତେବେଳେ ପତ୍ର ପୋଡିଯାଏ
ସୂର୍ଯ୍ୟଙ୍କ ଡହଡହ ତାତିରେ
ମରୁଭୂମିର ବଢିଯାଏ ଶୋଷ
ବିଶ୍ୱାସଠୁ ଅବିଶ୍ୱାସ ଅଧିକ ପ୍ରଖର ହୁଏ
ନିଃଶ୍ୱାସଠୁ ଦୀର୍ଘଶ୍ୱାସ ଲମ୍ବି ଲମ୍ବି ଯାଏ
ସମୁଦ୍ର ଆହୁରି ବିସ୍ତାରିତ ହୁଏ ।

ପାଣିଚିଆ ଲାଗେ ଜହ୍ନାଲୋକ
ଅନ୍ଧାକାର ଚିତ୍କାର କରେ ଗହିରୀ ବିଲରେ
ଆହାତ ହୁଅନ୍ତି ଈଶ୍ୱର ଅନେକ ବାର୍
ମିଥ୍ୟା ଓ ପ୍ରବଂଚନାର ଧାରୁଆ ଅସ୍ତ୍ରରେ ।

ଜଳପୂର୍ଣ୍ଣ କଳସୀ ଶୂନ୍ୟ ହୁଏ ନିଶାର୍ଦ୍ଧରେ
ଅଣନିଶ୍ୱାସୀ ହୋଇପଡନ୍ତି ତାରାମାନେ
ହାଲୁକା ପବନରେ ଶୀତେଇ ଯାଏ ଦେହ
ରଙ୍ଗ ବେରଙ୍ଗର ଫୁଲମାନେ
ଧୂସର ଦେଖାଯାଆନ୍ତି
ଫଳ ଭର୍ତ୍ତି ଡାଳମାନେ ଭାଙ୍ଗି ଯାଆନ୍ତି
ନୈରାଶ୍ୟର ତୀକ୍ଷ୍ଣ ପାଦଶବ୍ଦରେ ।

ମର୍ମର ପ୍ରସ୍ତର ତଳେ
ସ୍ୱପ୍ନମାନେ ବିଳପି ଉଠନ୍ତି,
ଝରିପଡେ ଆଂଜୁଳା ଆଂଜୁଳା ଲାଲ୍ ରଙ୍ଗ
କପୋତ ପାଦରୁ,
ଲୁହ, ଲହୁ, ହାଡ, ମାଂସ ବିଦ୍ରୋହ କରନ୍ତି
ରାତିର ରିକ୍ତତାରେ
ପାପୁଲିଏ ନିଃସଙ୍ଗତାର
ପାଉଁଶିଆ କୋଠରୀରେ ।

ଧୈର୍ଯ୍ୟହରା ହୁଅନ୍ତି ଢେଉମାନେ
ସ୍ପନ୍ଦନହୀନ ହୁଏ ଅଥଳ ସମୁଦ୍ର
ମୋହିନୀ ମାୟାର ବୁଢୀଆଣି ଜାଲରେ
ଛନ୍ଦି ହୋଇପଡେ ଜୀବନର ସରଳ ଭଗ୍ନାଂଶ
ସମୟ ସଗର୍ବେ ଖେଳେ ଲୁଚକାଳି
ସ୍ଥିର ବେଳାଭୂଇଁର ଚଉଡା ଛାତିରେ ।


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଜିଅନ୍ତା ଶବ

**ଦିନେଶ ମେହେର**



ଠିକ୍ ଏକ ଗଭୀର କ୍ଷତ ପରି
ମନକୁ, ପ୍ରାଣକୁ ଜିଇଁ ଥାଉଥାଉ ମାରିଦିଏ,
ଜିଅନ୍ତା ଶବ ଟିଏ ସଜେଇ ଦିଏ
କେବେ ଶୁଣା କଥା ତ
କେବେ ବେରୋଜଗାର।
ନିଜକୁ, ନିଜ ଆତ୍ମ ସମ୍ମାନକୁ
ବଜାୟ ରଖିବାକୁ ଯାଇ
ନିଜ ଜୁଇ ଜଳେଇ ଦେଇ,
ସବୁ ଶୁଣି ମଧ୍ୟ ପଥର ସଦୃଶ
ନିଜକୁ ଦୃଢ଼ ରଖିବାକୁ ହୁଏ।
ତେବେ କିଛିଟା ବିଶେଷ ଅବଦାନ ପାଇଁ
ନିଜକୁ, ନିଜ ଖୁସିକୁ
ଉତ୍ସର୍ଗ କରି ଦେଇ ହସି ହସି ସହି ଯିବାକୁ ହୁଏ,
ପରିବାର ମୁହଁରେ ଖୁସି ଦେବାପାଇଁ
ନିଜ ଯୌବନକୁ ମାରି
ନିଜକୁ ଦୃଢ଼ କରି ସବୁ ସହି ଯିବାକୁ ହୁଏ।
ପରିବାରର ଆତ୍ମରକ୍ଷା ପାଇଁ
ଚୁପ୍ ରହି ସବୁ ସହିଯିବାକୁ ହୁଏ
ଅପମାନର ଚାପୁଡ଼ାଟାକୁ,
ତେବେ ସେହି କଳ୍ପନାରେ ବୁଡିତ ଈଶ୍ୱରଙ୍କୁ
ମୋର ପ୍ରଶ୍ନ!
ଅପ୍ରସ୍ତୁତେ ଏତେବଡ଼ ନିଷ୍ପତ୍ତିଟେ ନେଇ
ସେ ଈଶ୍ୱର ଠିକ୍ ତ
ନା ମୁଁ ଠିକ୍?
ଏଯାଏଁ ପାଇନି ଏହାର ଉତ୍ତର।

♥ ପଳାସ, କଳାହାଣ୍ଡି

# ମା' ହେଲେ କାଜଲ



ଅଭିନେତ୍ରୀ କାଜଲ ଅଗ୍ରୱାଲ ମା' ହୋଇଛନ୍ତି । ଆଜି ତାଙ୍କର ଏକ ପୁତ୍ର ସନ୍ତାନ ହୋଇଛି । ସ୍ୱାମୀ ଗୌତମ କିଚଲୁଙ୍କ ସହିତ ସେ ତାଙ୍କ ପ୍ରଥମ ସନ୍ତାନକୁ ସ୍ୱାଗତ କରିଛନ୍ତି । ତେବେ କାଜଲ ଓ ଗୌତମ ଏଯାଏ ଏ ଖବର ଘୋଷଣା କରି ନାହାନ୍ତି । କିନ୍ତୁ ଏ ଖବର ସତ ବୋଲି ସ୍ୱଷ୍ଟ କରିଛନ୍ତି କାଜଲଙ୍କ ଭଉଣୀ ନିଶା ଅଗ୍ରୱାଲ । ସେ ଏକ ଜାତୀୟ ଗଣମାଧ୍ୟମକୁ ଏ କଥା କହିଛନ୍ତି । ଆଜି ସକାଳେ କାଜଲ ଏକ ଶିଶୁପୁତ୍ର ପ୍ରସବ କରିଥିବା କଥା ସେ କହିଛନ୍ତି ।

କାଜଲ ଓ ଗୌତମଙ୍କ ବାହାଘର ୨୦୨୦ ଅକ୍ଟୋବର ୩୦ ତାରିଖରେ ହୋଇଥିଲା । ୨୦୨୨ ଜାନୁଆରୀ ୧ ତାରିଖରେ କାଜଲ ଗର୍ଭବତୀ ଥିବା ଜଣାପଡ଼ିଥିଲା । କାଜଲ ଓ ତାଙ୍କ ସ୍ୱାମୀ ଏହି ଘୋଷଣା କରିଥିଲେ । କାଜଲ ଗର୍ଭବତୀ ଥିବା ସମୟରେ ସୋଶାଲ ମିଡିଆରେ ଅନେକ ଫଟୋ ଶେଆର କରିଥିଲେ । ସୂଚନାଯୋଗ୍ୟ, ଉଭୟ ବଲିଉଡ୍ ଓ ସାଉଥ୍ ଇଣ୍ଡଷ୍ଟ୍ରୀରେ କାମ କରିଛନ୍ତି କାଜଲ । ସେ ତେଲୁଗୁ, ତାମିଲ ଓ ହିନ୍ଦୀରେ ୫୦ରୁ ଅଧିକ ଫିଲ୍ମ କରିଛନ୍ତି ।

# ପାନ ମସଲା ବିଜ୍ଞାପନରୁ ଓହରିଗଲେ ଅକ୍ଷୟ କୁମାର

ପ୍ରଶଂସକମାନେ ତୀବ୍ର ସମାଲୋଚନା କରିବାରୁ ଗୋଟାଏ ପାନ ମସଲା କମ୍ପାନିର ବିଜ୍ଞାପନରୁ ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଓହରି ଯାଇଛନ୍ତି । ଗୁରୁବାର ମଧ୍ୟରାତ୍ରୀରେ ସାମାଜିକ ଗଣମାଧ୍ୟମରେ ବିବୃତି ଜାରି କରିବା ସହିତ ପ୍ରଶଂସକମାନଙ୍କୁ କ୍ଷମା ମାଗି ଅକ୍ଷୟ କୁମାର କହିଛନ୍ତି, ମୁଁ ଦୁଃଖିତ । ମୋର ସମସ୍ତ ପ୍ରଶଂସକ ଓ ଶୁଭେଚ୍ଛୁମାନଙ୍କୁ କ୍ଷମା ମାଗୁଛି । ଗତ ଅଳ୍ପ କିଛି ଦିନ ହେବ ଆପଣମାନଙ୍କର ପ୍ରତିକ୍ରିୟା ମୋତେ ଖୁବ୍ ବ୍ୟଥିତ କରିଛି । ମୁଁ ତମାଖୁକୁ ସପକ୍ଷରେ ନାହିଁ କି, ରହିବ ନାହିଁ । ତେଣୁ, 'ବିମଳ ଅଳେଇଚ' ସହିତ ଥିବା ମୋର ସମ୍ପୃକ୍ତି ପ୍ରତି ଆପଣମାନଙ୍କୁ ପ୍ରତିକ୍ରିୟାକୁ ସମ୍ମାନ ଜଣାଉଛି । ସବୁ ଅପମାନ ସହ୍ୟ କରି ମୁଁ ସେଥିରୁ ଓହରି ଆସୁଛି । ସେ ବାବଦରେ ଉପାର୍ଜନ କରିଥିବା ସମସ୍ତ ଅର୍ଥ କୌଣସି ମହତ୍ କାର୍ଯ୍ୟ ପାଇଁ ଦାନ କରିବାକୁ ସ୍ଥିର କରିଛି । ମୋ ସହିତ ହୋଇଥିବା ଆଇନଗତ ରାଜିନାମାର ଅବସାନ ପର୍ଯ୍ୟନ୍ତ ଉକ୍ତ କମ୍ପାନି ମୁଁ ଅଭିନୟ କରିଥିବା ବିଜ୍ଞାପନ ପ୍ରସାରଣ କରିପାରେ । କିନ୍ତୁ, ମୁଁ ପ୍ରତିଶ୍ରୁତି ଦେଉଛି ଭବିଷ୍ୟତରେ ଏଭଳି ଅବକାଶ ଆସିଲେ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବି । ପ୍ରତିବଦଳରେ ମୁଁ ଆପଣଙ୍କର ସ୍ନେହ ଓ ସଦିଚ୍ଛା କାମନା କରୁଛି । ସୂଚନାଯୋଗ୍ୟ, ଅଭିନେତା ଶାହରୁଖ ଖାଁ ଏବଂ ଅଜୟ ଦେବଗନଙ୍କ ପରେ ଉକ୍ତ କମ୍ପାନିର ଅଳେଇଚ ଉତ୍ପାଦ ବିଜ୍ଞାପନରେ ଅଭିନୟ କରିଥିବା ସଦ୍ୟତମ ବଲିଉଡ୍ ଷ୍ଟାର ହେଉଛନ୍ତି ଅକ୍ଷୟ କୁମାର । ଏହି କମ୍ପାନି ତମାଖୁ ମଧ୍ୟ ବିକ୍ରୟ କରେ । ଅଳ୍ପ ଦିନ ପୂର୍ବେ ପ୍ରସାରିତ ଉକ୍ତ ପାନ ମସଲା ବ୍ରାଣ୍ଡ୍‌ର ଏକ ବିଜ୍ଞାପନରେ 'ବିମଳ ବିଶ୍ୱ'କୁ ଅକ୍ଷୟ କୁମାରଙ୍କୁ ଶାହରୁଖ ଖାଁ ଏବଂ ଅଜୟ ଦେବଗନ ସ୍ୱାଗତ କରୁଥିବା ଦୃଶ୍ୟ ରହିଛି । ସମସ୍ତେ ମିଶି 'ବିମଳ'କୁ ଅଭିବାଦନ ଜଣାଇବା ସହ ଅଳାଇଚ ଚୋବାଉଥିବା ଦେଖାଯାଉଛି ।



# ଗେରୁଆ ପିନ୍ଧିଲେ ଜୁନିଅର୍ ଏନଟିଆର୍: ଛାଡ଼ି ଦେବେ କି ଫିଲ୍ମ ଦୁନିଆ ?



ଗେରୁଆ ରଙ୍ଗର କୁର୍ତ୍ତା ସାଙ୍ଗକୁ ପାଇଜାମା । ବେକରେ ମାଳ ପଡ଼ିଥିବା ବେଳେ ମଥାରେ ରହିଛି ତିଳକ ଚିହ୍ନ । ଜୁନିୟର ଏନଟିଆରଙ୍କ ଏପରି ଗେଟଅପ୍‌ର ଫଟୋ ଏବେ ସୋଶାଲ ମିଡିଆରେ ଛାଇ ଯିବାରେ ଲାଗିଛି । ହେଲେ ନିଜ ପ୍ରିୟ ହିରୋଙ୍କ ଏପରି ଗେଟଅପ୍‌କୁ ସହଜେ ଗ୍ରହଣ କରିପାରୁ ନାହାନ୍ତି ତାଙ୍କ ଫ୍ୟାନ୍ସ । ଏପରିକି ଫିଲ୍ମ ମୋହ ଛାଡ଼ି ଏହି ସାଉଥ ସୁପରଷ୍ଟାର ବାବା ହୋଇଯିବେ ବୋଲି ଚର୍ଚ୍ଚା ଜୋର ଧରିବାରେ ଲାଗିଛି । ହେଲେ ଏହା ପଛର କାହାଣୀ ଭିନ୍ନ । ନିର୍ଦ୍ଦେଶକ ଏସ୍ ଏସ୍ ରାଜମୌଳିଙ୍କ ଫିଲ୍ମ 'ଆରଆରଆର' ବ୍ଲକବଷ୍ଟର ଫିଲ୍ମ ହୋଇ ସାରିଥିବା ବେଳେ ହଜାରେ କୋଟିରୁ ଅଧିକ ଆୟ କରି ସାରିଲାଣି । ଫିଲ୍ମର ସଫଳତା ଦେଖି ଜୁନିଅର ଏନଟିଆରଙ୍କ ମନ ଆକାଶରେ ଉଡୁଥିବା ବେଳେ ସେ କିନ୍ତୁ ଭଗବାନଙ୍କ ନିକଟରେ ଏଥିନିମନ୍ତେ କୃତଜ୍ଞତା ଜଣାଇଛନ୍ତି । ଏପରିକି ନିଜେ ହନୁମାନ ଦୀକ୍ଷା ନେଇଥିବା ବେଳେ ୨୧ ଦିନ ପର୍ଯ୍ୟନ୍ତ ଖାଲି ପାଦରେ ରହିବେ, ଜୋତା ପିନ୍ଧିବେ ନାହିଁ । ଏହି ସମୟରେ ସେ ଗେରୁଆ ବସ୍ତ୍ର ପିନ୍ଧିବା ସହ ସ୍ୱାତିକ ଭୋଜନ ଗ୍ରହଣ କରିବେ ବୋଲି ଜଣାଯାଇଛି । ଏହାପୂର୍ବରୁ 'ଆରଆରଆର' ଫିଲ୍ମର ଅନ୍ୟତମ ହିରୋ ରାମଚରଣ ସବରୀମାଳା ମନ୍ଦିରରେ ଦୀକ୍ଷା ଗ୍ରହଣ କରିଥିଲେ । ଜୁନିଅର ଏନଟିଆରଙ୍କ ୱର୍କଫ୍ରଣ୍ଟ କଥା କହିଲେ, ସେ ଖୁବ୍‌ଶୀଘ୍ର କୋରାତାଲା ଶିବାଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମରେ ନଜର ଆସିବେ । ଏଥିନିମନ୍ତେ ସେ ନିଜ ଓଜନ ମଧ୍ୟ କମ୍ କରି ସାରିଛନ୍ତି । ଏହାବାଦ୍ ପ୍ରଶାନ୍ତ ନିଲଙ୍କ ଏକ ଫିଲ୍ମରେ ବି ସେ ନଜର ଆସିବେ । ଆରଆରଆର' ଏକ ମଲ୍ଟି ଷ୍ଟାରର ଫିଲ୍ମ ହୋଇଥିବା ବେଳେ ଏହାର ଲିଡ୍ ରୋଲରେ ଜୁନିଅର ଏନ୍‌ଟିଆର, ରାମଚରଣ, ଅଜୟ ଦେବଗନ ଓ ଆଲିଆ ଭଟ୍ଟ ଅଭିନୟ କରିଛନ୍ତି । ବହୁବଳୀ ଫେମ୍ ଏସ୍‌ଏସ୍ ରାଜାମୌଳି ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ବେଳେ ଏହା ବ୍ଲକବଷ୍ଟର ହିଟ ସାବ୍ୟସ୍ତ ହୋଇ ହଜାରେ କୋଟିରୁ ଅଧିକ ରୋଜଗାର କରି ସାରିଲାଣି ।

# ରଣବୀର-ଆଲିଆଙ୍କ ପରେ ଆଥିଆ ସେଟ୍ଟୀ ଓ କେଏଲ୍ ରାହୁଲଙ୍କ ବିବାହକୁ ନେଇ ଚର୍ଚ୍ଚା

ସୁନୀଲ ସେଟ୍ଟୀଙ୍କ ଝିଅ ଆଥିଆ ସେଟ୍ଟୀ ଓ କ୍ରିକେଟର କେଏଲ୍ ରାହୁଲଙ୍କ ପ୍ରେମ ସଂପର୍କକୁ ନେଇ ଅନେକ ଦିନ ହେବ ଚର୍ଚ୍ଚା ହେଉଛି । ଏହି ଦୁଇ ଜଣ ପରସ୍ପରଙ୍କୁ ଡେଟ୍ କରୁଥିବା କଥା କାହାକୁ ବି ଅଛପା ନାହିଁ । ଏବେ ଆଉ ଏକ ଚର୍ଚ୍ଚା ଜୋର ଧରିଛି । ତାହା ହେଉଛି ଆଥିଆ ଓ କେଏଲ୍ ରାହୁଲ୍ ଖୁବ୍ ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି । ସେ ଦୁହେଁ ପରସ୍ପରଙ୍କୁ ବିବାହ କରି ନୂଆ ଜୀବନ ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହୋଇ ସାରିଛନ୍ତି ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଆଥିଆ ଏବଂ କେଏଲ୍ ରାହୁଲଙ୍କ ପରିଚୟ ଜଣେ କମନ୍ ବନ୍ଧୁଙ୍କ ଜରିଆରେ ହୋଇଥିଲା । ଯଦିଓ ଏ ନେଇ କୌଣସି ଆନୁଷ୍ଠାନିକ ସୂଚନା ନାହିଁ, ତେବେ ଦୁହେଁ ଦୁହିଁଙ୍କୁ ସୋସିଆଲ୍ ମିଡିଆରେ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପରେ ସେମାନଙ୍କ ସଂପର୍କକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । ଯେତେବେଳେ କେଏଲ୍ ରାହୁଲ ତାଙ୍କର ଟେଷ୍ଟ୍ ସିରିଜ୍ ଖେଳିବାକୁ ଇଂଲଣ୍ଡ ଯାଇଥିଲେ, ସେ ସମୟରେ ଆଥିଆ ତାଙ୍କୁ ସମର୍ଥନ ଜଣାଇବାକୁ ତାଙ୍କ ସହ ଯାଇଥିଲେ । ଯଦିଓ ସେମାନେ ପରସ୍ପରଙ୍କ ସଂପର୍କକୁ ନେଇ ଏଯାଏ ସର୍ବସାଧାରଣରେ କୌଣସି ଖୁଲାସା କରିନାହାନ୍ତି, ମାତ୍ର ସେମାନଙ୍କ ରୋମାଣ୍ଟିକ୍ ଫଟୋ ସବୁ ସଂପର୍କର ସତ୍ୟତାକୁ ପ୍ରକାଶ କରୁଛି । ଏ ନେଇ ଆଥିଆଙ୍କ ବାପା ସୁନୀଲ ସେଟ୍ଟୀଙ୍କୁ ମଧ୍ୟ ବହୁ ଗଣମାଧ୍ୟମ ପ୍ରଶ୍ନର ସାମ୍ନା କରିବାକୁ ପଡ଼ିଛି ।




# ଉଦ୍‌ଘୋଷିକାରୁ ନାୟିକା ଚନ୍ଦ୍ରିକା ରବି; ନୃତ୍ୟ, ମଡେଲିଂ ଓ ଅଭିନୟରେ ଦର୍ଶକଙ୍କ ମନ ଜିଣୁଛନ୍ତି

ନିଜର ବାକ୍‌ଚାତୁରୀରେ ଜନସାଧାରଣଙ୍କୁ ବଶୀଭୂତ କରିପାରିବାର ଦକ୍ଷତା ରଖିଥିବା ଉଦ୍‌ଘୋଷିକା ତଥା ମଡେଲ ଚନ୍ଦ୍ରିକା ରବି ଶେଷରେ ସିନେ ଜଗତ୍‌ର ଜଣେ ପେସାଦାର ନାୟିକା ପାଲଟି ଯାଇଛନ୍ତି । ନିଜର ଯାଦୁକରୀ ହସ ଓ ମନଲୋଭା ଚାହାଣି ତାଙ୍କୁ ଆକର୍ଷଣର କେନ୍ଦ୍ର ବିନ୍ଦୁ କରାଇଛି । ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ ଅନ୍ତର୍ଗତ ଭିକ୍ଟୋରିଆଠାରେ ୧୯୮୯ ଏପ୍ରିଲ ୫ ତାରିଖରେ ଏକ ଭାରତୀୟ ହିନ୍ଦୁ ପରିବାରରେ ଜନ୍ମିତ ଚନ୍ଦ୍ରିକା ମାତ୍ର ତିନି ବର୍ଷ ବୟସ ବେଳୁ ହିଁ ନୃତ୍ୟ ଓ ଅଭିନୟ କଳାରେ ଶିକ୍ଷାଲାଭ ଆରମ୍ଭ କରିଥିଲେ ଏବଂ ୧୬ ବର୍ଷ ବେଳକୁ ତାଙ୍କର ପେସାଦାର ଜୀବନ ଆରମ୍ଭ ହୋଇଯାଇଥିଲା । ଭାରତନାଟ୍ୟମ୍, କଥକ ଓ ଓଡ଼ିଶୀ ପରି ଶାସ୍ତ୍ରୀୟ ନୃତ୍ୟ ସମେତ ଜାଜ୍, ବାଲେ ଓ ସମକାଳୀନ ନୃତ୍ୟରେ ସ୍ୱତନ୍ତ୍ର ତାଲିମ ନେଇଥିବା ଚନ୍ଦ୍ରିକା ନ୍ୟୁୟର୍କ ଫିଲ୍ମ ଏକାଡେମିରୁ ଅଭିନୟରେ ମଧ୍ୟ ଡିପ୍ଲୋମା ହାସଲ କରିଛନ୍ତି । ପ୍ରାରମ୍ଭରେ ଅଷ୍ଟ୍ରେଲିଆର ରେଡିଓ ଓ ଟେଲିଭିଜନରେ ପ୍ରସାରିତ ବିଭିନ୍ନ କାର୍ଯ୍ୟକ୍ରମର ଉପସ୍ଥାପିକା ସାଜିଥିବା ଚନ୍ଦ୍ରିକା ପ୍ରଥମ ଭାରତୀୟ ବଂଶୋଦ୍ଭବ ମହିଳା ଭାବେ ୨୦୧୨ରେ ବିଶ୍ୱ ସୁନ୍ଦରୀ(ଅଷ୍ଟ୍ରେଲିଆ) ଓ ଭାରତ ସୁନ୍ଦରୀ(ଅଷ୍ଟ୍ରେଲିଆ) ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ସହ ୨୦୧୪ରେ ମାକ୍ସିମ ସୁନ୍ଦରୀ(ଭାରତ)ର ଉପବିଜୟିନୀ ହୋଇଥିଲେ । ତେବେ ୨୦୧୭ରେ ହଠାତ୍ ତାମିଲ ଫିଲ୍ମ 'ସେଇ'ରେ ପ୍ରଥମ ପଦାର୍ପଣ କରି ନିଜର ଉତ୍ତେଜନା ସୃଷ୍ଟିକାରୀ ଚେହେରାରେ ମୃଗନୟନା ଚନ୍ଦ୍ରିକା ଦର୍ଶକଙ୍କ ଛାତିର ସ୍ପନ୍ଦନ ପାଲଟିଯାଇଥିଲେ । ସେହିବର୍ଷ ଅନ୍ୟତମ ତାମିଲ ସିନେମା 'ଇରୁଟ୍ଟୁ ଆରାୟି ମୁରତ୍ତୁ କୁଥ୍ଥୁ'ରେ ତାଙ୍କ ଅଭିନୟ ପ୍ରଶଂସକମାନଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଥିଲା । ସେହିପରି ୨୦୧୯ରେ ତାଙ୍କର ପ୍ରଥମ ତେଲୁଗୁ ସିନେମା 'ଚିକଟି ଗାଡ଼ିଲୋ ଚିଠାକୋଟୁଡୁ'ରେ ମଧ୍ୟ ଦର୍ଶକ ତାଙ୍କୁ ଖୁବ୍ ଗ୍ରହଣ କରିଥିଲେ । ଏଥି ସହିତ ଅନ୍ୟତମ ତାମିଲ ଚିତ୍ର 'ଉନ୍ କଧାଲ ଇରୁନ୍ଧାଲ' ମାଧ୍ୟମରେ ମଧ୍ୟ ସେ ଏକ ଅଭୁଲା ଛାପ ଛାଡ଼ିଯାଇଛନ୍ତି । ସମ୍ପ୍ରତି ୟୁନିସେଫ୍ ଇଣ୍ଡିଆ ପାଇଁ ଜଣେ ରାଷ୍ଟ୍ରଦୂତର ଭୂମିକା ନିଭାଉଥିବା ଚନ୍ଦ୍ରିକା ମାନସିକ ରୋଗୀଙ୍କ ମୁଖପାତ୍ର ପାଲଟିବା ସହ ସେମାନଙ୍କୁ ଘେରି ରହିଥିବା ସାମାଜିକ ପ୍ରତିବନ୍ଧକ ହଟାଇବାରେ ବ୍ରତୀ ରହିଛନ୍ତି । ସେହିପରି ନିଜର ଅଭିନବ ପେସା ପାଇଁ ଭାରତ ଓ ଲସ୍ ଆଞ୍ଜେଲ୍‌ସ ମଧ୍ୟରେ ଅନବରତ ଯାତ୍ରା ଜାରି ରଖିଥିବା ଚନ୍ଦ୍ରିକା ସମଗ୍ର ବିଶ୍ୱରେ ଏବଂ ବିଶେଷ କରି ଭାରତରେ କିପରି ମହିଳା ଓ ବାଳିକାମାନଙ୍କ ଅଧିକାର ବଜାୟ ରଖିହେବ, ତାହା ସାଧନ କରିବାକୁ ଜୀବନର ଲକ୍ଷ୍ୟ ଭାବେ ବାଛିଛନ୍ତି । ଜଣେ ଅଭିନେତ୍ରୀ ଓ ସମାଜସେବୀର ଦ୍ୱୈତ ଚରିତ୍ରରେ ଅବତୀର୍ଣ୍ଣ ଚନ୍ଦ୍ରିକାଙ୍କର ଜୀବନୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ନିଶ୍ଚୟ ।



# କ୍ୟାନସରରେ ଆକ୍ରାନ୍ତ ହେଲେ ଛବି ମିତ୍ତଲ

ସବୁବେଳେ ସ୍ୱୋର୍ଟିଭ, ଏନରଜେଟିକ ତଥା ପଜିଟିଭ ରହୁଥିବା ଛୋଟ ପରଦାର ପପୁଲାର ଅଭିନେତ୍ରୀ ଛବି ମିତ୍ତଲଙ୍କ ଜୀବନରେ ଘୋଟି ଆସିଛି କଳା ବାଦଲ । ବ୍ରେଷ୍ଟ କ୍ୟାନସର ପରି ମାରାତ୍ମକ ରୋଗ ସହ ଫାଇଟ କରୁଛନ୍ତି ଏହି ଟେଲି ଆକ୍ଟ୍ରେସ୍ । ଏନେଇ ନିଜେ ଖୁଲାସା କରିଛନ୍ତି ଛବି । ବ୍ରେଷ୍ଟ କ୍ୟାନସର ଶବ୍ଦ ଶୁଣିବା ପରେ ମୋ ଦୁନିଆ ପୂରା ବଦଳିଗଲା । ଏପରି ସ୍ଥିତି ଦେଇ ଗତି କରିବା ସହଜ ନ ଥିବା ବେଳେ କଷ୍ଟ ବି ନୁହେଁ ବୋଲି କହିଛନ୍ତି ଛବି । ଏପରିକି ସମୟ ଥାଉ ଥାଉ କିପରି ଏ ସମ୍ପର୍କରେ ଜାଣିପାରିଲେ ସେ ନେଇ ଜଣାଇବା ସହ ଫ୍ୟାନ୍ସଙ୍କୁ ସଚେତନ କରୁଛନ୍ତି ଛବି ।



# ବୁଲେଟ୍ ଧରି ବୁଲୁଥିଲେ ବରୁଣ, ଆକ୍ସନ ନେଲା ପୁଲିସ

ଆଇନ ଜାଲରେ ଫସିଲେ ବଲିଉଡ ଅଭିନେତା ବରୁଣ ଧୱନ୍ । ରାସ୍ତା ଉପରେ ବୁଲେଟ୍ ଧରି ବୁଲିବା ତାଙ୍କୁ ପଡିଲା ମହଙ୍ଗା । ଆକ୍ସନ ମୋଡକୁ ଆସିଲା ପୁଲିସ । ଆଉ ବରୁଣଙ୍କ ନାଁରେ କାଟିଲା ଚାଲାଣ । ବରୁଣ ଏବେ ତାଙ୍କ ଅପ୍‌କମିଂ ଫିଲ୍ମ ପାଇଁ କାନପୁରରେ ଶୁଟିଂ କରୁଛନ୍ତି । ଶୁକ୍ରବାର ବରୁଣ ଧୱାନ୍ କନ୍‌ପୁରରେ ଶୁଟିଂ କରିବା ବେଳେ ବୁଲେଟ ଧରି ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳିଥିଲା । ତାଙ୍କର ଏହି ଭିଡିଓ ସୋଶାଲ ମିଡିଆରେ ଭାଇରାଲ ମଧ୍ୟ ହୋଇଥିଲା । ତେବେ କାନପୁର ପୁଲିସ ଏହି ଭିଡିଓ ଦେଖିବା ପରେ ତାଙ୍କ ବିରୋଧରେ ନେଇଛି କଡା ଆକ୍ସନ । ବିନା ହେଲମେଟ୍‌ରେ ବୁଲେଟ ଧରି ବୁଲୁଥିବା ବରୁଣ ଧୱନ୍‌ଙ୍କ ନାଁରେ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ ଅଭିଯୋଗ ହୋଇଛି । ତାଙ୍କ ନାଁରେ ପୁଲିସ ମୋଟା ଅଙ୍କର ଚାଲାଣ କାଟିଛି । ତେବେ କେତେ ଟଙ୍କାର ଫାଇନ୍ ଲଗାଯାଇଛି ସେ ନେଇ କିଛି ସ୍ୱଷ୍ଟ ସୂଚନା ମିଳିନି । ଇଣ୍ଡିଆ ଟୁଡେର ରିପୋର୍ଟ ମୁତାବକ, କାନପୁର ଟ୍ରାଫିକ ପୁଲିସ କହିଛନ୍ତି, 'ବାଇକ୍‌ର ରେଜିଷ୍ଟ୍ରେସନ୍ ନମ୍ବରରେ ଚାଲାଣ କଟାଯାଇଛି । ଏହି ଚାଲାଣ କାଟିବା ପଛର କାରଣ ହେଲମେଟ ନପିନ୍ଧିବା ରହିଛି । ସେହିପରି ଗାଡିର ନମ୍ବର ପ୍ଲେଟ୍ ମଧ୍ୟ ଟ୍ରାଫିକ୍ ପୁଲିସର ଗାଇଡଲାଇନ୍‌କୁ ଉଲ୍ଲଙ୍ଘନ କରିଛି । ଯଦି ଆଗକୁ ନିୟମ ଉଲ୍ଲଙ୍ଘନ ହୁଏ ତେବେ ଆଉ ଏକ ଚାଲାଣ ମଧ୍ୟ କଟାଯିବ ।' ଉତ୍ତରପ୍ରଦେଶର କାନପୁରରେ ବରୁଣ ତାଙ୍କ ଅପ୍‌କମିଂ ଫିଲ୍ମ 'ବବାଲ'ର ଶୁଟିଂ କରୁଛନ୍ତି । ସାଜିଦ ନାଦିଆଦୱାଲାଙ୍କ ପ୍ରଡକ୍ସନ ବ୍ୟାନର ତଳେ ତିଆରି କରାଯାଉଛି ଏହି ଫିଲ୍ମ । ଦଙ୍ଗଲ ଫିଲ୍ମର ନିର୍ଦ୍ଦେଶକ ନିତେଶ ତିୱାରୀ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି । କୁହାଯାଉଛି ଯେ, କାନପୁରର ଭିନ୍ନ ଭିନ୍ନ ଅଞ୍ଚଳରେ ଏହି ଫିଲ୍ମର ଶୁଟିଂ କରାଯିବ । ଫିଲ୍ମର ଲିଡ୍ ରୋଲ୍‌ରେ ବରୁଣ ଧୱନ ଅଛନ୍ତି । ତାଙ୍କୁ ଏଥିରେ ଜଣେ ଶିକ୍ଷକ ଭୂମିକାରେ ଦେଖିବାକୁ ମିଳିବ ।



# ପଛକୁ ପଛ ଆସୁଛି ଓଲିଉଡର ଜଣାଶୁଣା ନାୟିକା ପୁନମଙ୍କ ସିନେମା

ଓଲିଉଡର ଜଣାଶୁଣା ନାୟିକା ପୁନମଙ୍କୁ ଖୁବ୍ ଶୀଘ୍ର କେତୋଟି ଓଡ଼ିଆ ଛବିରେ ଦେଖିବାକୁ ମିଳିବ । ହଁ, ପୁନମଙ୍କ ହାତରେ ବେଶ କେତୋଟି ଓଡ଼ିଆ ଛବି ରହିଛି । ଏଥିଭିତରୁ ଗୋଟିଏ ହେଲା 'ଲଭ୍ ଇମ୍ପସିବଲ୍' । ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ । ପ୍ରଯୋଜନା ସଂସ୍ଥା ମୁନ୍ ଟିଭି ପକ୍ଷରୁ ପ୍ରସ୍ତୁତ ଏହି ସିନେମାର ନିର୍ମାଣ କରୁଛନ୍ତି ବିନି ପଟ୍ଟନାୟକ ଓ ସଚ୍ଚିକାନ୍ତ ଜେନା । ଏଥିରେ ଜଣେ ନବାଗତ ରୋହନଙ୍କ ବିପକ୍ଷରେ ନଜର ଆସିବେ ସେ । ଏଣେ ପୁନମ୍ 'ଲଭ୍ ୟୁ ଜାନୁ'ରେ ବି କାମ କରୁଛନ୍ତି । ଏଥିରେ ଆଉଜଣେ ନବାଗତ କିଶୋରଙ୍କ ସହ ରୋମାନ୍ସ କରିଛନ୍ତି । ତେଣେ ପୁନମଙ୍କ ହାତରେ ରହିଛି 'ତୁ ଚଗଲୀ ମୁଁ ଚଗଲା । ଏଥିରେ ସମ୍ବିତଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିବେ ପୁନମ୍ । ଏହି ସିନେମାର ନିର୍ମାଣ କରୁଛନ୍ତି ବିନି ପଟ୍ଟନାୟକ ଓ ସଚ୍ଚିକାନ୍ତ ଜେନା । ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ବିନି ପଟ୍ଟନାୟକ । ସିଦ୍ଧାର୍ଥ ଟିଭି ପକ୍ଷରୁ ପ୍ରସ୍ତୁତ ଏକ ନାମକରଣ ହୋଇ ନଥିବା ଫିଲ୍ମରେ ଓଲିଉଡର ଲୋକପ୍ରିୟ ନାୟକ ଦୀପକଙ୍କ ସହ ପ୍ରଥମ ଥର ନଜର ଆସିବେ ପୁନମ ମିଶ୍ର । ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ଜଣାଶୁଣା ନିର୍ଦ୍ଦେଶକ ଚଣ୍ଡୀ ପରିଜା । ଏଣେ ଶ୍ରୀତମ ଦାସଙ୍କ ନିର୍ଦ୍ଦେଶିତ 'ମହାବାହୁ' ସିନେମାରେ ଆକାଶଙ୍କ ବିପକ୍ଷରେ ନଜର ଆସିବେ ପୁନମ୍ । ସୂଚନାଯୋଗ୍ୟ, ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ 'ବାଇଶି ପାହାଚେ ଖେଳିବ ମୀନ' ସିନେମାରୁ ପୁନମ୍ କ୍ୟାରିଅର୍ ଆରମ୍ଭ କରିଥିଲେ । ଏଥିରେ ତାଙ୍କର ନାୟକ ଥିଲେ ନବାଗତ ଲଳିତ । ଏହାପରେ ସେ ଲଭମାଷ୍ଟର୍ ସମେତ ଅଳ୍ପ କେତୋଟି ଓଡ଼ିଆ ଛବିରେ ନଜର ଆସିଛନ୍ତି ।



## ଯୁବମୋର୍ଚ୍ଚା ପକ୍ଷରୁ ଆଜାଦି କା ଅମୃତ ମହୋତ୍ସବ ପାଳିତ

ଭୁବନେଶ୍ୱର,୨୧/୦୪ (ନି.ପ୍ର): ଭାରତୀୟ ଜନତା ଯୁବମୋର୍ଚ୍ଚା, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମୁଦୁଲି ଙ୍କ ନେତୃତ୍ୱରେ ସାମାଜିକ ନ୍ୟାୟ ପକ୍ଷରେ ଆଜାଦି କାଅମୃତ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ବୁଧବାର ଦିନ ରସୁଲଗଡ଼ ଛକଠାରେ ଥିବା ବୀର ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ସମସ୍ତେ ରସୁଲଗଡ଼ ଜି.ଜି.ପି କଲୋନୀରେ ରହୁଥିବା ସହୀଦ ନାଏକ ସୁକାନ୍ତ ପ୍ରଧାନଙ୍କ ପରିବାର ବର୍ଗଙ୍କୁ ଭେଟି ସମ୍ମାନିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଜେପି ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ବିଜେପି ଭୁବନେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ଜିଲ୍ଲା ଉପସଭାପତି ନିରଞ୍ଜନ ରାଉତରାୟ, ଯୁବମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଶିବାଶିଷ ମହାନ୍ତି ଏବଂ ଯୁବମୋର୍ଚ୍ଚାର ଅନ୍ୟାନ୍ୟ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଅଦ୍ୱିକା ଆପ୍‌ର ଶୁଭ ଉନ୍ମୋଚନ

ଭୁବନେଶ୍ୱର,୨୧/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ 'ଅଦ୍ୱିକା' କାର୍ଯ୍ୟକ୍ରମକୁ ଅଧିକ ସୁଗମ ଓ ସାର୍ବଜନୀନ କରିବା ଲକ୍ଷ୍ୟ ନେଇ ଆଜି ପୂର୍ବାହ୍ନରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ 'ଅଦ୍ୱିକା ଆପ୍'ର ଶୁଭ ଉନ୍ମୋଚନ କରିଛନ୍ତି। ଅକେଫୋବର ୨୦୨୦ ମସିହାରେ ଆରମ୍ଭ ହୋଇଥିବା ଅଦ୍ୱିକା କାର୍ଯ୍ୟକ୍ରମ ଅଦ୍ୟାବଧି ରାଜ୍ୟର ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ପହଂଚିପାରିଛି । ବର୍ତମାନ ସୁଦ୍ଧା ୧୨ ଲକ୍ଷ କିଶୋରୀକିଶୋର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇପାରିଛନ୍ତି। ଏହା ମାଧ୍ୟମରେ କିଶୋରୀକିଶୋରମାନଙ୍କର ଦକ୍ଷତା ଶିକ୍ଷା, ଜୀବନକୌଶଳ ଆଦିରେ ଉନ୍ନତି ଆସିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିଛି । ପିଲାମାନେ ଏହି ବୈଷୟିକ ଜ୍ଞାନକୌଶଳସମ୍ମତ ଆପ୍ ମାଧ୍ୟମରେ ଜୀବନକୌଶଳ ଲାଭ କରିବା ସହିତ ବ୍ୟକ୍ତିତ୍ୱକୁ ପ୍ରସ୍ଫୁଟିତ କରିବେ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଅଧିକ ସଶକ୍ତ ଓ ସୁଦୃଢ଼ କରିବା ସହିତ କିଶୋରୀକିଶୋରମାନଙ୍କ ନେତୃତ୍ୱ ବିକାଶ ପାଇଁ ବିବିଧ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ବିଭାଗ ଏବଂ ଆମ ସମସ୍ତଙ୍କର ମିଳିତ ସହଯୋଗରେ ରାଜ୍ୟକୁ ୨୦୩୦ ସୁଦ୍ଧା ବାଲ୍ୟବିବାହମୁକ୍ତ କରିବାରେ ସଫଳ ହୋଇପାରିବା ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ଆଶାବ୍ୟକ୍ତ କରିଛନ୍ତି । କିଶୋରୀକିଶୋରମାନେ ହେଉଛନ୍ତି ସମାଜର ସର୍ବୋତ୍କୃଷ୍ଟ ସମ୍ବଳ। ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ବଦ୍ଧ ପରିକର। ମିଶନ ପୋଷଣ, ମିଶନ ଶକ୍ତି ଓ ମିଶନ ବାତ୍ସଲ୍ୟ ଭଳି ଅଭିନବ ଯୋଜନାର ବହୁମୁଖୀ କାର୍ଯ୍ୟକାରିତା ତା'ର ଜ୍ୱଳନ୍ତ ଉଦାହରଣ ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା କହିଛନ୍ତି । ଏକବିଂଶ ଶତାବ୍ଦୀରେ କିଶୋରୀକିଶୋରମାନଙ୍କର ସମୃଦ୍ଧ ସ୍ୱାସ୍ଥ୍ୟ ଓ ଅଧିକାର ସହିତ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ସେମାନଙ୍କର ଜୀବନକୌଶଳ ଓ ଜୀବିକା ସୁଯୋଗ ବୃଦ୍ଧି କରାଯାଇପାରିଲେ ରାଜ୍ୟର କିଶୋରୀକିଶୋରମାନେ ସାମାଜିକ-ଅର୍ଥନୈତିକ ଦୃଷ୍ଟିରୁ ସମୃଦ୍ଧ ହୋଇପାରିବେ ବୋଲି ୟୁନିସେଫ୍ ଭାରତର ୟୁୱାହ ମୁଖ୍ୟ ଧୂୱାରାଖା ଶ୍ରୀରାମ ପ୍ରକାଶ କରିଛନ୍ତି । ଓଡ଼ିଶାର କିଶୋରୀକିଶୋରମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ହେଲେ ସେମାନଙ୍କୁ ବୈଷୟିକ ଜ୍ଞାନକୌଶଳରେ ପାରଙ୍ଗମ କରିବାକୁ ପଡ଼ିବ ବୋଲି ମାଇକ୍ରୋସଫଟ ଫିଲାନ୍‌ଥ୍ରୋପିସ୍ ର ନିର୍ଦ୍ଦେଶକ ମଞ୍ଜୁ ଦାସମାନା ପ୍ରକାଶ କରିଛନ୍ତି । ଏହି ଆପ୍ କୁ ୟୁନିସେଫ୍, ୟୁୱାହ ଓ ମାଇକ୍ରୋସଫ୍ଟ ମିଳିତ ଭାବରେ ପ୍ରସ୍ତୁତ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଅଦ୍ୱିକା କାର୍ଯ୍ୟକ୍ରମ ଜରିଆରେ ୨୦୨୧-୨୨ ବର୍ଷରେ ୧୭୩୭ଟି ବାଲ୍ୟବିବାହକୁ ରୋକାଯିବା ସହ ପାଖାପାଖି ୧୨ ହଜାର ଗ୍ରାମକୁ ବାଲ୍ୟବିବାହମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି । ଅଦ୍ୟାବଧି ବାଲ୍ୟବିବାହରୁ ଉଦ୍ଧାର କରାଯାଇଥିବା ୧୭ରୁ ୧୯ ବର୍ଷର ୧୩,୬୧୪ ଜଣ କିଶୋରୀ କିଶୋରଙ୍କୁ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଓ କୌଶଳ ବିକାଶ ମିଶନରେ ସାମିଲ କରାଯାଇ ସେମାନଙ୍କର ଦକ୍ଷତା ଓ କୌଶଳ ବିକଶିତ କରାଯାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଯାଇପାରିଛି ।

ବିଭାଗୀୟ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ମିଳନୀରେ ରାଜ୍ୟର ସମସ୍ତ ଜିଲ୍ଲାର ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ ଓ କିଶୋରୀକିଶୋରମାନେ ଯୋଗଦେଇ ସେମାନଙ୍କ ଅନୁଭୂତି ଉପସ୍ଥାପନ କରିଥିଲେ ।

## ଆକାଂକ୍ଷା ଇନକ୍ୟୁବେଟର ଗଠନ ଉପରେ ରୂପାନ୍ତରଣ କାର୍ଯ୍ୟକ୍ରମ ପାଇଁ ପରାମର୍ଶଦାତା ବୈଠକ

ଭୁବନେଶ୍ୱର,୨୧/୦୪ (ନି.ପ୍ର): ୫-ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ, ଟାସ୍କ ଫୋର୍ସ - ବି ଅଧୀନରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ପରିଚାଳନା ୟୁନିଟ୍ ଏବଂ ଆକାଂକ୍ଷା ଇନକ୍ୟୁବେଟର ଗଠନ ଉପରେ ଏକ ପରାମର୍ଶଦାତା ବୈଠକ, ଭୁବନେଶ୍ୱରର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓ .ସେ. ପା, ଅନୁପମ ଶାହା ଅଧକ୍ଷତା କରିଥିଲେ । ଓ .ସେ. ପା, ର ବହୁପଦଧିକାରୀ, ବିଭିନ୍ନ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ୫-ଟି କାର୍ଯ୍ୟକ୍ରମ ସହିତ ଜଡିତ ବାହ୍ୟ ପ୍ରତିନିଧୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଏସଇଆରଟି, ଏନସିଇଆରଟି, ଗ୍ରାମ ତରଙ୍ଗ, ଟ୍ରାନ୍ସଫର୍ମ ସ୍କୁଲ, ଲ୍ୟାଣ୍ଡ-ଏ-ହ୍ୟାଣ୍ଡ, ବୋଷ୍ଟନ୍ କନ୍ସଲ୍ଟିଂ ଗ୍ରୁପ୍, ୟୁନିସେଫ୍, ପିରାମଲ୍ ଫାଉଣ୍ଡେସନ୍, ଶିକ୍ଷା ବିଶେଷଜ୍ଞ, ପ୍ରିନ୍ସିପାଲ୍ ଆଡଭାଇଜର୍ (ଶିକ୍ଷା) ଏବଂ ପିଏଚଡିଏମଏର ପରାମର୍ଶଦାତାମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବର୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୫-ଟି ହାଇସ୍କୁଲ୍ ଟ୍ରାନ୍ସଫର୍ମେସନ୍ ପ୍ରୋଗ୍ରାମକୁ ପୁନଃ ସମୀକ୍ଷା କରିବା, କାର୍ଯ୍ୟକ୍ରମର ବିଜୟ ଏବଂ ଅଗ୍ରଗତି ବିଷୟରେ ଆଲୋଚନା କରିବା, ରୂପାନ୍ତରଣର ୪ ଟି ଆକାଂକ୍ଷା ଇନକ୍ୟୁବେଟର ର ମୂଳଦୁଆ ବୁଝିବା ଓ ଭବିଷ୍ୟତରେ ଏହି କାର୍ଯ୍ୟକ୍ରମକୁ ସୁଗମ କରିବା ଦିଗରେ ବାହ୍ୟ ସହଭାଗୀ ପ୍ରତିନିଧୀ ଏବଂ ଶିକ୍ଷା ବିଶେଷଜ୍ଞଙ୍କ ଭୂମିକା ବୁଝିବା । ଅଧିବେଶନ ଶେଷରେ ସମସ୍ତ ଅଂଶଗ୍ରହଣକାରୀ ମାନଙ୍କର ବ୍ରେନ୍ ଷ୍ଟର୍ମିଙ୍ଗ୍ କରଯାଇଥିଲା । ଯେଉଁଥିରେ ପ୍ରତ୍ୟେକ ଅଂଶଗ୍ରହଣକାରୀ ଅଧିବେଶନ ପାଇଁ ନ୍ୟସ୍ତ ହୋଇଥିବା ଥିମ୍ ପ୍ରତି ସେମାନଙ୍କର ଦୃଷ୍ଟିକୋଣ, ପରାମର୍ଶ, ଧାରଣା ବାଂଟିଥିଲେ । ରାଜ୍ୟରେ ୫ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବାସ୍ତବବାଦୀ ଆଭିମୁଖ୍ୟ ଗ୍ରହଣ କରିବା ଏହି ଅଧିବେଶନର ମୁଖ୍ୟ ଲକ୍ଷ୍ୟ ଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କଲେ ଚା ଦୋକାନୀ ଶିବଶଙ୍କର

ଭୁବନେଶ୍ୱର,୨୧/୦୪ (ନି.ପ୍ର): ଭୁବନେଶ୍ୱର ଆର.ଟି.ଓ ଅଫିସ ନିକଟ ଏକ ଓଣ୍ଡେଡ୍ ବୁଥ୍ରେ ଚା ବିକ୍ରୀ କରୁଥିବା ଦୋକାନୀ ଶିବଶଙ୍କର ଜେନା ନିଜ ରୋଜଗାରରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୮ ହଜାର ୩୫୦ ଟଙ୍କା ଦାନ କରିଛନ୍ତି । ରାଜ୍ୟ ଲୋକସେବା ଭବନସ୍ଥର ସେ ଆଜି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଏହି ରାଶିର ଚେକ୍ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀ ଜେନା ଜଣାଇଥିଲେ ଯେ ସେ ଜଣେ କୋଭିଡ୍ ଯୋଦ୍ଧାଭାବେ କାର୍ଯ୍ୟ କରିଥିଲେ । ପ୍ରଥମ ଅବସ୍ଥାରେ ଆବିଷ୍କୃତ ହେଉଥିବା ଟିକାର ପରୀକ୍ଷାତ୍ମକ ପ୍ରୟୋଗ ନିଜ ଉପରେ କରାଇବା ପାଇଁ ସେ ସ୍ୱେଚ୍ଛାକୃତଭାବେ ଆଗଭର ହୋଇଥିଲେ । ଟିକା ନେବା ପୂର୍ବ ଏବଂ ପରେ ବିଭିନ୍ନପ୍ରକାର ଡ଼ାକ୍ତରୀ ପରୀକ୍ଷା ପାଇଁ ମଧ୍ୟ ସେ ସମ୍ ହସ୍ପିଟାଲକୁ ଯିବା ଆସିବା କରୁଥିଲେ । ତାଙ୍କୁ ଯିବା ଆସିବା ଖର୍ଚ୍ଚ ବାବଦରେ ୬୭୫୦.୦୦ ମିଳିଥିଲା । ଟିକା ପରୀକ୍ଷଣ ସଫଳ ହେବାରୁ ସେ ବହୁତ ଆନନ୍ଦିତ ହୋଇଥିଲେ ଓ ଆତ୍ମସନ୍ତୋଷ ଲାଭ କରିଥିଲେ । ସେହି ରାଶି ସହ ଚା ବେପାରରୁ ମିଳିଥିବା ୧ ମାସର ଲାଭ ମିଶାଇ ଶ୍ରୀ ଜେନା ସମୁଦାୟ ୧୮,୩୫୦.୦୦ ର ଚେକ୍ ବର୍ତମାନ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କଲେ । ପ୍ରତି ବର୍ଷ ଦୋକାନରୁ ୧ ମାସର ରୋଜଗାର ସେ କୌଣସି ନା କୌଣସି ଅଭାବଗ୍ରସ୍ତ, ଦିବ୍ୟାଙ୍ଗ ଓ ନିସହାୟଙ୍କ ସହାୟତା ବା ସମାଜ କଲ୍ୟାଣ କାମରେ ବିନିଯୋଗ କରିଥାଆନ୍ତି । ପ୍ରାୟ ବିଗତ ୧୦ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ସେ ଏ ପ୍ରକାର ମାନବିକ ସେବା କାର୍ଯ୍ୟରେ ବ୍ରତୀ ଅଛନ୍ତି ବୋଲି ତାଙ୍କ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦରୁ ଜଣାପଡିଛି । ଶ୍ରୀ ଜେନାଙ୍କର ଏତାଦୃଶ ମାନବିକ ଚେତନା ଓ ଅନ୍ୟକୁ ସାହାଯ୍ୟ କରିବାର ମନୋଭାବ ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଶିବଶଙ୍କରଙ୍କୁ ସାଧୁବାଦ ଜଣାଇବା ସହ ତାଙ୍କର ଉତରୋତର ବିକାଶ କାମନା କରିଥିଲେ । ଚେକ୍ ପ୍ରଦାନ ସମୟରେ ଭୁବନେଶ୍ୱର (ମଧ୍ୟ) ର ବିଧାୟକ ସଦସ୍ୟ ଅନନ୍ତ ନାରାୟଣ ଜେନା ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଉପସ୍ଥିତ ଥିଲେ ।

## ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନୀକୁ ଲୋକଲୋଚନକୁ ଆଣିବା ଆମ ସମସ୍ତଙ୍କ ପ୍ରଥମ ଦାୟିତ୍ୱ: ସମୀର ମହାନ୍ତି

ଭୁବନେଶ୍ୱର,୨୧/୦୪ (ନି.ପ୍ର): ଦେଶ ସ୍ୱାଧୀନତାକୁ ସ୍ମରଣ କରାଇବା ଉଦ୍ଦେଶ୍ୟରେ ଏବଂ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ୧୩୦ କୋଟି ଦେଶବାସୀଙ୍କ ଭାଗିଧାରୀ ଓ ଭାବନାର ପର୍ବ "ଆଜାଦୀ କା ଅମୃତ ମହୋତ୍ସବ" ପାଳନ କରାଯାଉଛି । ଏହି ଅବସରରେ ଯେଉଁ ମହାପୁରୁଷ, ଶହୀଦ, ସ୍ୱାଧୀନତା ସଂଗ୍ରାମୀ ଓ ଅପରିଚିତ ନାୟକମାନେ ଦେଶ ପାଇଁ ତ୍ୟାଗ, ବଳିଦାନ ଓ ତପସ୍ୟା କରିଥିଲେ, ସେମାନଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଉଛି । ଓଡିଶା ରାଜ୍ୟର ବହୁ ମହାପୁରୁଷ, ସ୍ୱାଧୀନତା ସଂଗ୍ରାମୀ ଓ ଅପରିଚିତ ନାୟକମାନଙ୍କୁ ସମ୍ମାନ ଜଣାଇବା ସହିତ ସେମାନଙ୍କ ସଂପର୍କରେ ବର୍ତମାନର ଯୁବପିଢ଼ିକୁ ଅବଗତ କରାଇବା ଆମ ସମସ୍ତଙ୍କ ଦାୟୀତ୍ୱ । ଏହା ଦ୍ୱାରା ଆମ ସଂସ୍କୃତି, ଐତିହ୍ୟ, ପରଂପରା ଓ ଇତିହାସ ସର୍ବଦା ଜୀବନ୍ତ ହୋଇ ରହିବ । ପାଇକ ବିଦ୍ରୋହକୁ ସ୍ୱତନ୍ତ୍ର ଆନ୍ଦୋଳନ ଭାବେ ମୋଦି ସରକାର ମାନ୍ୟତା ଦେବା ସହିତ ଏଥି ପାଇଁ ବଜେଟରେ ୨୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ରାଜ୍ୟ ସରକାର ଜମି ପ୍ରଦାନ କରିବା ମାତ୍ରେ ଖୋର୍ଦ୍ଧାର ବରୁଣେଇ ପାହାଡରେ ସ୍ମାରକୀ ପ୍ରତିଷ୍ଠା ସମ୍ଭବ ହୋଇପାରିବ ଏବଂ ଏହା ହିଁ ପ୍ରକୃତ ପକ୍ଷେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ହେବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । "ଆଜାଦୀ କା ଅମୃତ ମହୋତ୍ସବ" ପାଳନ ଅବସରରେ ଆଜି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଭଦ୍ରକ ଜିଲ୍ଲା ବାସୁଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରକ୍ତତୀର୍ଥ ଇରମକୁ ପଦଯାତ୍ରାରେ ଯାଇ ୨୯ ଜଣ ଶହିଦଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳୀ ଦେଇଥିବା ବହୁ ଅପରିଚିତ ନାୟକମାନଙ୍କ ଜିବନୀକୁ ଲୋକଲୋଚନକୁ ଆଣି ସାର୍ବଜନୀନ କରିବା ଆମ ସମସ୍ତଙ୍କ ପ୍ରଥମ ଦାୟୀତ୍ୱ ହେଉ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ରକ୍ତତୀର୍ଥ ଇରମ ମାଟିର ଶହୀଦ ସଂଗ୍ରାମୀମାନଙ୍କ ପରିବାର ସଦସ୍ୟଙ୍କୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ମନମୋହନ ସାମଲ, ରାଜ୍ୟ ସଂପାଦକ ଅଭିମନ୍ୟୁ ସେଠୀ ଓ ସିପ୍ରା ବାଜପେୟୀ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଜିଲ୍ଲା ସଭାପତି ହେମନ୍ତ ପାଢ଼ୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ, ମାଧବ ମଲ୍ଲିକ ଓ ପଂଚାନନ ନାୟକ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ସୁରଜ ସୂର୍ଯ୍ୟବଂଶୀ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଦେବାଂଶୁ ରାଉତ, ଜିଲ୍ଲା ସଭାନେତ୍ରୀ ହରପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟର ୫ ଜିଲ୍ଲାରୁ ୯ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୧/୦୪ (ନି.ପ୍ର): ଗତକାଲି ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ମାତ୍ର ୫ଟି ଜିଲ୍ଲାରୁ ୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୫ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି କଟକ, ନୂଆପଡ଼ା ଓ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨ ଜଣ ଲେଖାଏଁ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ କଟକ ଜିଲ୍ଲାରୁ ୨ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣ, ନୂଆପଡ଼ା ଜିଲ୍ଲାରୁ ୨ ଜଣ, ସମ୍ବଲପୁର ଜିଲ୍ଲାରୁ ୧ ଜଣ, ଓ ଷ୍ଟେଟପୁଲରୁ ୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୭, ୯୬୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୮, ୬୮୭ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୦୪ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

## ଶୁକଶାରୀ ମନ୍ଦିରରେ ଖନନ ବେଳେ ମିଳିଲା ମନ୍ଦିର ଓ ମୂର୍ତ୍ତି

ଭୁବନେଶ୍ୱର,୨୧/୦୪ (ନି.ପ୍ର): ଶୁକଶାରୀ ମନ୍ଦିର ରେ ଖନନ ବେଳେ ପୁଣି ଦେବାଦେବୀଙ୍କ ମୂର୍ତି ଓ ମନ୍ଦିର ମିଳିଛି । ବୁଧବାର ଶାରୀ ମନ୍ଦିର ପରିସରରେ ଏଏସ୍‌ଆଇ ଦ୍ୱାରା ଖନନ କରାଯାଉଥିବା ବେଳେ ଆଉ ଏକ ମୂର୍ତି ମିଳିଛି । ପୂର୍ବରୁ ଖନନ ବେଳେ ମନ୍ଦିର ମିଳିଥିବା ବେଳେ ତାହା କେଉଁ ଦେବୀ, ଦେବତାଙ୍କ ମନ୍ଦିର ଜଣାପଡ଼ି ନ ଥିଲା । କିନ୍ତୁ ଆଜି ମନ୍ଦିରର ଗର୍ଭଗୃହରୁ ଖନନ ସମୟରେ ଚାରିଭୁଜ ଥିବା ମା' ମହିଷାମର୍ଦ୍ଦିନୀଙ୍କ ମୂର୍ତି ବାହାରିଛି । ମନ୍ଦିର ପରିସରକୁ ଅର୍ଦ୍ଧନାରୀଶ୍ୱରଙ୍କ ମୂର୍ତି ମଧ୍ୟ ଖନନ ବେଳେ ମିଳିଛି । ତେବେ ପ୍ରାଥମିକ ଯାଂଚରୁ ଏହା ୬ଷ୍ଠ କିମ୍ବା ୭ମ ଶତାବ୍ଦୀର ବୋଲି ଜଣାପଡ଼ିଛି ।

ସୂଚନାଯୋଗ୍ୟ ଯେ, ଏକାମ୍ର ବିକାଶ କାର୍ଯ୍ୟ ଆରମ୍ଭ ପରେ ଏଏସ୍‌ଆଇ ପକ୍ଷରୁ ୨୦୨୦ ମସିହାରୁ ଶୁକଶାରୀ ମନ୍ଦିର ଆଖପାଖ ଖନନ କାର୍ଯ୍ୟ କରାଯାଉଛି । ମାଟି ତଳୁ ଅନେକ ପ୍ରାଚୀନ ଭାସ୍କର୍ଯ୍ୟର ସନ୍ଧାନ ମିଳିଛି ।

## ଆଜାଦୀ କା ଅମୃତ ମହୋତ୍ସବ ପାଳନ, ନୂତନ ଭାରତ ଗଠନ ପାଇଁ ପ୍ରେରଣା ଯୋଗାଉଛି : ବିଜେପି

ଭୁବନେଶ୍ୱର,୨୧/୦୪ (ନି.ପ୍ର): ଅମୃତ ମହୋତ୍ସବ ପାଳନ ଅବସରରେ ଭବିଷ୍ୟତ ଭାରତକୁ ନେଇ ନିଜର ସ୍ୱପ୍ନ ସଂପର୍କରେ ଦେଶର ୧କୋଟିରୁ ଅଧିକ ପିଲା ପୋଷ୍ଟକାର୍ଡ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ମତାମତ ଦେଇଛନ୍ତି । ଏହା ଦ୍ୱାରା ଆଗାମୀ ପୀଢି ଦେଶର ଇତିହାସ ଏବଂ ସ୍ୱାଧୀନତା ଓ ସ୍ୱାଧୀନତା ସଂଗ୍ରମୀଙ୍କ ସଂପର୍କରେ ଅବଗତ ହେବା ସହ ତାଙ୍କ ବଳିଦାନରୁ ନିଶ୍ଚିତ ଭାବେ ପ୍ରେରଣା ପାଇବେ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ରମାରଂଜନ ବଳିୟାରସିଂହ କହିଛନ୍ତି । ଅନ୍ୟ ପକ୍ଷରେ ଏହି ମହାନ କାର୍ଯ୍ୟର ସଚେତନତା ଏବଂ ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ପରିଲକ୍ଷିତ ହୋଇଛି । ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ, ଶହୀଦ ଓ ସୈନିକଙ୍କୁ ସମ୍ମାନ ଜଣାଇବା ପାଇଁ କୌଣସି ଯୋଜନା ନାହିଁ । ଶହୀଦ ଲକ୍ଷ୍ମଣ ମୁଣ୍ଡାଙ୍କ ଭଳି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମସ୍ଥଳୀ ଆଜି ମଧ୍ୟ ଅବହେଳିତ ହୋଇ ପଡିରହିଛି । କିଛି ଦିନ ତଳେ ଭଦ୍ରକର ସ୍ୱାଧୀନତା ସଂଗ୍ରାମୀ ଗୌରବ ମହାପାତ୍ରଙ୍କ ପତ୍ନୀ ମୀରା ଦେଈଙ୍କୁ ଅସହଯୋଗ ଓ ଅସମ୍ମାନ ପ୍ରଦର୍ଶନ, ଗାନ୍ଧୀ ସ୍ମୃତିପୀଠ ବେରବୋଇ, ଭଦ୍ରକର ରକ୍ତତୀର୍ଥ ଇରମ, ଖୋର୍ଦ୍ଧା ପାଇକ ସ୍ମୃତି ନିର୍ମାଣରେ ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କରିବା ଅତ୍ୟନ୍ତ ପରିତାପର ବିଷୟ । କେବଳ ରାଜଧାନୀରେ ଶୀତତାପ ନିୟନ୍ତ୍ରୀତ କକ୍ଷରେ ଅଳ୍ପ କିଛି ସରକାରୀ ଅଧିକାରୀ ଏବଂ ଗଣମାଧ୍ୟମ ଉପସ୍ଥିତିରେ ଶହିଦ ଓ ମହାପପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇ ନିଜ ଦାୟୀତ୍ୱ ସାରି ଦେଉଛନ୍ତି ରାଜ୍ୟ ସରକାର । ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇ ସେମାନଙ୍କ ଦ୍ୱାରା ବ୍ୟବହାର ହେଉଥିବା ସାମଗ୍ରୀକୁ ସଂରକ୍ଷିତ ରଖାଯାଉ । ଏହା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ଶ୍ରୀ ବଳିୟାରସିଂହ କହିଛନ୍ତି । ସମାଜର ତଳସ୍ତରରେ ବାସ କରୁଥିବା ଗରୀବଶ୍ରେଣୀ ଲୋକଙ୍କ ଉତ୍‌ଥାନ ଏବଂ ସମାଜର ମୁଖ୍ୟ ସ୍ରୋତରେ ସେମାନଙ୍କୁ ଯଥାଶୀଘ୍ର ସାମିଲ କରିବା ଏବଂ ରାଷ୍ଟ୍ରଗଠନ ଓ ମହାପୁରୁଷଙ୍କ ଜିବନୀ ସଂପର୍କରେ ଦେଶ ତଥା ବିଶ୍ୱବାସୀଙ୍କୁ ଅବଗତ କରାଇବା ହେଉଛି ମୋଦି ସରକାରଙ୍କ ମୂଳ ଉଦ୍ଦେଶ୍ୟ । ଏପ୍ରିଲ ୬ ପ୍ରତିଷ୍ଠା ଦିବସ ପରେ ବିଜେପି ତରଫରୁ ଦେଶବ୍ୟାପୀ "ସାମାଜିକ ନ୍ୟାୟ ପକ୍ଷ" ପାଳନ କରାଯାଉଥିଲା ଏବଂ ଆଜି ହେଉଛି ଅନ୍ତିମ ଦିବସ । ଏହି ଅବସରରେ ବିଜେପି କାର୍ଯ୍ୟକର୍ତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ପ୍ରଚାର ଓ ପ୍ରସାର କରିବା ସହିତ ହିତାଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି । ଗତ ୧୫ ଦିନ ଧରି ପାଳନ ହେଉଥିବା "ସାମାଜିକ ନ୍ୟାୟ ପକ୍ଷ" ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ସମସ୍ତ କାର୍ଯ୍ୟକର୍ତା ରାଜ୍ୟର ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ଯୋଜନାର ସୁଫଳକୁ ସାଧାରଣ ଲୋକଙ୍କ ସହିତ ଆଲୋଚନା କରିଥିଲେ ।

## ସୁନୀତା ଶତପଥୀଙ୍କ ପୁସ୍ତକ ଗୋପୀକନ୍ଧ ମାୟାଲୋକ ଓ କାୟା ପ୍ରବେଶ ଉନ୍ମୋଚିତ

ଭୁବନେଶ୍ୱର,୨୧/୦୪ (ନି.ପ୍ର): ଓଡ଼ିଶାର ଆଦିବାସୀ ଜନଜୀବନକୁ ନେଇ ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ ରଚନା କରି ସମଗ୍ର ଜୀବନ ଆଦିବାସୀଙ୍କର ଜୀବନଧାରାକୁ ଅନୁସରଣ କରି ଗବେଷଣାରତ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଲେଖକ ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କର ୧୦୯ତମ ଜନ୍ମଦିନ ଅବସରରେ ପ୍ରଶାସିକା ସୁନୀତା ଶତପଥିଙ୍କ ଗବେଷଣାତ୍ମକ ପୁସ୍ତକ ଗୋପୀକନ୍ଧ - ମାୟାଲୋକ ଓ କାୟା ପ୍ରବେଶ ଆଜି ସନ୍ଧ୍ୟାରେ ଭୁବନେଶ୍ୱରଠାରେ ଏକ ମନୋଜ୍ଞ ପରିବେଶରେ ସମବାୟ ସମିତି ସମୂହର ମହାସମୀକ୍ଷକ ଭରତ ଚନ୍ଦ୍ର ବେହେରାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଅଛି । ଏହି ସାରସ୍ୱତ କାର୍ଯ୍ୟକ୍ରମରେ ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ସୁଦର୍ଶନ ସେଠୀ, ଅତିରିକ୍ତ ସମବାୟ ମହାସମୀକ୍ଷକ ସୁରେନ୍ଦ୍ର କୁମାର ସେଠୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ତଥା ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା, ଅଶୋକ କୁମାର ପତି, କ୍ଷୀରୋଦ ଚନ୍ଦ୍ର ମହାନ୍ତିଙ୍କ ସମେତ ବିଭିନ୍ନ ବର୍ଗର ସାହିତ୍ୟ ଅନୁରାଗୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ସାରସ୍ୱତ ଆଲୋଚନାରେ ଲେଖିକା ଶ୍ରୀମତୀ ଶତପଥୀ ତାଙ୍କ ବକ୍ତବ୍ୟରେ ४ ଗୋପୀନାଥ ମହାନ୍ତି ତାଙ୍କ ସମଗ୍ର ଜୀବନ ଆଦିବାସୀମାନଙ୍କର ଚଳଣୀ, ଜୀବନଧାରା, ସେମାନଙ୍କର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ବିଭବ ସମ୍ପର୍କରେ ଅନୁଶୀଳନ କରି ପାଦରେ ଚାଲିଚାଲି ଦୁର୍ଗମ ଆଦିବାସୀପଡ଼ା ମାନଙ୍କରେ ରାତ୍ରି ଯାପନ କରି ଆଦିବାସୀମାନଙ୍କର ପ୍ରିୟପାତ୍ର ହୋଇପାରିଥିଲେ । ସେମାନଙ୍କ ଜୀବନଧାରାକୁ ନେଇ ତାଙ୍କର ଅବିଭକ୍ତ କୋରାପୁଟ ଜିଲ୍ଲାରେ ଚାକିରୀ ଜୀବନରେ ସେମାନଙ୍କ ସହିତ ବିତେଇଥିବା ମୁହୂର୍ତକୁ ନିଜ ଲେଖନୀରେ ନିଖୁଣ ଭାବରେ ପରିପ୍ରକାଶ କରିଛନ୍ତି । ଗୋପୀବାବୁଙ୍କ ଜୀବନ ଦର୍ଶନ ଓ ଆଦର୍ଶ ଓ ତାଙ୍କ ସାରସ୍ୱତ ସୃଷ୍ଟି ପ୍ରତି ନିଜର ଦୁର୍ବଳତାକୁ ପାଥେୟ କରି ସେ ଗୋପୀନାଥ ମହାନ୍ତିଙ୍କ ଉପରେ ସେ ଅଧ୍ୟୟନ କରିବା ସହ ବିଭିନ୍ନ ଲେଖା ଲେଖିଛନ୍ତି । ତାଙ୍କର ପ୍ରଥମ ଲେଖା 'ନାଗବାଲିରୁ ନିୟମିଗିରି' ପ୍ରକାଶିତ ହୋଇଛି । 'ଗୋପୀକନ୍ଧ' ଏକ ଭିନ୍ନ ଢଙ୍ଗର ରଚନା, ଯାହାକୁ ସିଏ ପାଠକମାନଙ୍କ ଆଦୃତି ନିମନ୍ତେ ଉପସ୍ଥାପନ କରିଛନ୍ତି । ଗୋପୀନାଥଙ୍କ କନ୍ଧ ପରଜା ସ୍ତୋତ୍ର ଓ ସଂଗୀତ, କନ୍ଧ କାଳିସୀଙ୍କ ରୋଗ ଝାଡ଼ିବା ମନ୍ତ୍ର ବା କବଚ, ଚିତାଗୁଡ଼ି ଦେବତାଙ୍କ ବନ୍ଦନା, କନ୍ଧର ପ୍ରେମ ସଂଗୀତ, କନ୍ଧ ବିବାହ ସଂଗୀତ, ମୃତ୍ୟୁ ବରଣ ବିଳାପ, ମୃତ୍ୟୁ-କ୍ରିୟା ସ୍ତୋତ୍ର, କନ୍ଧ ପରଜା ସ୍ତୋତ୍ର ଓ ସଂଗୀତ ଆଦି ବିଭିନ୍ନ ପ୍ରସଙ୍ଗକୁ ଲେଖିକା ନିଜ ପୁସ୍ତକରେ ପ୍ରଦର୍ଶିତ କରିଛନ୍ତି । ଆଦିବାସୀମାନଙ୍କର ଜୀବନ ଦର୍ଶନ, ସାମାଜିକ ଚଳଣି, ଆଧୁନିକତାର ସ୍ପର୍ଶରେ ପରିବର୍ତନ ହୋଇଥିବା ବେଳେ ଆଦିବାସୀମାନଙ୍କର ମୂଳ ସଂସ୍କୃତି ଓଡ଼ିଶାର ସାଂସ୍କୃତିକ ପରମ୍ପରାକୁ ସବୁବେଳେ ସମୃଦ୍ଧ କରିଆସିଛି ଓ ଆସିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

## ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ସତ୍ୟବାଦୀ ବ୍ଲକ୍‌ରେ ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା

ଭୁବନେଶ୍ୱର,୨୧/୦୪ (ନି.ପ୍ର): ଲୋକସେବା ଭବନ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷଠାରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଂଜୟ କୁମାର ଦାସବର୍ମାଙ୍କ ଅଧକ୍ଷତା ଏବଂ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲାର ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ସତ୍ୟବାଦୀ ବ୍ଲକ୍ ରେ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବ୍ରହ୍ମଗିରି ବ୍ଲକ୍ ର ୫୯ଟି ଗ୍ରାମ, ସତ୍ୟବାଦୀ ବ୍ଲକ୍ ର ୪୬ଟି ଗ୍ରାମ, ଋଷିକୂଲ୍ୟା ନଦୀରୁ ଗଞ୍ଜାମ ଜିଲ୍ଲାର ୩୦ଟି ଗ୍ରାମ ଓ କୃଷ୍ଣପ୍ରସାଦ ବ୍ଲକ୍ ର ୯୦ଟି ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂର୍ଣ୍ଣାଙ୍ଗ କରିବା ପାଇଁ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ଶ୍ରୀ ଦାସବର୍ମା ଗୁରୁତ୍ୱ ଦେବା ସହ କଣାସ, ବ୍ରହ୍ମଗିରି ଓ ସତ୍ୟବାଦୀ ବ୍ଲକ୍ ର ୧୨୬ଟି ଗ୍ରାମକୁ ଭାର୍ଗବୀ ନଦୀରୁ ବିଶୁଦ୍ଧ ପାନୀୟ ଜଳଯୋଗାଣ କାର୍ଯ୍ୟରେ ବିଳମ୍ବ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ । ଶ୍ରୀ ଦାସବର୍ମା କହିଥିଲେ ଯେ ଉଭୟ ଚିଲିକା ଓ ସମୁଦ୍ର ପାଣି ଦ୍ୱାରା ପ୍ରଭାବିତ ଅଞ୍ଚଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ସେସବୁ ଅଞ୍ଚଳରେ ପୂର୍ବରୁ ଥିବା ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଜଳ ବିତରଣ ଏବଂ ସେସବୁ ପ୍ରକଳ୍ପର ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଉଚିତ । ପୁରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟରେ ଯେଭଳି କୌଣସି ବାଧା ଏବଂ ସ୍ଥାନୀୟ ସମସ୍ୟା ନଉଠେ, ସେଥି ପାଇଁ ପୁରୀ ଜିଲ୍ଲାପାଳ ପ୍ରତ୍ୟେକ ମାସରେ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ଚଳିତ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଯେଭଳି ଜିଲ୍ଲାରେ ପିଇବାପାଣିର ସଂକଟ ନ ଉପୁଜେ ସେଥିପାଇଁ ପର୍ଯ୍ୟାପ୍ତ ପରିମାଣର ନଳକୂପ ସହିତ ନିରନ୍ତର ସେବା ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନ ସଜାଗ ରହିବା ସହ ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍ ଅଞ୍ଚଳରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ଶ୍ରୀ ଦାସବର୍ମା ବୈଠକରେ ପରାମର୍ଶ ଦେଇଛନ୍ତି ।

ବୈଠକରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେବା ସହ ଏଥିରେ ଅବହେଳା ପ୍ରଦର୍ଶନ ହେଲେ ଏଗ୍ରିମେଂଟର ସର୍ତାବଳୀ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭାଗୀୟ ଯନ୍ତ୍ରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ପାନୀୟ ଜଳ ନିର୍ଦ୍ଦେଶକ ବି. ପରମେଶ୍ୱର ଏବଂ ଅନ୍ୟାନ୍ୟ ଯନ୍ତ୍ରୀ ଓ ଅଧିକାରୀଙ୍କ ସମେତ ଆଭାସୀ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଏବଂ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ ।

## ଜାତୀୟ ନୂଆ ଶିକ୍ଷା ନୀତି...

(ପୃଷ୍ଠା-୪ର ଅବଶିଷ୍ଟାଂଶ )

କେନ୍ଦ୍ରୀୟ ନିୟନ୍ତ୍ରଣ ଅଧୀନରେ ପସନ୍ଦ-ଆଧାରିତ ସିଲାବସ୍, ପ୍ରସାରଣ ପାଇଁ ନିଜସ୍ୱ ଚ୍ୟାନେଲ୍, ଭିଡିଓ ପଠାଇ ଶ୍ରେଣୀ, ଅଧ୍ୟୟନ ସାମଗ୍ରୀ ଏବଂ କ୍ୟୁରିଅର୍ ଦ୍ୱାରା ଆସାଇନମେଣ୍ଟ୍, ତା'ପରେ ଶେଷରେ ଛାତ୍ର ଆଭ୍ୟନ୍ତରୀଣ କ୍ରେଡିଟ୍ ସିଷ୍ଟମ୍, ସାର୍ଟିଫିକେଟ୍ ପରୀକ୍ଷା ଏବଂ ପାସ୍ କରିବାର ସୁଯୋଗ ପାଇଥାଏ । ଏହିପରି, ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଗଠନମୂଳକ ପରିବର୍ତ୍ତନ ଆଣି ବିଭିନ୍ନ ରାଜ୍ୟର ବୋର୍ଡଗୁଡ଼ିକ ପାରମ୍ପାରିକ ପାଠ୍ୟକ୍ରମକୁ ଅପ୍ରାସଙ୍ଗିକ କରିବାର କିଛି ନୂଆନୀତି କରନ୍ତି ।

ଏହା ପଛରେ ସୁଦୂରପ୍ରସାରୀ ଲକ୍ଷ୍ୟ ହେଉଛି, ସମଗ୍ର ଦେଶରେ ଏକ ଶିକ୍ଷା ଭିତ୍ତିଭୂମି ପ୍ରବର୍ତ୍ତନ କରିବା, ପରୋକ୍ଷରେ ଏକ ଜାତୀୟ ପାଠ୍ୟକ୍ରମ ଚଳାଇବା ଏବଂ ଶାସକମାନଙ୍କ ସ୍ୱାର୍ଥରେ ସେହି ପାଠ୍ୟକ୍ରମର ବ୍ୟବସ୍ଥା କରିବା । ଯାହା କେବଳ ଆଗାମୀ ୨୫ ବର୍ଷ ପାଇଁ ଅମୃତକାଳ ଧରାଯାଏ । ଏହି ସମୟ ମଧ୍ୟରେ ମୋଦୀ ସରକାର ଚାହୁଁଛନ୍ତି ଯେ ଦେଶର ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀ କେନ୍ଦ୍ରୀୟ ଶିକ୍ଷା ବ୍ୟବସ୍ଥାରେ କେନ୍ଦ୍ରୀୟ ଶିକ୍ଷା ଗ୍ରହଣ କରନ୍ତୁ ଏବଂ ଏକ ଜାତୀୟତାବାଦୀ ଭାବନାରେ ପରିଣତ ହୁଅନ୍ତୁ ଓ ପଢନ୍ତୁ, ହିନ୍ଦୁ ଧର୍ମ ଧାରଣା । ତେଣୁ ଭଗବାନ କୃଷ୍ଣଙ୍କ ବିଶ୍ୱ ଦର୍ଶନରେ ବ୍ଲାକ୍‌ହୋଲ୍ ସିଦ୍ଧାନ୍ତ ଶିକ୍ଷା ଦେବା ପାଇଁ ଏକ ପାଠ୍ୟକ୍ରମ ସୃଷ୍ଟି କରିବାର ଆଲୋଚନା ହେଉଛି । ଯଦି କେହି ପାରିବ, ବିଦ୍ୟାଳୟରେ ଗୀତା ପାଠ୍ୟକ୍ରମଠାରୁ ଆରମ୍ଭ କରି ଡାକ୍ତରୀ ଶିକ୍ଷା ପର୍ଯ୍ୟନ୍ତ ଆୟୁଷ ପର୍ଯ୍ୟନ୍ତ, ବିଜ୍ଞାନ ପାକ୍ସିରାଜ ଟେକ୍ନୋଲୋଜି ପର୍ଯ୍ୟନ୍ତ ପଢ଼ିବାରେ ଅସୁବିଧା ନାହିଁ । ନୂତନ ଶିକ୍ଷା ନୀତିର ଦର୍ଶନ ଦଲିଲ, ପ୍ରସ୍ତାବ ଏବଂ ବଜେଟ୍ ଆବଣ୍ଟନକୁ ବିଶ୍ଳେଷଣ କରିବାବେଳେ ଏହା ସ୍ପଷ୍ଟ । ସ୍ୱାଭାବିକ ଭାବରେ, ତେଣୁ ପ୍ରଶ୍ନ ଉଠେ, ଟେକ୍ନୋଲୋଜିର ଶକ୍ତିରେ ଶକ୍ତିଶାଳୀ ଏହି ଶିକ୍ଷାକୁ କିଏ ନିୟନ୍ତ୍ରଣ କରିବ ? କ୍ଷମତାର ରାଜନୀତି ତାଙ୍କୁ ପାର୍ଟିର ସ୍ୱାର୍ଥକୁ ନିୟନ୍ତ୍ରଣ କରିବା ପାଇଁ ବେଳେବେଳେ ବ୍ୟବହାର କରିପାରେ, ବେଳେବେଳେ କର୍ପୋରେଟ୍ ସ୍ୱାର୍ଥ , ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ତଥା ଅନୁସନ୍ଧାନର ସ୍ୱାର୍ଥରେ ରାଜ୍ୟ କିପରି ନୂତନ ଶିକ୍ଷା ନୀତି ନିୟନ୍ତ୍ରଣ କରିବ ତାହା ସରକାରଙ୍କୁ ଜଣାନ୍ତୁ । ଅନ୍ୟଥା, ଶିକ୍ଷା ଏକ କର୍ପୋରେଟ୍ ଉତ୍ପାଦରେ ପରିଣତ ହେବାର ଭୟ ବଢୁଛି ।

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪
ମୋ: ୯୦୪୦ ୧୫୧୪୭୫

## ବିଚାରଧୀନ କଏଦୀର ସ୍ୱାସ୍ଥ୍ୟବସ୍ଥା ଗୁରୁତର

ନୀଳଗିରି, ୨୧/୦୪ (ନି.ପ୍ର): ନୀଳଗିରି ଉପକାରାଗାରରେ ଥିବା ଜନୈକ ବିଚାରାଧୀନ କଏଦୀର ସ୍ୱାସ୍ଥ୍ୟବସ୍ଥା ସଂଗୀନ ହୋଇ ପଡ଼ିବାରୁ ଜେଲ୍ କର୍ମଚାରୀମାନେ ସଂଗେ ସଂଗେ ନୀଳଗିରି ମେଡିକାଲଠାରେ ଭର୍ତ୍ତି କରାଇଥିଲେ । ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଅଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଧିନସ୍ଥ ସନ୍ତରାଗଡ଼ିଆ ଅଂଚଳର ପର୍ଶୁରାମ ପାଣିଗ୍ରାହୀଙ୍କ ପୁଅ ଜଗଦିଶ ପାଣିଗ୍ରାହୀ (୩୦) ଚୋରା ମଦନ ବିକ୍ରି କରୁଥିବା ବେଳେ ନୀଳଗିରି ଅବକାରୀ ବିଭାଗ ଜଗଦିଶ ଙ୍କ ଠାରେ ୩୦ ଲିଟର ଦେଶୀ ମଦ ଜବତ ସହ ତାକୁ ଗିରଫ କରିବା ସହ ବୁଧବାର ୫ଟା ସମୟରେ ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟରେ ହାଜର କରାଯିବା ପରେ ଜାମିନ ନାମାଂଜୁର ହେବାରୁ ନୀଳଗିରି ଜେଲ ହାଜତକୁ ପଠାଇ ଦିଆଯାଇଥିଲା । ଆଜି ଗୁରୁବାର ଦିନ ପ୍ରାୟ ୫ଟା ସମୟରେ ଜଗଦିଶ ଜେଲରେ ରହିଥିବା ବେଳେ ହଠାତ୍ ଛାଟିପିଟି ହୋଇ ତଳେ ପଡ଼ିଯାଇଥିଲେ । ସଂଗେ ସଂଗେ ଜେଲରେ ଥିବା ଫର୍ମାସିଷ୍ଟ ଦେବବ୍ରତ କର ପ୍ରାଥମିକ ଚିକିତ୍ସା କରାଇ ନୀଳଗିରି ମେଡିକାଲକୁ ଅଣାଇଥିଲେ । ନିଶ୍ୱାସ ନେବାରେ କଷ୍ଟ ହେଉଥିବାରୁ ଅକ୍ସିଜେନ୍ ଲଗାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ଡାକ୍ତର ସଂଗେ ସଂଗେ ବାଲେଶ୍ୱର ମେଡିକାଲକୁ ପଠାଇ ଦିଆଯାଇଛି । ଏ ନେଇ ଜେଲ ସୁପରିନ୍‌ଟେଣ୍ଡେଂଟ ଦିପ୍ତୀମୟୀ ରାଉତକୁ ପଚାରିବାରୁ ତାଙ୍କର ବାତ ଥିବା ସୂଚନା ଦେଇଛନ୍ତି । ଅବକାରୀ ବିଭାଗ ପକ୍ଷରୁ ୫୧/୨୨ ରେ ଏକ ମାମଲା ରାଜୁ କରାଯାଇଥିଲା । କଏଦୀର ସ୍ୱାସ୍ଥ୍ୟବସ୍ଥା ବାବଦରେ ସଠିକ୍ ଜଣାପଡୁ ନ ଥିବା ବେଳେ ଘଟଣାର ଉଚସ୍ତରୀୟ ତଦନ୍ତ ଦାବୀ ହେଉଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରୁଷିଆ କବଜାରେ....

ଦୀର୍ଘ ଦିନ ଧରି ଏଠାରେ ଦୁଇ ଦେଶର ସେନାଙ୍କ ମଧ୍ୟରେ ସଂଘର୍ଷ ଲାଗି ରହିଥିଲା । ଆଉ ଏହାକୁ ଦଖଲକୁ ନେବାକୁ ନିଜ ସେନା ସମେତ ଅନ୍ୟଦେଶର ସୈନିକଙ୍କୁ ବି ନିୟୋଜିତ କରିଥିଲେ ପୁଟିନ୍ । ସେପଟେ ଯୁଦ୍ଧ ପରିସ୍ଥିତି ଅତ୍ୟନ୍ତ ଜଟିଳ ଓ ଅପରିବର୍ତ୍ତିତ ରହିଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲଦେମିର ଜେଲେନସ୍କି କହିଛନ୍ତି । ଆଗକୁ ପରିସ୍ଥିତି ଆହୁରି ଖରାପ ହେବ ବୋଲି ସେ ଆଶଂକା ପ୍ରକାଶ କରିଛନ୍ତି । ମାରିୟୁପୋଲ ଷ୍ଟିଲ ପ୍ଲାଂଟରେ ବଙ୍କର ବିଧ୍ୱଂସି ବୋମା ବ୍ୟବହାର କରି ଆକ୍ରମଣ କରୁଛି ରୁଷିଆ । ସେପଟେ ଆନ୍ତର୍ଜାତୀୟ ସହାୟତା ପାଇଁ ମାରିୟୁପୋଲର ମେରାଇନ କମାଣ୍ଡର ଅପିଲ କରିଛନ୍ତି । ଏକ ଭିଡିଓ ବାର୍ତ୍ତା ଜାରି କରି ମେଜର ସେରହି ଭୋଲିନା କହିଛନ୍ତି ତାଙ୍କ ସୈନ୍ୟ ଦଳ ଆତ୍ମସମର୍ପଣ କରିବ ନାହିଁ । କିନ୍ତୁ ଷ୍ଟିଲ ପ୍ଲାଂଟରେ ଲୁଚି ରହିଥିବା ୫ଶହ ଆହତ ସୈନିକ ଏବଂ ଶତାଧିକ ମହିଳା ଓ ଶିଶୁଙ୍କ ପାଇଁ ସେ ଆନ୍ତର୍ଜାତୀୟ ସହାୟତା ଚାହୁଁଛନ୍ତି । ଜେଲେନସ୍କି ମସ୍କୋକୁ ଅନୁରୋଧ କରିଛି, ରୁଷୀୟ ସେନାଙ୍କ ମୃତଦେହ ବଦଳରେ ଷ୍ଟିଲପାଂଟରେ ଆଶ୍ରୟ ନେଇଥିବା ନାଗରିକ, ଶିଶୁ ଓ ସୈନିକଙ୍କୁ ସୁରକ୍ଷିତ ଭାବେ ଛାଡିଦିଆଯାଉ । ୟୁକ୍ରେନର ନାଗରିକଙ୍କୁ ଉଦ୍ଧାର କରିବା ପାଇଁ ଏବଂ ମାନବୀୟ ସହଯୋଗ ପଠାଇବା ପାଇଁ ଜାତିସଂଘ ମୁଖ୍ୟ ଆଂଟୋନିଓ ଗୁଟେରସ ୪ଦିନ ଯୁଦ୍ଧବିରତି ପାଇଁ କହିଥିଲେ । ମାତ୍ର ଯୁଦ୍ଧ ବିରତି ପାଇଁ ଜାତିସଂଘର ଅପିଲକୁ ରୁଷ ପ୍ରତ୍ୟାକ୍ଷାନ କରିଦେଇଛି । ଆଉ ଷ୍ଟିଲପାଂଟରୁ ଯେପରି ଏକ ମାଛି ବି ବର୍ତି ନପାରେ ନିଜ ରକ୍ଷା ମନ୍ତ୍ରୀଙ୍କୁ ପୁଟିନ୍ ନିର୍ଦ୍ଦେଶ ଦେଇଛନ୍ତି । ଦିନକୁ ଦିନ ଅମାନବିୟ ହେବାରେ ଲାଗିଛନ୍ତି ପୁଟିନ । ୟୁକ୍ରେନ ଉପରେ ବିଜୟ ଘୋଷଣା ପାଇଁ ଏତେ ବ୍ୟାକୁଳ ହୋଇଯାଇଛନ୍ତି ଯେ, ପୋକ ମାଛି ପରି ଲୋକଙ୍କୁ ମାରିବାକୁ ବି ପଛାଉ ନାହାଁନ୍ତି । ଅନ୍ତର୍ଜାତୀୟ କଟକଣା, ପାଶ୍ଚାତ୍ୟ ଦେଶର ଆର୍ଥିକ ପ୍ରତିବନ୍ଧକ ତାଙ୍କୁ କିଛି ଫରକ ପକାଉନାହିଁ । ଆଉ ସେ କୌଣସି ବି ହାଲତରେ ଯୁଦ୍ଧକୁ ଜିତିବା ପାଇଁ ଲାଗି ପଡିଛନ୍ତି ।

## ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ....

ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଜାନକୀ ବାବୁଙ୍କ ଶାସନ କାଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରେ ଯେଉଁ ବିକାଶ ହୋଇଥିଲା ଆଜିର ଯୁବ ପିଢ଼ି ପାଖରେ ସେ ବାର୍ତ୍ତା ପହଂଚାଇବାର ଆବଶ୍ୟକତା ରହିଛି । ଓଡ଼ିଆ ଯୁବକ ମାନଙ୍କୁ ପ୍ରତିଷ୍ଠିତ କରିବା ପାଇଁ ସେ ହୋଟେଲକୁ ଶିଳ୍ପର ମାନ୍ୟତା ଦେଇଥିଲେ । କୃଷିର ବିକାଶ ପାଇଁ ଜଳସେଚନକୁ ଅଗ୍ରାଧିକାର ଦିଆଯାଇଥିଲା କିନ୍ତୁ ରାଜ୍ୟ ସରକାର ଏଭଳି ଜଣେ ଦୂରଦୃଷ୍ଟି ସଂପନ୍ନ ଜନ ନେତାଙ୍କ ସ୍ମୃତି ରକ୍ଷା କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି, ଯାହା ଅତ୍ୟନ୍ତ କ୍ଷୋଭର ବିଷୟ । ସ୍ମୃତି ଚାରଣ କରି ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ କହିଲେ ଯେ କୃଷକ ମାନଙ୍କ ପାଇଁ ୧୧ଟି ଚିନିକଳ, ୪୬ଟି ଶୀତଳ ଭଣ୍ଡାର ଓ ୯ଟି ସ୍ପିନିଙ୍ଗ ମିଲ ପ୍ରତିଷ୍ଠା ଜାନକୀ ବାବୁଙ୍କ ଶାସନ କାଳରେ କରାଯାଇଥିଲା । ତାହା ଏ ସରକାର ସମୟରେ ଇତିହାସ ହୋଇଯାଇଛି । କଂଗ୍ରେସ ସେବାଦଳର ରାଜ୍ୟ ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣରେ କହିଲେ କଂଗ୍ରେସ ଭବନ ସମ୍ମୁଖରେ ସ୍ୱର୍ଗତ ଜାନକୀ ବାବୁଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆମେ ଦୀର୍ଘ ୭ ବର୍ଷ ହେବ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବୀ କରି ଆସୁଛୁ କିନ୍ତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ମନୋରଞ୍ଜନ ଦାଶ, ମୁଖପାତ୍ର ରଜନୀ ମହାନ୍ତି, କଂଗ୍ରେସ ନେତା ପ୍ରକାଶ ମିଶ୍ର, ସତ୍ୟସ୍ମିତ ମହାନ୍ତି, ଆଲୋକ ମହାନ୍ତି, ମିହିର ଆଚାର୍ଯ୍ୟ, ସୁଭାଷ ପ୍ରଧାନ, ଭାସ୍କର ସେଠୀ, ମନୋରଞ୍ଜନ କୁଣ୍ଡୁ, କୁଳମଣି ସାହୁ, ମହମ୍ମଦ ସହାଦୁଲ୍ଲା, ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁରୀ ପରିକ୍ରମା ପ୍ରକଳ୍ପକୁ ନେଇ....

ପକ୍ଷ ରଖିବା ପାଇଁ ରାଜ୍ୟ ସରକାର ଓ ଏଏସଆଇକୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । କିନ୍ତୁ ଏଏସଆଇର ନୀରବତା ଯୋଗୁଁ ନିର୍ମାଣ କାର୍ଯ୍ୟ ଉପରେ ରହିତାଦେଶ ଜାରି କରିନାହାଁନ୍ତି କୋର୍ଟ । ଅର୍ଥାତ ଏବେ ନିର୍ମାଣ କାର୍ଯ୍ୟ ଯେମିତି ଚାଲୁଥିଲା ସେମିତି ଚାଲିବ । ଆଉ ପରବର୍ତ୍ତି ଶୁଣାଣି ବେଳକୁ କାର୍ଯ୍ୟ ଶେଷ ହୋଇଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଅନ୍ୟପଟେ ପୁରୀ ପ୍ରକଳ୍ପ ସ୍ଥଳରେ ବୁଲି ଦେଖିବା ପରେ ବି ଏଏସଆଇ ଅଧିକାରୀ କିଛି କହିନାହାଁନ୍ତି । ପୁରୀରେ ପହଁଚିଥିବା ସଂସଦୀୟ ଷ୍ଟାଣ୍ଡିଂ କମିଟି ସଦସ୍ୟ ମଧ୍ୟ ମିଶ୍ରିତ ପ୍ରତିକ୍ରିୟା ଦେଇଛନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଏଏସଆଇର ନୀରବତା ଓ ରାଜ୍ୟ ସରକାରଙ୍କ ଆଭୁମୁଖ୍ୟକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ଏପରିକି ଆଗକୁ ଭୁବନେଶ୍ୱର ସାଂସଦଙ୍କ ପରୋକ୍ଷ ସମର୍ଥନରେ ଏକ ବଡ ଧରଣର ପଦଯାତ୍ରା କରିବାକୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି ।

## ବଦଳିଲା ମନ୍ତ୍ରୀଙ୍କ ରୋଷେୟା ....

ଆଶଙ୍କାରେ ରାତାରାତି ଶବ ବ୍ୟବଚ୍ଛେଦ କରାଗଲା । ଏଥିପାଇଁ ମୃତକଙ୍କ ପରିବାର ସଦସ୍ୟଙ୍କ ସମ୍ମତି ରହିଥିଲା । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ମୃତଦେହ ବ୍ୟବଚ୍ଛେଦ କରାଗଲା ବୋଲି କହିଛନ୍ତି ଅତିରିକ୍ତ ଏସପି । ସେପଟେ ଏହି ଘଟଣାରେ ଝାରସୁଗୁଡାରେ ବିଜେପି ଆନ୍ଦୋଳନକୁ ଜୋରଦାର କରିଛି । ଏସପି ଅଫିସ ଘେରାଉ କରିଛନ୍ତି ବିଜେପି ନେତା । ଦଳର ଅଭିଯୋଗ ହେଲା, ଏକ ମାମଲା ରୁଜୁ କରି ପୁଲିସ ଚୁପ ବସିପଡିଛି । ତେଣୁ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି ଦଳ ।

## କାଳବୈଶାଖୀ ସମ୍ଭାବନା....

ଅଧିକାଂଶ ଜିଲ୍ଲାରେ ବଜ୍ରପାତ ସହ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି । ଅନୁଗୁଳ, ଢ଼େଙ୍କାନାଳ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା କୋରାପୁଟ, ରାୟଗଡା, ଓ କନ୍ଧମାଳ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଓ ପବନ ସହ ଝଡ଼ବର୍ଷା ଜନିତ କାଳବୈଶାଖୀର ସମ୍ଭାବନା ରହିଛି । ଏହି ସମୟରେ ପବନର ବେଗ ଘଂଟାପ୍ରତି ୪୦ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ରହିପାରେ । ଏହି ସମୟ ମଧ୍ୟରେ କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, ସୁନ୍ଦରଗଡ, ବୌଦ୍ଧ, କଳାହାଣ୍ଡି, ମାଲକାନାଗିରି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି ।

# ଆରଓବି ଭୁବନେଶ୍ୱର ପକ୍ଷରୁ 'ପ୍ରଶାସନିକ ସେବା ଏବଂ ନୂତନ ଭାରତ' ଶୀର୍ଷକ ୱେବିନାର ଆୟୋଜିତ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ବର୍ତ୍ତମାନର ପ୍ରଶାସନିକ ସେବା ଅଧିକାରୀମାନେ ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱ ସହିତ ଖାପଖୁଆଇ କାର୍ଯ୍ୟ କରିବା ଉଚିତ୍ । ସେମାନେ ଦେଶବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ (ଆରଓବି) ପକ୍ଷରୁ ଆୟୋଜିତ ''ପ୍ରଶାସନିକ ସେବା ଏବଂ ନୂତନ ଭାରତ ଶୀର୍ଷକ'' ୱେବିନାରରେ ବିଶେଷଜ୍ଞମାନେ ଏହା କହିଛନ୍ତି । ଏହି ୱେବିନାରରେ ବିଶେଷଜ୍ଞ ବକ୍ତା ଭାବେ ଅଂଶଗ୍ରହଣ କରି ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର ତଥା ସଚିବ ଶ୍ରୀମତୀ ଶୁଭା ଶର୍ମା କହିଥିଲେ ଯେ ପ୍ରଯୁକ୍ତି ଏବଂ ସାମାଜିକ ଗଣମାଧ୍ୟମ ଆଜିର ଦୁନିଆରେ ପରିବର୍ତ୍ତନକାରୀ ଭୂମିକା



ନିର୍ବାହ କରୁଛନ୍ତି । ବର୍ତ୍ତମାନର ପ୍ରଶାସନିକ ଅଧିକାରୀମାନେ ପ୍ରଯୁକ୍ତି, ସାମାଜିକ ଗଣମାଧ୍ୟମକୁ ଗ୍ରହଣ କରିବା ଉଚିତ୍ ଏବଂ ଜନସେବାରେ ଏହାର ସର୍ବୋତ୍ତମ ଉପଯୋଗ କରିବା ଆବଶ୍ୟକ ବୋଲି ସେ କହିଥିଲେ । କଟକ ମହାନଗର ଉପ ଆରକ୍ଷୀ ଆୟୁକ୍ତ ଶ୍ରୀ ପ୍ରତୀକ ସିଂ ଏହି ୱେବିନାରରେ ଅଂଶଗ୍ରହଣ କରି ପ୍ରଶାସନିକ ସେବା ଅଧିକାରୀମାନଙ୍କ ପରିବର୍ତ୍ତିତ ଭୂମିକା ବିଷୟରେ ଆଲୋଚନା କରିଥିଲେ । ଶ୍ରୀ ସିଂ କହିଥିଲେ ଯେ ପ୍ରଶାସନିକ ସେବା ଅଧିକାରୀମାନେ ଦେଶର ଆଶାଆକାଂକ୍ଷା ପ୍ରତି ଧ୍ୟାନ ଦେବା ସହିତ ତଦନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ । ସେମାନେ ଆତ୍ମନିର୍ଭର ଭାରତ ସଂକଳ୍ପକୁ ସାକାର କରିବା ଦିଗରେ କାର୍ଯ୍ୟ କରିବା ଉଚିତ୍ । ଏହି କାର୍ଯ୍ୟକ୍ରମରେ ଭୋପାଳସ୍ଥିତ ଜାତୀୟ ଆଇନ ସଂସ୍ଥାନ ବିଶ୍ୱବିଦ୍ୟାଳୟର ଡିନ୍ ଡକ୍ଟର ତପନ ରଞ୍ଜନ ମହାନ୍ତି ଅଂଶଗ୍ରହଣ କରିଥିଲେ । ପ୍ରଶାସନିକ ସେବା ମହତ୍ୱ ଉପରେ ଆଲୋକପାତ କରିବା ସହ ରାଷ୍ଟ୍ର ନିର୍ମାଣରେ ଏହାର ଯୋଗଦାନ ଉପରେ ସେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ଭାରତ କେବଳ ଏକ ରାଷ୍ଟ୍ର ନୁହେଁ ଏହା ଏକ ବିଚାର । ସ୍ୱାଧୀନତା ପରେ ଦେଶର ନୀତି ନିର୍ଦ୍ଧାରକମାନେ ଏହି ବିଚାର ପୋଷଣ କରିଥିଲେ ଏବଂ ଭାରତକୁ ଆଜିର ସ୍ଥିତିରେ ପହଞ୍ଚାଇବା ଲାଗି ଯୋଗଦାନ ଦେଇଥିଲେ । ପ୍ରଶାସନିକ ସେବା ଅଧିକାରୀମାନଙ୍କର ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା, ବର୍ତ୍ତମାନ ରହିଛି ଏବଂ ଆଗକୁ ମଧ୍ୟ ରହିବ ବୋଲି ସେ କହିଥିଲେ । ଆରଓବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ବ୍ୟାପକ ଭାବେ ପ୍ରଶାସନିକ ସେବାର କ୍ରମବିକାଶ ବିଷୟରେ କହିଥିଲେ ଏବଂ ଏହାର ମୂଳଦୁଆ ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ । ଶ୍ରୀ ମିଶ୍ର କହିଥିଲେ ଯେ ପ୍ରଶାସନିକ ସେବାର ୫ଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛି – ଆଇନ ପ୍ରତି ସମ୍ମାନ, ନିରପେକ୍ଷତା, ସ୍ୱାଧୀନତା, ପେସାଗତ ମନୋଭାବ ଏବଂ କର୍ତ୍ତବ୍ୟ ନିଷ୍ଠା ଏହି ୱେବିନାରରେ ଦେଶ ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ୱେବିନାରର ବୈଷୟିକ ଅଧିବେଶନ ପରେ, ଏକ ସାକ୍ଷାତକାର ଅଧିବେଶନ ଆୟୋଜନ କରାଯାଇଥିଲା । ଏଥିରେ ବିଭିନ୍ନ ଅଂଶଗ୍ରହଣକାରୀ ବିଶେଷ କରି ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଓ ବିଶେଷଜ୍ଞମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଶେଷଜ୍ଞମାନେ ସେମାନଙ୍କର ପ୍ରଶ୍ନର ଉତ୍ତର ଦେଇଥିଲେ ।

## ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଶୁଭ ଜନ୍ମଦିନ ପାଳିତ

ରୂପ୍‌ସା, ୨୧/୦୪ (ନି.ପ୍ର): ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି-ମୁନିରାଜ୍ଞୀ ଗୀତାଞ୍ଜଳୀ ମୁନିଙ୍କ ସୁପୁତ୍ର ବଧୂ ଡ଼ା ମୁନି ମତୀ ଲିପିକା ବାଛିନୀଙ୍କର୩୦ତମ ଶୁଭଜନ୍ମ ଦିବସ,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ,ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ମୁନି ସମାଜର ଜ୍ୟୋତି,ଜିଲ୍ଲା ସମ୍ପାଦକ ବ୍ରହ୍ମଜ୍ଞାନୀ ଯୋଗୀ ଅନନ୍ତ ପ୍ରଧାନ ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆଶ୍ରମର କୋଷାଧ୍ୟକ୍ଷ ବେଦବିତ ଯୋଗୀ ଭିକାରି ଚରଣ ମୁନି ମହୋଦୟ । ସମ୍ମାନୀତ ବକ୍ତା ଥିଲେ ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା, ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା, ମୁନି ରାଜ



ଅମୂଲ୍ୟ ମୁନି ଇତ୍ୟାଦି । ମୁନି ସଙ୍ଗୀତ ଗାନ କରିଥିଲେ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା । ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକ ଲତା ମହାପାତ୍ର, ବିମଳା ଲେଙ୍କା, ସୁସ୍ତୀ ଦଳାଇ, ବାସନ୍ତୀ ମହାଳିକ,ପୂର୍ଣ୍ଣମା ବର,ମିନତୀ ବେହେରା, ଲକ୍ଷ୍ମୀ ପ୍ରିୟା ଦାସ,ଜୁଲୁ ଦଳାଇ, ଉର୍ମିଳା ରାଉଳ, ତରୁଲତା ନାୟକ, ଯମୁନା ବର, ନୀନ ସାହୁ, ଲକ୍ଷ୍ମୀ ବେହେରା, ଫୁଲମଣୀ ବେହେରା, ସିନୁ ସିଂ, ସୁସ୍ତୀ ମାଝୀ, କୁନୀ ମାଝୀ, କ୍ଇକେଇ ଜେନା, ମୁନି ରାଜ ଅନାଦି ବାରିକ, ଜଗବନ୍ଧୁ ବର, ରଘୁନାଥ ବେହେରା, ସନାତନ ମଲ୍ଲିକ, ମୁନି କୁମାର ତାପସ,ନାରାୟଣ ମହାପାତ୍ର, ଡାକ୍ତର ଅଜିତ ନାୟକ,ଚିତ୍ତରଞ୍ଜନ ବର ଇତ୍ୟାଦି ।ଉପସ୍ଥିତ ସମସ୍ତେ ଏକମନ,ଏକ ପ୍ରାଣ ଏକ୍‌ଆତ୍ମା ଏବଂ ଏକଭାବନାରେ ତଲ୍ଲୀନ ହୋଇ ପ୍ରଣବ,ଶୁଭ ଭାବନା ମିଶ୍ରିତ ପ୍ରଣବ, ବେଦ ପାଠ, ଶାନ୍ତି ପାଠ କରି ଉଭୟଙ୍କୁ ଦୀର୍ଘ ନୀରୋଗ, ନୀରାମୟ ଓ ଆନନ୍ଦମୟ ଜୀବନ ସହିତ ଉଜ୍ଜ୍ୱଳ ଭବିଷ୍ୟତ ଶୁଭ ଆଶୀର୍ବାଦ ପ୍ରଦାନ କରିଥିଲେ । ଶେଷରେ ପିତା ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଅବୈଧ ନିଯୁକ୍ତି ରଦ୍ଦ ପାଇଁ ଉଚ୍ଚ ଶିକ୍ଷା ସଚିବଙ୍କ ନିକଟରେ ଅଭିଯୋଗ

ବାଲିଆପାଳ, ୨୧/୦୪ (ନି.ପ୍ର): ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଏକ ଅବୈଧ ନିଯୁକ୍ତିକୁ ନେଇ ଗ୍ରାମବାସୀ ଆଜି ଉଚ୍ଚ ଶିକ୍ଷା ସଚିବଙ୍କଠାରେ ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ୨୦୧୬ ମସିହାରେ ପରିଚାଳନା କମିଟି ତତ୍କାଳୀନ କଲେଜ ଅଧକ୍ଷ ମନୀନ୍ଦ୍ର ସାହୁଙ୍କ ବୁଲକରା ଭାବରେ ଶ୍ରୀ ବିଶ୍ୱନାଥ ସାମଲଙ୍କୁ ନିଯୁକ୍ତ କରାଯାଇଥିଲା । ମାତ୍ର ମହାବିଦ୍ୟାଳୟରେ ପରିଚାଳନା କମିଟି କାର୍ଯ୍ୟକରୁନଥିବା ସୁଯୋଗ ନେଇ ବର୍ତମାନର ଅଧକ୍ଷ ଡ. ସରୋଜ କୁମାର ଗିରି ଶ୍ରୀ ସାମଲଙ୍କୁ ୧୩/୪/୨୦୨୨ ରିଖ ଅଫିସ ଚିଠି ସଂଖ୍ୟା ୭୪ରେ କିରାଣୀ ଭାବରେ ନିଯୁକ୍ତି ଦେଇଛନ୍ତି । ଏହା ଜଣାପଡିବା ପରେ ସ୍ଥାନୀୟ ଅଂଚଳରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଯାହାକୁ ନେଇ ଆଜି ସ୍ଥାନୀୟ ଅଂଚଳର କୁଶ ଚନ୍ଦ୍ର ପ୍ରମାଣିକ,ଲମ୍ବୋଦର ଗିରି,ସପନ କୁମାର ମାଣିକ,ନିତ୍ୟାନନ୍ଦ ମାଣିକ,ଅନନ୍ତ ଦାସ,କରୁଣାକର ଗିରି ପ୍ରମୁଖ ଆଜି ଏହି ଅବୈଧ ନିଯୁକ୍ତି ବିରୋଧରେ ଉଚ୍ଚ ଶିକ୍ଷା ସଚିବ,ନିର୍ଦ୍ଦେଶକ ଉଚ୍ଚଶିକ୍ଷା ବିଭାଗ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବାଲେଶ୍ୱର,ଜିଲାପାଳ ବାଲେଶ୍ୱର, ଉପଜିଲାପାଳ ବାଲେଶ୍ୱର ପ୍ରମୁଖଙ୍କୁ ଲିଖିତ ଭାବରେ ଅଭିଯୋଗ କରିଛନ୍ତି । ତେବେ ଏ ସଂକ୍ରାନ୍ତରେ ବର୍ତମାନର କଲେଜ ଅଧକ୍ଷ ଡ. ଗିରିଙ୍କୁ ପଚାରିବାରୁ ସେ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଆଇନର ପରିଧି ଭିତରେ ରହି ଏହି ନିଯୁକ୍ତି ଦେଇଥିବା ସେ କହିଛନ୍ତି ।

## ଡଗରାରେ କଳାକାର ସମ୍ମିଳନୀ



ବାଲିଆପାଳ, ୨୧/୦୪ (ନି.ପ୍ର): ବିଜେଡି ସାଂସ୍କୃତିକ ସାମୁଖ୍ୟ ଏବଂ ଲକ୍ଷ୍ମୀନାରାୟଣ କଳାକାର ସଂଘ ଆନୁକୂଲ୍ୟରେ କଳାକାର ସମ୍ମିଳନୀ ବାଲିଆପାଳ ବ୍ଲକ ଅଧିନସ୍ଥ ଡଗରା ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ କାର ?ୟ୍ୟକାରୀ ସଭାପତି ତଥା ବରିଷ୍ଠ ନାରୀନେତ୍ରୀ ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ କହିଥିଲେ ଯେ,ବାଲେଶ୍ୱର ଜିଲାର ସମସ୍ତ କଳାକାର ମୋ ପରିବାର । ସେମାନଙ୍କର ସମସ୍ତ ଦୁଃଖ କଷ୍ଟକୁ ମୁଁ ମୋର ଦୁଃଖ କଷ୍ଟ ବୋଲି ଭାବେ ଯେତେବେଳେ ମୋତେ ଯେ କେ ?ଣସି କାମ ପାଇଁ ଖୋଜିବେ, ସାଧମତେ ନିଶ୍ଚିତ ଭାବେ ସାହାଯ୍ୟର ହାତ ବଢ଼ାଇବି । ମୁଁ କଳାନୁରାଗୀ ଭାବେ ପ୍ରାୟ ସବୁ ଅନୁଷ୍ଠାନ ସହ ଜଡ଼ିତ ରହିଛି । ବାଲେଶ୍ୱର ହେଉଛି କଳାକାରଙ୍କୁ ଭଲପାଉଥିବା ମାଟି । ଆମର କଳା ଆଉ ସଂସ୍କୃତି ରୁଚିସଂପନ୍ନ ଆଉ ଋଦ୍ଧିମନ୍ତ । ଏହି କଳାକୁ ନେଇ ମୁଁ ବିଦେଶ ପର ?ୟ୍ୟନ୍ତ ଯାଇପାରିଛି । କଳା ପାଖରେ ମୁଁ ସବୁ ବେଳେ ଋଣୀ ରହିବି ବୋଲି ଶ୍ରୀମତୀ ଜେନା କହିଥିଲେ । ଏହି ସଭାରେ ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ,ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ଜିଲ୍ଲା ସଂଯୋଜକ ଜ୍ୟୋତିପ୍ରକାଶ ବାରିକ, ଜିଲ୍ଲା ପରିଷଦ ବେଣୁଧର ଜେନା, ମନ୍ମଥ ଗିରି,ନିତ୍ୟାନନ୍ଦ ଜେନା,ଚକ୍ରଧର ଗିରି,ବିଷ୍ଣୁପ୍ରିୟା ମହାପାତ୍ର ସମେତ ଏହି ଅଞ୍ଚଳର ଶତାଧିକ କଳାକାର ଯୋଗ ଦେଇଥିଲେ ।

## ବଣିଆଡିହା ଗ୍ରାମରେ ପିଇବା ପାଣିର ଘୋର ଅଭାବ

ଲଙ୍ଗଳେଶ୍ୱର, ୨୧/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ଗ୍ରାମରେ ପିଇବା ପାଣି ଘୋର ଅଭାବ ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମର ଦୁଇଶହ ପରିବାରର ଆଠ ଶହ ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ଲୋକଙ୍କ ପିଇବା ପାଣି ପାଇଁ ପାଞ୍ଚଟି ନଳକୂଅ ଥିବାବେଳେ ଚାରିଟି ଅଚଳ ହୋଇ ଦୀର୍ଘଦିନ ହେବ ପଡ଼ିଥିଲେ ହେଁ ଏଯାଏଁ ଏଇ ଅଚଳ ନଳକୂଅ କୁ କାର୍ଯ୍ୟକ୍ଷମ କରାଯାଇପାରି ନାହିଁ । ତେଣୁ ଏକମାତ୍ର ସଚଳ ଥିବା ନଳକୂଅ ଗ୍ରାମ ଲୋକର ଭରସା । ପାଣି ପାଇଁ



ଘରର ମହିଳାମାନେ ବହୁ ରାସ୍ତା ଯିବାକୁ ପଡିବା ସହିତ ଘଣ୍ଟା ଘଣ୍ଟା ଧରି ଲାଇନ ରେ ଛିଡା ହେବା କଷ୍ଟ ଦାୟକ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି । ଗ୍ରାମ ଅଧା ଯାଏ ଯଦିଓ ପାଇପ ଲାଇନ ଆସିଛି । ସେ ପାଣିରେ ଏତେ ମଇଳା ଆସୁଛି ଯେ ତାହା ପିଇବା ସମ୍ଭବ ହୋଇପାରିନି । ତେଣୁ ଖୁବଶୀଘ୍ର ଅଚଳ ନଳକୂଅ କାର୍ଯ୍ୟକ୍ଷମ କରିବା କିମ୍ବା ନୂଆ ନଳକୂଅ ବସାଇବାକୁ ହେମନ୍ତ କୁମାର ବାରିକ ସ୍ୱାଗତିକା ଦେ, ଶକୁନ୍ତଳା ବାରିକ,ରୀନା ପଟ୍ଟାୟତ, ବିଜୟ ଲକ୍ଷ୍ମୀ ବାରିକ, ରଶ୍ମିତା ବାରିକ ସମେତ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ପରୀକ୍ଷାକେନ୍ଦ୍ର ନହେବା ଯୋଗୁଁ ଉଦ୍‌ବେଗ

ଲଙ୍ଗଳେଶ୍ୱର, ୨୧/୦୪ (ନି.ପ୍ର): ସିଂଲା ଥାନା,ସଦର ବ୍ଲକ ଅନ୍ତର୍ଗତ କଷାଫଳ ଭଗବାନ ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ ରେ ଦଶମ ଶ୍ରେଣୀ ପରୀକ୍ଷା କେନ୍ଦ୍ର ନ ହେବା ଯୋଗୁଁ ଛାତ୍ର ଅବିଭାବକ ମାନେ ଉଦବେଗ ପ୍ରକାଶ କରିଛନ୍ତି । ଏଇ ବିଦ୍ୟାଳୟରେ ଚଳିତବର୍ଷ ଦେଢ଼ଶହ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେବେ ।ନିୟମ ଦୃଷ୍ଟିରୁ ଯିଏ ବ୍ଲକର ପିଲା ସେହି ବ୍ଲକ ରେ ଥିବା ସ୍କୁଲରେ ପରୀକ୍ଷାକେନ୍ଦ୍ର ହେବା କଥା,କିନ୍ତୁ ଭୌଗଳିକ ଦୃଷ୍ଟି କୋଣରୁ ଏହା ନଦୀ ଓ ସମୁଦ୍ର ର ବିଚ୍ଛିନ୍ନାଂଚଳ ହୋଇଥିବାରୁ ଏଠାରୁ ଦଶ କି:ମି:ଦୂର ବଳଙ୍ଗ ଈଶ୍ୱର ଚନ୍ଦ୍ର ଉଚ୍ଚବିଦ୍ୟାଳୟ ରେ ପରୀକ୍ଷାକେନ୍ଦ୍ର




ହୋଇଛି । ତେବେ ଭଗବାନ ଚନ୍ଦ୍ର ଉଚ୍ଚବିଦ୍ୟାଳୟ ଏକ ସରକାରୀ,୫ଶ୍ୱ ସ୍କୁଲ ।ଏଠାରେ ପ୍ରତିବର୍ଷ ପରୀକ୍ଷାକେନ୍ଦ୍ର ହୁଏ । ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁଁ ତିନି ରୁ ପାଞ୍ଚ କି:ମି ପାଖ ପରୀକ୍ଷାକେନ୍ଦ୍ର ରେ ପଡିବା କଥା । ୯୯ଛାତ୍ରଛାତ୍ରୀ ଥିବା ସ୍କୁଲରେ ଦେଢ଼ଶହ ଛାତ୍ରଛାତ୍ରୀ ଥିବା ସ୍କୁଲ ସେଣ୍ଟର ପଡିବା କଉ ନିୟମ ବୋଲି ଅବିଭାବକ ମନେ ପ୍ରଶ୍ନ କରିଥିବା ସହିତ ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ରେ ଛାତ୍ରଛାତ୍ରୀ ମାନେ ଦଶ କି:ମି:ଦୂର ପରୀକ୍ଷା ଦେବାକୁ ଯିବା ବିପଦପୂର୍ଣ୍ଣ ବୋଲି ଅବିଭାବକ ମାନେ ଉଦବେଗ ପ୍ରକାଶ କରିଛନ୍ତି । ତେବେ ପରୀକ୍ଷାକେନ୍ଦ୍ର ପରିବର୍ତନ କରି କଷାଫଳ ନିଜ ସ୍କୁଲରେ ପରୀକ୍ଷା କରିବାକୁ ଦାବି ହୋଇଛି ।

ବୀଣାପାଣି ଶିଶୁ ମନ୍ଦିର

ରୂପସା, ବାଲେଶ୍ୱର

୨୦୨୨-୨୩ ଶିକ୍ଷାବର୍ଷ ପାଇଁ ନାମଲେଖା ଚାଲୁଅଛି

ଏହା ୩୦.୦୪.୨୦୨୨ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହା ଉତ୍କଳ ଶିକ୍ଷା ପରିଷଦ ଓ ଓଡ଼ିଶା ସରକାରଙ୍କ ନୀତି ଓ ନିୟମ ଅନୁଯାୟୀ ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ । ଏହି ଆଦର୍ଶ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଏ । ଏହା ବିଶେଷ ଭାବରେ ଇଂରାଜୀ, ଯୋଗ, ବୌଦ୍ଧିକ ଶିକ୍ଷା, ଯୋଗ ବ୍ୟାୟାମ ଉପରେ ଗୁରୁତ୍ୱ ଦିଆଯାଇ ଥାଏ ।

ରାଜ୍ୟ ସରକାରଙ୍କ RTE Act ଅନୁଯାୟୀ ନିଃଶୁଳ୍କ ୨୫% ସ୍ଥାନ ସଂରକ୍ଷିତ କେବଳ ଆର୍ଥିକ ଅନଗ୍ରସର ପିଲାଙ୍କ ପାଇଁ ସଂରକ୍ଷିତ ।

ବୀଣାପାଣି ଶିଶୁ ମନ୍ଦିର ପରିଚାଳନା
ପରିବାର, ରୂପସା, ବାଲେଶ୍ୱର

ଯୋଗାଯୋଗ: ୯୯୩୭୬୫୮୪୮୩୬, ୯୪୩୭୯୬୦୩୮୩

# କୋଣାର୍କ, କାକଟପୁରରେ କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର, ୨୧ ଏପ୍ରିଲ - ଇଲେକଟ୍ରୋନିକ୍ସ, ସୂଚନାପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଆଜି କୋଣାର୍କ ପୌରାଂଚଳ ଏବଂ କାକଟପୁର ନିର୍ବାଚନ ମଣ୍ଡଳୀ ଗସ୍ତ କରିବା ସହ ଏଠାକାର କ୍ରୀଡ଼ା ଭିତିଭୂମିର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ବେହେରା ଆଜି ପୂର୍ବାହ୍ନରେ କୋଣାର୍କ ପୌରାଂଚଳ ଗସ୍ତ କରିବା ସହ ଏଠାରେ ନିର୍ମାଣଧୀନ ବହୁମୁଖୀ ଇନ୍ ଡୋର ହଲ କାର୍ଯ୍ୟର ସମୀକ୍ଷା କରିଥିଲେ। କାର୍ଯ୍ୟର ଅଗ୍ରଗତି ନେଇ ସନ୍ତୋଷ ବ୍ୟକ୍ତ କରିବା ସହ ସମଗ୍ର ଓଡିଶାକୁ କ୍ରୀଡ଼ାର ଏକ ପେଣ୍ଠସ୍ଥଳ କରିବା ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ଯଥାଶୀଘ୍ର ପୂରଣ କରିବା ପାଇଁ ଆମ ସମସ୍ତଙ୍କୁ ତତ୍ପର ହୋଇ କାମ କରିବାକୁ ପଡିବ ବୋଲି ମନ୍ତ୍ରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବହୁମୁଖୀ ଇନ୍‌ଡୋର ହଲ ସମ୍ପୂର୍ଣ୍ଣ ହେଲେ ଏହା ସ୍ଥାନୀୟ ଅଂଚଳରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଏଥି ସହିତ ଏଠାରେ ଏକ ମୁକ୍ତାକାଶ ବ୍ୟାୟାମଶାଳା ନିର୍ମାଣ ନେଇ ମନ୍ତ୍ରୀ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀ କାକଟପୁର ଅଂଚଳଗସ୍ତ କରିବା ସହ ମିନିଷ୍ଟାଡିୟମ ନିର୍ମାଣ ଓ ଖେଳ ପଡ଼ିଆର ଉନ୍ନତିକରଣ ନେଇ ଆଲୋଚନା କରିଥିଲେ । ଏଥିପାଇଁ ଅର୍ଥ ଅନୁମୋଦନ ହୋଇସାରିଥିବାବେଳେ ଜମି ଚିହ୍ନଟ, ପ୍ରାଚୀର ନିର୍ମାଣ, ଖେଳାଳିମାନଙ୍କ ପାଇଁ ଚେଞ୍ଜିଂଗ ରୁମ ଏବଂ ଆନୁସଙ୍ଗିକ ବ୍ୟବସ୍ଥାକୁ ଯଥାଶୀଘ୍ର ଶେଷ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ କୋଣାର୍କ ଏନଏସି, ପୂର୍ତ୍ତ ଏବଂ କ୍ରୀଡ଼ା ବିଭାଗର ଅଧିକାରୀ, ପିଆରଆଇ ସଦସ୍ୟ ଏବଂ ସ୍ଥାନୀୟ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଗସ୍ତ ଅବସରରେ ମନ୍ତ୍ରୀ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ଚନ୍ଦ୍ରଭାଗା ନୋଳିଆ ସାହି ଅଂଚଳର ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଂଟନ କରିଥିଲେ ।

# ୩୫ତମ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ଭଦ୍ରକ, ୨୧/୦୪ (ନି.ପ୍ର): ଜିଲ୍ଲାପାଳ ତ୍ରିଲୋଚ୍ନ ମାଝୀଙ୍କ ଅଧକ୍ଷତାରେ ସଦ୍‌ଭାବନା ସଭାଗୃହରେ ଆଜି ସନ୍ଧ୍ୟାରେ ୩୫ତମ ଜିଲ୍ଲା ସଡ଼କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ସନତ କୁମାର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳଙ୍କ ସହିତ ଏସ୍.ପି. ଚ୍ରଣ ସିଂ ମୀନା, ଉପଜିଲ୍ଲାପାଳ ମନୋଜ ପାତ୍ର ଯୋଗ ଦେଇଥିବାବେଳେ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ। ବୈଠକରେ ପ୍ରଦତ୍ତ ସୂଚ୍ନା ଅନୁଯାୟୀ ୨୦୨୨ ମାର୍ଚ୍ଚ ସୁଦ୍ଧା ୩ ମାସ ମଧରେ ସମୁଦାୟ ୭୭ଟି ଦୁର୍ଘଟଣା ହୋଇଥିଲା ବେଳେ ୩୯ ଜଣଙ୍କର ମୃତ୍ୟୁ ଘଟିଛି। ଆର.ଟି.ଓ.ଙ୍କ ଦ୍ୱାରା ଧରପଗଡ଼ରେ ନିଶାଗ୍ରସ୍ତ ଗାଡ଼ିଋଳନା ପାଇଁ ୨୭୦ ଧାର୍ଯ୍ୟ ଲକ୍ଷ୍ୟ ଥିଲାବେଳେ ୨ଟି କେଶ୍ ଚିହ୍ନଟ ହୋଇଛି। ପୋଲିସ୍ ପାଇଁ ୪୬୦ ଲକ୍ଷ୍ୟ ଧାର୍ଯ୍ୟ ଥିଲାବେଳେ କୌଣସି କେଶ୍ ଚିହ୍ନଟ ହୋଇନାହିଁ। ହେଲମେଟ୍ ଆଇନ୍ ଅମାନ୍ୟରେ ଆର.ଟି.ଓ.ଙ୍କ ପାଇଁ ୧୮୦୦ ଧାର୍ଯ୍ୟ ଲକ୍ଷ୍ୟ ଥିଲାବେଳେ ୨,୪୩୮ ଚିହ୍ନଟ କରାଯାଇ ୧୭୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ପୋଲିସ ଦ୍ୱାରା ଏଥିରେ ୬୨୫୦ ଧାର୍ଯ୍ୟ ଲକ୍ଷ୍ୟରୁ ୪,୩୮୭ ଚିହ୍ନଟ କରାଯାଇ ୪୦ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଅଧିକ ବେଗରେ ଗାଡ଼ିଋଳନାରେ ଆର.ଟି.ଓ.ଙ୍କ ପାଇଁ ୯୦୦ ଧାର୍ଯ୍ୟ ଲକ୍ଷ୍ୟ ଥିଲାବେଳେ ୧୧୦୬ ଜଣଙ୍କୁ ଚିହ୍ନଟ କରାଯାଇ ୨୬୭ ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଛି। ପୋଲିସ୍‌ଙ୍କ ଦ୍ୱାରା କୌଣସି କେଶ୍ ଚିହ୍ନଟ କରାଯାଇନାହିଁ। ସମୀକ୍ଷା ଅନୁଯାୟୀ ସନ୍ଧ୍ୟା ସମୟରେ, ଦୁଇଚକିଆ ଯାନ ଦ୍ୱାରା ଏବଂ ଜାତୀୟ ରାଜପଥ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ଦୁର୍ଘଟଣା ଘଟିଥିବା ଶ୍ରୀଯୁକ୍ତ ଜେନା ପ୍ରକାଶ କରିଥିଲେ। ଏହି ଦିଗରେ ନିଶା ଜନିତ ଓ ହେଲମେଟ୍ ବିହୀନ ଗାଡ଼ିଋଳନାରେ ଅଧିକ ଧରପଗଡ଼ ଓ ସଚ୍ଚେତନତା ବୃଦ୍ଧି ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବ୍ଲାକ୍ ସ୍ପଟ୍ ଭାବେ ପୂର୍ବରୁ ଚିହ୍ନଟ କରାଯାଇଥିବା ଡାହାଣିଗଡ଼ିଆ ଛକ, ତ୍ରିଶଳପୁର ଛକ ଓ ରାଣୀତାଲ ଛକ ମଧରୁ ରାଣୀତାଲ ବ୍ୟତୀତ ଅନ୍ୟ ଦୁଇଟି ଗତ ୩ ମାସ ଧରି କୌଣସି ଦୁର୍ଘଟଣା ଘଟି ନଥିବାରୁ ସେଠାକାର ସ୍ଥିତି ସୁଧାରି ଯାଇଥିବା ଜଣାପଡ଼ିଛି ଏବଂ ସେ ଦୁଇଟିକୁ ବ୍ଲାକ୍ ସ୍ପଟ୍ ତାଲିକାରୁ ବାଦ ଦିଆଯାଇ ୩/୪ ରୁ ଅଧିକ ଦୁର୍ଘଟଣା ଘଟୁଥିବା ଜାଗାକୁ ନୂଆ ବ୍ଲାକ୍ ସ୍ପଟ୍ ଭାବେ ଚିହ୍ନଟ କରାଯାଉ ବୋଲି ଏସ୍.ପି. ନିର୍ଦ୍ଦେଶ ଦେଇଥିଲେ। ଆରଡ଼ି ଛକ, ନୂଆ ବସ୍ ଷ୍ଟାଣ୍ଡ ଆଦି ଜାଗାରେ ସର୍ଭିସ୍ ରୋଡ୍‌ର ମରାମତି, ଧାମନଗର, ବିଷ୍ଣୁପୁର, ବାରିକପୁର ଛକ ମାନଙ୍କରେ ସାଇନ୍‌ବୋର୍ଡ, ରାଣୀତାଲ ଛକରେ ଥିବା ୩ଟି ହମ୍ପ୍ସ ପୂର୍ବରୁ ସାଇନେଜ୍ ଲଗାଯିବା, ଚରମ୍ପା ଟ୍ରକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଅସ୍ଥାୟୀ ହମ୍ପ୍ସ ନିର୍ମାଣ ପାଇଁ ଉପସ୍ଥିତ ଡି.ବି.ଏଲ୍. କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜାମୁଝାଡ଼ି-ଧାମରା ରାସ୍ତା ନିର୍ମାଣରେ ଅଗ୍ରଗତି ଓ ସମସ୍ୟା ସମ୍ବନ୍ଧରେ ମଧ ସମୀକ୍ଷା କରାଯାଇଥିଲା।




## ସାମାନ୍ୟ କମିଲା ତାତି

ଭୁବନେଶ୍ୱର, ୨୧/୦୪ (ନି.ପ୍ର): କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ତାତି ସାମାନ୍ୟ କମିଛି। ଗୁରୁବାର ଦିନ ରାଜ୍ୟରେ ୧୦ ସ୍ଥାନରେ ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି। ଗତ କିଛି ଦିନ ଭଳି ସୋନପୁର ସର୍ବାଧିକ ଉତପ୍ତ ସହର ରହିଛି। ତେବେ ୨ ଦିନ ଧରି ଏଠାରେ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହୁଥିବା ବେଳେ ଆଜି ୪୨.୫ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ସୁନ୍ଦରଗଡ ସହରରେ ମଧ୍ୟ ତାପମାତ୍ରା ୪୨.୫ ଡିଗ୍ରୀ ରେକର୍ଡ଼ ହୋଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ କାଳବୈଶାଖୀ ଯୋଗୁଁ ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ତାପମାତ୍ରା ସାମାନ୍ୟ କମ୍ ରହିବ। ୨୪ ତାରିଖ ପରେ ପୁଣି ତାପମାତ୍ରା ବଢିବାର ସମ୍ଭାବନା ରହିଛି। ଗୁରୁବାର ଦିନ ରାଜ୍ୟରେ ୧୦ ସ୍ଥାନରେ ୪୦ ଡିଗ୍ରୀ ଉପରେ ଏବଂ ୪ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରେକର୍ଡ ହୋଇଛି।

# ୨୭ନଂ ଓ୍ୱାର୍ଡ଼ରେ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ

ବାଲେଶ୍ୱର,୨୧/୦୪ (ନି.ପ୍ର): ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୨୭ନଂ ଓ୍ୱାର୍ଡର ମାଣିଖମ୍ବ ଗ୍ରାମ ମହାପାତ୍ର ସାହିରେ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ପୌରଧକ୍ଷା ସବିତା ସାହୁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ସ୍ଥାନୀୟ କାଉନସିଲର ପଦ୍ମଲୋଚନ ଲେଙ୍କା ଏଥିରେ ଉପସ୍ଥିତ ଥିଲେ। ବାଲେଶ୍ୱର ପୌରାଞ୍ଚଳରେ ହେଉଥିବା ପାନୀୟ ଜଳ ସଙ୍କଟ ନେଇ ଶ୍ରୀ ଲେଙ୍କାଙ୍କ ସମେତ ତିନି କାଉନସିଲର ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପରେ ଏହି ନୂତନ ଜଳ ପ୍ରକଳ୍ପ ଶିଳାନ୍ୟାସ କରାଯାଇଛି। ସେହି କ୍ରମରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୭ନଂ ଓ୍ୱାର୍ଡରେ ପାନୀୟ ଜଳ ପ୍ରକଳ୍ପ ପାଇଁ ୪.୫ଲକ୍ଷ ଟଙ୍କା ମଞ୍ଜୁର ହେବା ପରେ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବା କାଉନସିଲର ଶ୍ରୀ ଲେଙ୍କା ସୂଚନା ଦେଇଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହେବା ପରେ ମାଣିଖମ୍ବ ଅଂଚଳର ପ୍ରାୟ ୬ଶହରୁ ଉର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇ ପାରିବେ ବୋଲି ସେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ଦ୍ୱିବେଦୀ, ଜୟନ୍ତୀ ନାୟକ, କୁବେର ନାୟକ, ଅଶୋକ ନାୟକ, ରବୀନ୍ଦ୍ର ନାୟକ, ସିଦ୍ଧେଶ୍ୱର ନାୟକ, ରାହୁଲ ଦାସ, ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



# ମହିଳା ଆରୋଗ୍ୟ ସମିତି ପକ୍ଷରୁ ଜଳଛତ୍ର

ବାଲେଶ୍ୱର,୨୧/୦୪ (ନି.ପ୍ର): ମା' ଲକ୍ଷ୍ମୀ ମହିଳା ଆରୋଗ୍ୟ ସମିତି ପକ୍ଷରୁ ସହରର ଗୋପାଳଗାଁ ଜେନାସାହିରେ ଜଳଛତ୍ର ଆରମ୍ଭ ହୋଇଛି। ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସହାୟତରେ ସ୍ଥାପନ କରାଯାଇଥିବା ଏହି ଜଳଛତ୍ରକୁ ସ୍ଥାନୀୟ କାଉନସିଲର କାର୍ତ୍ତିକ ଚନ୍ଦ୍ର ସାହୁ ଉଦଘାଟନ କରିବା ସହ ଆରୋଗ୍ୟ ସମିତି କାର୍ଯ୍ୟକର୍ତ୍ତାଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ବର୍ଦ୍ଧିତ ଗ୍ରୀଷ୍ମ ପ୍ରକୋପରେ ପଥଚାରୀଙ୍କ ପାଇଁ ଏହା ବେଶ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଆରୋଗ୍ୟ ସମିତି ସଭାପତି ସୁଷମା ଜେନା, ସମ୍ପାଦିକା ପୂର୍ଣ୍ଣିମା ସାହା, କୋଷାଧ୍ୟକ୍ଷା ଚନ୍ଦ୍ରପ୍ରଭା ଜେନା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଜଳଛତ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# 'ହେଲପିଙ୍ଗ ସୋସାଇଟି' ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୧/୦୪ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ବାଲେଶ୍ୱରରର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'ହେଲପିଙ୍ଗ ସୋସାଇଟି' ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲା ରକ୍ତଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ। ଜନନାୟକଙ୍କ ସ୍ମୃତିରେ ହେଲପିଙ୍ଗ ସୋସାଇଟି ଭଳି ଅନୁଷ୍ଠାନଙ୍କ ଏଭଳି ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେ କହିଥିଲେ। ଏହା ଦ୍ୱାରା ରକ୍ତର ଅଭାବ ମଧ୍ୟ ପୂରଣ ହୋଇପାରିଛି ବୋଲି ଶ୍ରୀ ମହାପାତ୍ର ମତ ପ୍ରକାଶ କରିଥିଲେ। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ମହେଶ କୁମାର ବିଶ୍ୱାଳ, ଯୁବନେତା ବିକ୍ରମ ପଣ୍ଡା, ଆଇନଜୀବୀ ମହମ୍ମଦ ସାହିରୁଲ୍ ହକ, ସମାଜସେବୀ ଜନ୍ନତ ହୋସେନ, ଛାତ୍ରନେତା ସୀମନ ଦାସ ମହାପାତ୍ର, ସୁରେଶ ଉପାଧାୟ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ହେଲପିଙ୍ଗ ସୋସାଇଟିର ସଭାପତି ହ୍ରିତିକ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ସଂଗଠନର ଉପ-ସଭାପତି ଶେଖ ନଜିମ୍, ଜୀବନ ସଂଗ୍ରାମ ମିଶ୍ର, ଅରୂପ ସାହୁ, ରଜତ ଘଡ଼େଇ, ସୁମିତ ରଞ୍ଜନ କର, ଦିବ୍ୟରଞ୍ଜନ ଦାସ, ଜ୍ୟୋତିପ୍ରକାଶ ରାଉତ, ସୁଧାଂଶୁ ବାରିକ, ପ୍ରିନ୍ସ ଆରୟାନ, ମୌସୁମୀ ପିରି, ସୋନାଲି ଦାସ, କିରନଜ୍ୟୋତି ମଣ୍ଡଳ, ଆଶିଷ ଆଶ୍ ଓ ଅବନୀ ଶଙ୍କର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ଚଳିତ ମେ' ୧୪ ଓ ୧୫ରେ ପଂଚଲିଙ୍ଗେଶ୍ୱର ମହୋତ୍ସବ

ନୀଳଗିରି, ୨୧/୦୪ (ନି.ପ୍ର): କରୋନା ମହାମାରୀ ଯୋଗୁଁ ୨ବର୍ଷ ଧରି ରାଜ୍ୟ ସରକାର ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବେଳ ଚଳିତ ବର୍ଷ କରୋନାର ପ୍ରଭାବ ଓଡ଼ିଶାରେ ନ ଥିବା ବେଳେ ଏହାକୁ ଆଖି ଆଗରେ ରଖି ଆସନ୍ତା ମେ ମାସ ୧୪ ଓ ୧୫ ତାରିଖ ୨ଦିନ ଧରି ପଂଚଲିଙ୍ଗେଶ୍ୱର ମହୋତ୍ସବ କରାଯିବାର କମିଟି ପକ୍ଷରୁ ନିଷ୍ପତି ନିଆଯାଇଛି । ଗୁରୁବାର ଦିନ ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ ଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଆୟୋଜନ କରାଯାଇଥିବା ବେଳେ ସର୍ବସମ୍ମତି କ୍ରମେ ମେ ମାସ ୧୪ ଓ ୧୫ ରେ ପଂଚଲିଙ୍ଗେଶ୍ୱର ମହୋତ୍ସବ କରାଯିବାର ନିଷ୍ପତି ନିଆଯାଇଅଛି । ଏହି ବୈଠକରେ ସ୍ଥାନୀୟ ସରପଂଚ ପୁରୁଷତ୍ତମ ସେଠୀ ସମାଜସେବୀ ମନୋରଂଜନ ଦାସ, ସମିତିସଭ୍ୟ ଭୋଳାନାଥ ମାଝି, ସମେତ ସ୍ଥାନୀୟ ଦୋକାନୀ ଗୋବିନ୍ଦ ଦାସ, ବାସୁଦେବ ଜେନା, ଅନିଲ ସେଠୀ, ପ୍ରଶାନ୍ତ ବିଶ୍ୱାଳ, ରବିନ୍ଦ୍ର ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ ।

# କୁଷ୍ଠ ଆରୋଗ୍ୟ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ଭିନ୍ନକ୍ଷମ ଚିହ୍ନଟ କରଣ ଶିବିର

ବାରିପଦା, ୨୧/୦୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ବାରିପଦା ସହରସ୍ଥିତ ଦୁଇଗୋଟି ଯଥା-ସଡକସାହି କୁଷ୍ଠ କଲୋନୀ ଓ ସରସ୍ୱତୀ କୁଷ୍ଠ କଲୋନୀରେ କୁଷ୍ଠ ରୋଗର ଆରୋଗୟ ଲାଭ କରିଥିବା ବ୍ୟକ୍ତି ମାନଙ୍କ ପାଇଁ ଦୁଇଗି ସ୍ୱତନ୍ତ ଭିନ୍ନକ୍ଷମ ଚିହ୍ନଟିକରଣ ଶିବିର ୧୯.୦୪.୨୦୨୨ ରିଖରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିର ମାନଙ୍କରେ ଶତାଧିକ କୁଷ୍ଠ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି ଉପସ୍ଥିତ ହୋଇ ତାଙ୍କର ଭିନ୍ନକ୍ଷମତା ପରୀକ୍ଷଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୮ ଜଣଙ୍କୁ ଭିନ୍ନକ୍ଷମ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ଓ ୮୬ ପରିବାରଙ୍କୁ ଫ୍ୟାମିଲି କିଟ୍ ଦେବା ପାଇଁ ଚିହ୍ନଟ କରାଯାଇଥିଲା। ଏହା ବ୍ୟତୀତ ୧୮ ଟି ଟ୍ରାଇସାଇକେଲ, ହୁଇଲ୍ ଚେୟାର, ଶ୍ରବଣ ଯନ୍ତ୍ର୨ଟି, କୃତ୍ରିମ ଅଂଗ-୪, ଆଶାବାଡ଼ି-୧୬, ସତନ୍ତ ଯୋତା-୪୩ ଟି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ଶିବିରରେ ଜିଲ୍ଲା ଭିନ୍ନକ୍ଷମ ପୁର୍ନବାସ କେନ୍ଦ୍ରର ଅଧିକାରୀ ଜିଲ୍ଲା କୁଷ୍ଠ ନିରାକରଣ କର୍ମକର୍ତ୍ତା ଓ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।



# ଜଳେଶ୍ୱର ଷ୍ଟାଡିୟମ ବିବାଦ : ୭ ଦିନର ଗଣ ଧାରଣା ସ୍ଥଗିତ

ଜଳେଶ୍ୱର, ୨୧/୦୪ (ନି.ପ୍ର): ଜଳେଶ୍ୱରସ୍ଥିତ ନେତାଜୀ ଷ୍ଟାଡିୟମକୁ ସଂକୁଚିତ କରି ବିଜୁପଟ୍ଟନାୟକ ମଲ୍ଟିପାର୍ପସ ଇଣ୍ଡୋର ଷ୍ଟାଡିୟମ ନିର୍ମାଣକୁ ନେଇ ଉପୁଜିଥିବା ବିବାଦର ଗଣଧାରଣା ୭ମ ଦିନରେ ପହଞ୍ଚିଛି । ଷ୍ଟାଡିୟମ ମଧ୍ୟସ୍ଥଳରେ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ହେଉଥିବାରୁ ଗ୍ରାମବାସୀମାନେ ଏହାକୁ ଗୋଟିଏ ପାର୍ଶ୍ୱରେ ନିର୍ମାଣ କରିବା ସହିତ ଆଉଟ୍‌ଡୋର୍ ଷ୍ଟାଡିୟମ ଅକ୍ଷୁର୍ଣ୍ଣ ରଖିବାକୁ କେନ୍ଦ୍ର କରି ଗ୍ରାମବାସୀ, ଖେଳପ୍ରେମୀ ଓ ପ୍ରଶାସନ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଗ୍ରାମବାସୀ ଓ ଖେଳପ୍ରେମୀମାନେ ଏଥିନେଇ ଷ୍ଟାଡିୟମ ନିକଟରେ ଧାରଣ ଦେବା ସହିତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆଜି ଗୁରୁବାର ମଧ୍ୟାହ୍ନରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଷ୍ଟାଡିୟମ ନିକଟରେ ପହଞ୍ଚି ଧାରଣକାରୀଙ୍କ ସହିତ ଆଲୋଚନା ଓ ପରେ ପଡିଆ ପରିଦର୍ଶନ କରିଥିଲେ । ଉକ୍ତ ଷ୍ଟାଡିୟମରେ ଆଉଟ୍‌ଡୋର୍ ଓ ଇଣ୍ଡୋର ଷ୍ଟାଡିୟମ ଉଭୟକୁ ନିର୍ମାଣ କରାଯିବାଲାଗି ଆଦେଶ ଦେବା ସହିତ ପଡିଆ ବାହାରେ ଥିବା ୩୦ ଡିସିମିଲ ଜାଗାର ମାପଚୁପ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆନ୍ଦୋଳନକାରୀଙ୍କ ପକ୍ଷରୁ ଧାରଣା ସ୍ଥଗିତ ରଖାଯାଇଥିବା ଜଣାଯାଇଛି । ଜିଲାପାଳଙ୍କ ସହିତ ଜିଲା ସ୍ପୋର୍ଟ ଅଫିସର ପୂର୍ଣ୍ଣଚନ୍ଦ୍ର ସିଂ, ପୂର୍ତ୍ତ ବିଭାଗ-୨ ଅଧିକ୍ଷଣ ଯନ୍ତ୍ରୀ ଇଂ ଆଲୋକ ମହାନ୍ତି, ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ଅତିରିକ୍ତ ତହସିଲଦାର ହେମନ୍ତ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ପୂର୍ତ୍ତବିଭାଗ ଯନ୍ତ୍ରୀ ଇଂ ନିହାର କାନ୍ତି ବେହେରା, ରାଜସ୍ୱ ନିରିକ୍ଷକ ଶରତ ବେହେରା ପ୍ରମୁଖ ଉପସ୍ଥିତ ରହି ମାପଚୁପ କରିଥିଲେ । ଆସନ୍ତାକାଲି ସମଗ୍ର ପଡିଆ ମପାଯାଇ ସ୍କେଚ୍‌ମେପ୍ ତିଆରୀ ହେବ ବୋଲି ଜଣାଯାଇଛି । ଗ୍ରାମ୍ୟମୁଖ୍ୟ ସିତାଂଶ ସେନାପତି, ବିଜେପି ନେତା ଅରୁଣ ବେଜ, ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ, କଂଗ୍ରେସ ନେତା ସୁଦାମ ପାତ୍ର, ରିଆଜ ଖାଁ, ଗିରିଜା ଦାସଙ୍କ ସହିତ ବହୁ ଆନ୍ଦୋଳନକାରୀ ଉପସ୍ଥିତ ଥିଲେ ।



## ଗୋଟିଏ ଦିନରେ ୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୯୬୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୬୮୭ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୦୪ ରହିଛି । ଆଜି ଚିହ୍ନଟ ହୋଇଥିବା ୯ ଜଣଙ୍କ ମଧ୍ୟରୁ ୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କେନ୍ଦ୍ରାପଡା ଜିଲ୍ଲାରେ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଖୋର୍ଧା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ନୂଆପଡା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁର ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଛନ୍ତି । ସେହିପରି ଷ୍ଟେଟ ପୁଲରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ରୋଟାରୀ କ୍ଲବ୍ ବାଲେଶ୍ୱର ଏବଂ କେଆର ହସପିଟାଲ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ନିଶୁଳ୍କ ସୁପର ସ୍ପେଶାଲିଷ୍ଟ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, ୨୧/୦୪ (ନି.ପ୍ର): ଆସନ୍ତା ୨୩ ତାରିଖ (ଶନିବାର) ରୋଟାରୀ କ୍ଲବ ବାଲେଶ୍ୱରଠାରେ କେଆର ହସପିଟାଲ, ଭୁବନେଶ୍ୱର ଏବଂ ରୋଟାରୀ କ୍ଲବ ବାଲେଶ୍ୱରଙ୍କ ଦ୍ୱାରା ମିଳିତ ଭାବରେ ଏକ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଶିବିର ହେବାର ସ୍ଥିର କରା ହୋଇଛି । ଏହା କେଆର ହସପିଟାଲର ନିମ୍ନଲିଖିତ ବିଭାଗରେ ଥିବା ସୁପାର ସ୍ପେଶାଲିଷ୍ଟ ଡାକ୍ତରଙ୍କ ଦ୍ୱାରା ପରିଚାଳିତ ହେବ (ଦିବା ୧୦ଟା ଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ) । ଏହି ଶିବିରରେ ଇ.ସି.ଜି. ରକ୍ତରେ ସର୍କରା ଏବଂ ବ୍ଲଡ୍ ପ୍ରେସର ଇତ୍ୟାଦି ପରୀକ୍ଷା କରିବାର ସୁବିଧା ଉପଲବ୍ଧ । ଏହାର ସୁଯୋଗ ନେବା ପାଇଁ ବାଲେଶ୍ୱର ରୋଟାରୀ କ୍ଲବ୍ ତରଫରୁ ବାଲେଶ୍ୱରବାସୀଙ୍କୁ ଅନୁରୋଧ । ଡାକ୍ତର ଦୀପକ କୁମାର ପରିଡ଼ା- ଲିଭର ସର୍ଜରୀ, ପବିତ୍ର କୁମାର ମିଶ୍ର- ଇଉରୋଲଜି, ବିକ୍ରମ କେଶରୀ ମହାପାତ୍ର-ହୃଦରୋଗ ବିଭାଗ, ସଂଜୀବ କୁମାର ମିଶ୍ର- କର୍କଟ ବିଭାଗ, ସଂଜୀବ ସିଂ- ଅସ୍ଥି ଶଲ୍ୟ ବିଭାଗ ଏବଂ ଭେଷଜ ଏବଂ ମଧୁମେହ ରୋଗ ବିଭାଗର ଡାକ୍ତର । ଆଜିଠୁ ଏହି ନମ୍ବରରେ (୯୯୩୭୩୯୦୧୫୬) ରେଜିଷ୍ଟ୍ରେସନ କରିବାର ସୁବିଧା ଉପଲବ୍ଧ ।

# ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ୯୪ତମ ପୂଣ୍ୟ ତିଥି ପାଳିତ

ବାରିପଦା,୨୧/୦୪ (ନି.ପ୍ର): ଆମେ ମୟୂରଭଞ୍ଜିଆ ସଂଗଠନ ପକ୍ଷରୁ ମୟୂରଭଂଜ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ୯୪ତମ ପୂଣ୍ୟ ତିଥି ପାଳିତ ହୋଇ ଯାଇଛି । ଏହି ଅବସରରେ ଆମେ ମୟୂରଭଞ୍ଜିଆର ପ୍ରତିଷ୍ଠାତା ସଂଜୟ କୁମାର ଚୌଧୁରୀଙ୍କ ଆବାହକତ୍ୱରେ ସଂଗଠନର ସଦସ୍ୟମାନେ ଗୁରୁବାର ସକାଳ ସାଢେସାତଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଂଜଦେଓଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି କୁ ଧୋଇ ସଫା କରିବା ସହିତ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ପୂଜ୍ୟପୂଜା ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ କ୍ରୀଡା ପ୍ରଶାସକ କୁମାର ରଂଜନ ପଣ୍ଡା ଏବଂ ଜିଲ୍ଲା ଓକିଲ ସଂଘର ସଂପାଦକ ବିପ୍ଳବ କୁମାର ବାରିକ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ସୁଜାତା ମିଶ୍ର, ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ଅଭିଷେକ ଯାଦବ, ତାପସ ପାଢୀ, ଆଡଭୋକେଟ ଧୀରେନ୍ଦ୍ର କୁମାର ଦାସ, ଆଡଭୋକେଟ ମାନସ କୁମାର ଦାସ, ଆଡଭୋକେଟ ସୁଶାନ୍ତ କୁମାର ବାରିକ୍, ମୋହରିର ସଂଘର ସଂପାଦକ ସଂଗ୍ରାମ ଶତପଥି, ଆକାଶବାଣୀ ବାରିପଦାର ଘୋଷକ ସତ୍ୟାନନ୍ଦ ସେଜପଡା, ସମାଜସେବୀ ପରିତୋଷ ଦାସ, ସଂଜୀବ ସେଠୀ, ଉମେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକାଶ ଥାଉକି ମୟୂରଭଂଜ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ଆର୍ବିଭାବ ୧୮୯୯ ମସିହା ଅଗଷ୍ଟ ମାସ ୭ତାରିଖରେ ହୋଇଥିଲା ବେଳେ ୧୯୨୮ ମସିହା ଏପ୍ରିଲ ୨୧ତାରିଖରେ ତିରୋଧାନ ହୋଇଥିଲା । ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓ ମାତ୍ର ୮ ବର୍ଷ ଶାସନ କରିଥିଲେ ସୁଦ୍ଧା ମୟୂରଭଂଜର ପ୍ରଗତିରେ ବିରାଟ ପରିବର୍ତ୍ତନ ଆଣିଥିଲେ । ଯେତେବେଳେ କଟକ ଭୁବନେଶ୍ୱର ଭଳି ସହରରେ ଟେଲିଫୋନ ସେବା, ପାଇପ ପାଣି, ବିଜୁଳି ଆଲୁଅ ପରି ସୁବିଧା ନ ଥାଏ, ସେତେବେଳେ ବାରିପଦା ସହରରେ ଏହି ସୁବଧାର ପ୍ରଚଳନ କରି ବାରିପଦାକୁ ଏକ ଅଗ୍ରଣୀ ସହରରେ ପରିଣତ କରିଥିଲେ। ରାଖାଲ ଦାସ ବାନାର୍ଜିଙ୍କ ରଚିତ ଓଡିଶା ଇତିହାସ ଓ ଗୋପିନାଥ ନନ୍ଦଙ୍କ ଓଡିଆ ଭାଷାତତ୍ତ୍ୱ ପ୍ରକାଶନ ପାଇଁ ସ ଅର୍ଥ ପ୍ରଦାନ କରିଥିଲେ । ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପାଇଁ ଅର୍ଥ ମଞ୍ଜୁର କରିଥିଲେ । ଫଳରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପରି ବିଶାଳ ଭାଷାକୋଷ ପ୍ରକାଶ ପାଇ ଓଡିଆ ଭାଷାର ସମୃଦ୍ଧି ଓ ପରିବୃଦ୍ଧି କ୍ଷେତ୍ରରେ ସାହାଯ୍ୟ କରିଥିଲା। ଏହା ଛଡା ରାଜ୍ୟ ଓ ରାଜ୍ୟ ବାହାରର ଅନେକ ଅନୁଷ୍ଠାନ ପାଇଁ ସେ ଅର୍ଥ ପ୍ରଦାନ କରିଥିଲେ।




# କେନ୍ଦ୍ରର ଶ୍ରମିକ ମାରଣ ନୀତି ବିରୁଦ୍ଧରେ ଜଳେଶ୍ୱରରେ କ୍ଷେତ ମଜଦୁର ୟୁନିଅନ୍ ପକ୍ଷରୁ ତହସିଲ୍ ଅଫିସରେ ବିକ୍ଷୋଭ ଓ ଦାବିପତ୍ର

ଜଳେଶ୍ୱର, ୨୧/୦୪ (ନି.ପ୍ର): ଜଳେଶ୍ୱର କ୍ଷେତ ମଜଦୁର ୟୁନିଅନ ତରଫରୁ ଜାତୀୟ କର୍ମନିଯୁକ୍ତି ଯୋଜନା କୁ କେନ୍ଦ୍ର ବିଜେପି ସରକାର ଧ୍ୱସ କରିବା ବିରୁଦ୍ଧରେ ପ୍ରଧାନମନ୍ତ୍ରୀ କଂ ଉଦ୍ଦେଶ୍ୟରେ ଜଳେଶ୍ୱରତହସିଦାରଙ୍କ ନିକଟରେ ୟୁନିଅନ ତରଫରୁ ବିକ୍ଷୋଭ କରିବା ସହ ଦାବୀ ପତ୍ର ପ୍ରଦାନ କରାଯାଇଛି । ମନେରେ ଗା ଯୋଜନାରେ ଗତ ବର୍ଷ ବ୍ୟୟବରାଦ ଠାରୁ ଚଳିତବର୍ଷ ବ୍ୟୟବରାଦ କେନ୍ଦ୍ର କମ୍ କରିଦେଇଛନ୍ତି । ଗତବର୍ଷ ଅପେକ୍ଷା ଅଧିକ ବ୍ୟୟ ବରାଦ କରିବା; ସର୍ବନିମ୍ନ ବର୍ଷକୁ ୨୦୦ଦିନ କାମ ଦେବା, ଦୈନିକ ମଜୁରୀ ୬୦୦ ଟଙ୍କା। କରିବା. ମଜୁରୀ ପ୍ରଦାନ କ୍ଷେତ୍ରରେ ଜାତି ଭିତ୍ତିକ ବିଭାଜନ ବନ୍ଦ କରିବା, ଶ୍ରମିକମାନେ ଦିନରେ ୨ଥର ଉପସ୍ଥାନ ଖାତାରେ ଦସ୍ତଖତ କରିବାକୁ ବନ୍ଦ କରିବା; ଭାଗଚାଷୀଙ୍କୁ ପଲ୍ଲୀସଭାରେ ଚିହ୍ନଟ କରି ଅତି କମରେ ୨୦ କ୍ୱିଣ୍ଟାଲ୍ ଧାନ ସରକାରୀ ଦାମ୍ ରେ କ୍ରୟ କରିବା ଆଦି ୭ ଦଫା ଦାବୀରେ ବିକ୍ଷୋଭ କରିବା ସହ ଦାବୀପତ୍ର ପ୍ରଦାନ କରିଛନ୍ତି । ୟୁନିଅନର ବ୍ଲକ ସଭାପତି ଦିପ୍ତିମାନ ଆଚାର୍ଯ୍ୟ ସଂପାଦକ ସେକ୍ ଅବଦୁଲ୍ ସାଦ୍ଦିକ୍ ସମେତ ଦଳିତ ନେତା ଦିଲ୍ଲିପ ଗିରି, ସିତାଂଶୁ ସେନାପତି, ଶ୍ରମିକ ନେତା ସଲ୍ଟୁ ଦାସ, ସେକନଜିମୁଦିନ, କାଦୁଅ ମାରାଣ୍ଡି, ପୂର୍ଣ୍ଣ ସିଂ, ରବିନ୍ଦ୍ର ବାରିକ, ଶଙ୍କର ଗୋଛାୟତ, ମଦନ ମାହାଲି, କୁନା ଟୁଡୁ ଆଦି ପ୍ରମୁଖ ନେତୃତ୍ୱ ମାନେ ଉପସ୍ଥିତି ରହି କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ କଡ଼ା ସମାଲୋଚନା କରିବା ସହିତ ସମସ୍ୟା ଉପରେ ଦାବୀ ପୂରଣରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି କର୍ମକର୍ତା ମାନେ ଚେତାବନୀ ଦେଇଛନ୍ତି ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo